ବର୍ଷ-୨୫, ସଂଖ୍ୟା-୫୭
ଭୁବନେଶ୍ୱର
୨୭, ଫେବୃଆରୀ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 57
Bhubaneswar
27 February, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଜର୍ଦ୍ଦାନଙ୍କ ରେକର୍ଡ ଶତକ

# ବିଳମ୍ବରେ ଉଠିଲା ଲିଙ୍ଗରାଜଙ୍କ ମହାଦୀପ

ଭୁବନେଶ୍ୱର, ୨୬।୨ (**ମହାଭାରତ**): ଆଜି ଦେଶ ତଥା ରାଜ୍ୟବ୍ୟାପୀ ମହାଆଡ଼ମ୍ବରପୂର୍ଣ୍ଣରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଦେଶର ଅନ୍ୟତମ ଶ୍ରେଷ୍ଠ ଶୈବ ପୀଠ ଏକାମ୍ର କ୍ଷେତ୍ର ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଶେଷରେ ଶ୍ରଦ୍ଧାଳୁ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ପାରମ୍ପରିକ ବେଢା ପରିକ୍ରମା ପରେ ଉଠିଛି ମହାଦୀପ। ପ୍ରଭୁ ଲିଙ୍ଗରାଜଙ୍କ ନୀତି କାନ୍ତି ଶେଷ ପରେ ନିର୍ଦ୍ଧାରିତ ସମୟଠୁ ୪୫ ମିନିଟ୍ ବିଳମ୍ବରେ ଅର୍ଥାତ୍ ୧୦ଟା୪୫ ମିନିଟ୍‌ରେ ମହାଦୀପ ଉଠିଥିଲା। ଦୀପ ଉଠିବା ବେଳେ ଉପସ୍ଥିତ ଶ୍ରଦ୍ଧାଳୁ ଓ ସେବାୟତଙ୍କ ହର ହର ମହାଦେବ ଧ୍ୱନିରେ କମ୍ପି ଉଠିଥିଲା ମନ୍ଦିର ପରିସର। ମହାଦୀପ ଦର୍ଶନ ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ ଶ୍ରଦ୍ଧାଳୁ। ମହାଦୀପ ଦେଖିଲାପରେ ନିଜର ଉପବାସ ଭଙ୍ଗ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀଲିଙ୍ଗରାଜଙ୍କ ସନ୍ଧ୍ୟା ଆଳତି ଓ ଟେରାଫିଟା ନୀତି ଶେଷ ହେବା ପରେ ଶ୍ରୀଜିଉଙ୍କ ଯାତ୍ରା ପୂଜା ଓ ବେଢ଼ା ନୀତି ଅନୁଷ୍ଠିତ ହୋଇଥିଲା ଏହା ପରେ ମହାଦୀପ ଉଠିବା ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ କଡା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ବୁଧବାର ରାତି ୧ଟାରୁ ଭକ୍ତମାନେ ଲିଙ୍ଗରାଜ ଦର୍ଶନ ପାଇଁ ଧାଡ଼ି ବାନ୍ଧି ଅପେକ୍ଷା କରିଥିଲେ। ଦିନତମାମ ମହାଦେବଙ୍କ ଦର୍ଶନ ଲାଗି ରହିଥିଲା ଏବଂ ସନ୍ଧ୍ୟାରୁ ଭଜନ ସମାରୋହ ସାଙ୍ଗକୁ ରାତିରେ ମହାଦୀପ ଦର୍ଶନ ପାଇଁ ଭିଡ଼ ହୋଇଥିଲା। ଏଥିପାଇଁ ମନ୍ଦିର ପ୍ରଶାସନରୁ ଆରମ୍ଭ କରି ବିଏମ୍‌ସି ଓ କମିସନରେଟ୍ ପୁଲିସ ପକ୍ଷରୁ ସବୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରି ଥିଲା। ଜାଗର ପାଇଁ ସମଗ୍ର ଏକାମ୍ର କ୍ଷେତ୍ର ସମେତ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଲିଙ୍ଗରାଜ ମନ୍ଦିର ମୁଖ୍ୟ ଫାଟକ ଠାରୁ ଆରମ୍ଭ ହୋଇ ବଡେଇବାଙ୍କ ଛକ ପର୍ଯ୍ୟନ୍ତ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ସାଢ଼େ ୩ଟାରେ ପ୍ରଭୁ ଲିଙ୍ଗରାଜଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ପ୍ରଭୁ ଲିଙ୍ଗରାଜଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯାଇଥିଲା। ମହାଶିବରାତ୍ରି ପାଇଁ ଭୋର ୩.୩୦ରୁ ଦିନ



୧୧ଟା ପର୍ଯ୍ୟନ୍ତ ଭକ୍ତଙ୍କୁ ସାହାଣ ମେଲା ଦର୍ଶନ ଦେଇଛନ୍ତି। ଶ୍ରୀ ଲିଙ୍ଗରାଜ ମହାପ୍ରଭୁ ପ୍ରଥମେ ସକାଳ ୫ ଟା ପର୍ଯ୍ୟନ୍ତ ସେବାୟତ ଓ ତାଙ୍କ ପରିବାର ଲୋକଙ୍କୁ ପ୍ରଭୁଙ୍କ ଦର୍ଶନ କରିବାକୁ ସୁଯୋଗ ମିଳିଥିଲା। ତାପରେ ସାଧାରଣ ଭକ୍ତଙ୍କ ପ୍ରବେଶ ପାଇଁ ଅନୁମତି ମିଳିଥିଲା। ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ସକାଳୁ ମନ୍ଦିରରେ ପହଞ୍ଚି ସୁରକ୍ଷା ଦାୟିତ୍ୱ ତଦାରଖ କରିଥିଲେ ଦୁଇ ଡିସିପି ଜଗମୋହନ ମିନ୍ନା ଓ ପିନାକ ମିଶ୍ର ସୁରକ୍ଷା ଦାୟିତ୍ୱରେ ୪୮ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲା। ଏହାସହ ୪ ଡିସିପି ପାହ୍ୟା ଅଧିକାରୀ, ୫ ଅତିରିକ୍ତ ଡିସିପି ପାହ୍ୟା ଅଧିକାରୀ, ୧୫ ଏସିପି, ୨୮ ଇନ୍ସପେକ୍ଟର ଏବଂ ୧୨୨ ଏସଆଇ ସୁରକ୍ଷା ଦାୟିତ୍ୱରେ ଅଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାରିକେଡ ମଧ୍ୟରେ ଭକ୍ତଙ୍କୁ ଦର୍ଶନ କରିବାକୁ ଛଡାଯାଇଥିଲା।

## ଖସିପଡ଼ିଲେ ସେବାୟତ

ଭୁବନେଶ୍ୱର, ୨୬।୨ (**ମହାଭାରତ**): ମହାଶିବରାତ୍ରି ପାଇଁ ଲିଙ୍ଗରାଜ ପୀଠ ଚଳଚଞ୍ଚଳ ଥିବା ବେଳେ ମହାଦୀପ ଉଠିବା ସମୟରେ ଅଘଟଣ ଘଟିଛି। ମନ୍ଦିର ଚୂଡ଼ାକୁ ଚଢୁଥିବା ବେଳେ ୧୦ ରୁ ୧୫ ଫୁଟ ଉଚ୍ଚତାରୁ ସେବାୟତ ଜଣକ ମହାଦୀପ ସହ ଖସିପଡିଥିଲେ। ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ତାଙ୍କ ସୁସ୍ଥ ଅଛନ୍ତି ଓ ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କ ନାମ ଯୋଗେନ୍ଦ୍ର ସମର୍ଥା। ଏହା ପରେ ଆଉ ଜଣେ ସେବାୟତ ମହାଦୀପ ଉଠାଇଥିଲେ। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ତାଙ୍କ ସହ ଆଇନ ମନ୍ତ୍ରୀ ପୃଥ୍ୱୀରାଜ



ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଉପସ୍ଥିତ ଥିଲେ।

ସେବାୟତ ଯୋଗେନ୍ଦ୍ର ସମର୍ଥାଙ୍କୁ ପ୍ରତିବର୍ଷ ମହାଦୀପ ଉଠାଉଥିଲେ। ଚଳିତବର୍ଷ ତାଙ୍କୁ ମଧ୍ୟ ମହାଦୀପ ଉଠାଇବା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ସେ ମନ୍ଦିର ଚୂଡ଼ାରେ ଚଢୁଥିବାବେଳେ ଅସାବଧାନତାବଶତଃ ତତଳକୁ ଖସି ପଡ଼ିଥିଲେ। ଏହି ସମୟରେ ମହାଦୀପରୁ ତେଲ ଖସି ଦୁଇ ଜଣ ଆହତ ହୋଇଛନ୍ତି। ଏହି ସମୟରେ ତଳେଥିବା ସେବାୟତ ତାଙ୍କୁ ତୁରନ୍ତ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏ ନେଇ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା କହିଛନ୍ତି ଯେ, ସେବାୟତଙ୍କ ଚିକିତ୍ସା ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆହତ ସେବାୟତଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କାଯାଇଛି। କାହିଁକି ଓ କେମିତି ଘଟିଲା ତାହାର ଅନୁଧ୍ୟାନ କରାଯିବ।

# ଚାମ୍ପିଅନ୍ସ ଟ୍ରଫିରୁ ଇଂଲଣ୍ଡ ବିଦା



ଲାହୋର, ୨୬।୨: ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ବଡ଼ ବିପର୍ଯ୍ୟୟ ଘଟାଇଛି ଆଫଗାନିସ୍ତାନ। ଆଜି ଗଦ୍ଦାଫି ଷ୍ଟାଡିୟମରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ଅଷ୍ଟମ ମୁକାବିଲାରେ ଆଫଗାନିସ୍ତାନ ଇଂଲଣ୍ଡକୁ ୮ ରନରେ ହରାଇଛି ରୋମାଞ୍ଚକର ବିଜୟ ସହ ଆଫଗାନିସ୍ତାନର ସେମି ଫାଇନାଲ୍‌ର ଆଶା ଉଜ୍ଜୀବିତ ରହିଥିବା ବେଳେ ପରାଜୟ ସହ ଇଂଲଣ୍ଡ ଚାମ୍ପିଅନ୍ସ ଟ୍ରଫିରୁ ବିଦା ହୋଇଛି। ଜୋ ରୁଟ୍‌ଙ୍କ ଶତକ ଉପରେ ଇବ୍ରାହିମ ଜଦ୍ରାନଙ୍କ ୧୭୭ ରନର ଇନିଂସ ଭାରି ପଡ଼ିଛି। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଜଦ୍ରାନଙ୍କ ୧୭୭ ରନ ଇନିଂସ ବଳରେ ୭ ୱିକେଟ୍ ହରାଇ ୩୨୫ ରନ କରିଥିଲା। ଜବାବରେ ଇଂଲଣ୍ଡ ଜୋ ରୁଟ୍‌ଙ୍କ ୧୨୦ ରନ ଇନିଂସ ସତ୍ତ୍ୱେ ୩୧୭ ରନରେ ଅଲଆଉଟ୍ ହୋଇଛି।

(ପୂର୍ଣ୍ଣାଙ୍ଗ ରିପୋର୍ଟ ପୃ-୮)

## ଅଲିଭ ରିଡଲେଙ୍କ ଗଣଅଣ୍ଡାଦାନ ପର୍ବ ଶେଷ

ଗଞ୍ଜାମ, ୨୬।୨ : ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଁଣ ରେ ଚଳିତ ବର୍ଷ ସର୍ବ କାଳିନ ରେକର୍ଡ ସଂଖ୍ୟକ ୬ଲକ୍ଷ ୯୮ହଜାର ୭୧୮ ଗୋଟି ଅଲିଭ ରିଡଲେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଚ ଅଣ୍ଡାଦାନ କରିଥିବା ଜଣାପଡ଼ିଛି । ଗଣ ଅଣ୍ଡାଦାନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ପ୍ରଥମ ଦିନରେ ୧୧,୩୯୦, ଦ୍ୱିତୀୟ ଦିନରେ ୭୮,୧୬୮, ତୃତୀୟ ଦିନରେ ୧,୨୮,୨୪୨, ଚତୁର୍ଥଦିନରେ ୧,୮୭,୫୭୮, ପଞ୍ଚମ ଦିନରେ ୧,୪୪,୯୦୦, ଷଷ୍ଠ ଦିନରେ ୯୦,୨୬୪, ସପ୍ତମ ଦିନରେ ୪୦,୮୭୦, ଅଷ୍ଟମ ଦିନରେ ୧୬,୩୦୬ ଗୋଟି ମା କଇଁଚ ସାମୂହିକ ଅଣ୍ଡାଦାନ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଟ୍ରମ୍ପଙ୍କ ରେଡ୍ କାର୍ଡ

**ନୂଆଦିଲ୍ଲୀ, ୨୬।୨ :** ଆମେରିକାର ନାଗରିକତା ହାସଲ କରିବା ଲାଗି ଅନେକ ବିଦେଶୀଙ୍କ ସ୍ୱପ୍ନ ରହିଥାଏ। ଯଦି ଆପଣଙ୍କ ନିକଟରେ ପ୍ରଚୁର ଅର୍ଥ ଅଛି, ତେବେ ଏହି ସ୍ୱପ୍ନ ସହଜରେ ପୂରଣ ହୋଇପାରିବ। ଏଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଅଫର ଘୋଷଣା କରିବାକୁ ଯାଉଛନ୍ତି। ଏହା ଜରିଆରେ ଧନୀ ଅପ୍ରବାସୀମାନେ ଆମେରିକାର ନାଗରିକତ୍ୱ ଗ୍ରହଣ କରିପାରିବେ ଏବଂ ଗୋଲ୍ଡ କାର୍ଡ ହାସଲ କରିପାରିବେ। ଏଥିପାଇଁ ଦରକାର ପଡ଼ିବ ୫୦ ଲକ୍ଷ



ଡଲାର ବା ଭାରତୀୟ ମୁଦ୍ରାରେ ୪୪ କୋଟି ଟଙ୍କା। ତେବେ ଏହି ଅର୍ଥ ଆମେରିକା ସରକାର ସିଧାସଳଖ ଆପଣଙ୍କଠାରୁ ନେବେ ନାହିଁ। ଆପଣଙ୍କୁ ଆମେରିକାରେ ଏହି ପରିମାଣର ଅର୍ଥ ନିବେଶ କରିବାକୁ ପଡ଼ିବ। ଟ୍ରମ୍ପ ଭିଜା କାର୍ଯ୍ୟକ୍ରମକୁ ଆମେରିକୀୟ ନାଗରିକତାର ରାସ୍ତା ବୋଲି କହିଛନ୍ତି।

ଟ୍ରମ୍ପ କହିଛନ୍ତି ଯେ, ଭିଜା କାର୍ଯ୍ୟକ୍ରମ ଗୋଲ୍ଡ କାର୍ଡ ଜରିଆରେ ଭବିଷ୍ୟତରେ ପ୍ରାୟ ୧୦ ଲକ୍ଷ ଗୋଲ୍ଡ କାର୍ଡ ବିକ୍ରି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଡ ପାଇବାକୁ ହେଲେ ୫୦ ଲକ୍ଷ ଡଲାର ଦେବାକୁ ହେବ। ଗୋଲ୍ଡ କାର୍ଡ ବର୍ତ୍ତମାନର ଇବି-୫ ଭିଜାର ସ୍ଥାନ ନେବ। ଏହାକୁ କ୍ରୟ କରି ଧନୀ ଲୋକମାନେ ଆମେରିକା ଆସିବେ, ଯାହାଦ୍ୱାରା ନିବେଶ ଏବଂ ନିଯୁକ୍ତି ବୃଦ୍ଧି ପାଇବ।

ଇବି-୫ ଭିଜା ଜରିଆରେ ଆମେରିକାର ନାଗରିକତା ହାସଲ କରିବା ଲାଗି ୧୦ ଲକ୍ଷ ଡଲାର ବା ପ୍ରାୟ ୮ କୋଟି ୭୫ ଲକ୍ଷ ଟଙ୍କା ଦେବାକୁ ପଡ଼ୁଛି ଟ୍ରମ୍ପଙ୍କ କହିବା ଅନୁସାରେ, ଗୋଲ୍ଡ କାର୍ଡ ଜରିଆରେ ଆମେରିକାର ଜାତୀୟ ଋଣ ଖୁବଶୀଘ୍ର ପରିଶୋଧ ହୋଇପାରିବ।

# ଆସ୍ଥାର ବୁଡ଼ ପକାଇଲେ ୬୬.୨୩ କୋଟି ଶ୍ରଦ୍ଧାଳୁ

ପ୍ରୟାଗରାଜ, ୨୬।୨ (**ମହାଭାରତ**): ଆଜି ସୂର୍ଯ୍ୟାସ୍ତ ସୁଦ୍ଧା ବିଶ୍ୱର ସବୁଠାରୁ ବିଶାଳ ଜନସମାଗମ ସ୍ଥଳ ମହାକୁମ୍ଭର ସମାପନ ହୋଇଛି। ୪୫ ଦିନ ଚାଲିଥିବା ଏହି ମହା ଆୟୋଜନର ଶେଷ ଦିନ ଶିବରାତ୍ରୀ ଅବସରରେ ରାତି ୮ଟା ସୁଦ୍ଧା ୧.୫୩ କୋଟି ଲୋକ ସ୍ନାନ କରିସାରିଛନ୍ତି। ପୂର୍ବରୁ ୪୪ ଦିନରେ ୬୫ କୋଟି ଶ୍ରଦ୍ଧାଳୁ ବୁଡ ପକାଇଥିଲେ । ଏହି ସଂଖ୍ୟା ଆମେରିକାର ଜନସଂଖ୍ୟା(ପ୍ରାୟ ୩୪ କୋଟି)ର ଦୁଇଗୁଣା। ସଙ୍ଗମରେ ବୁଡ ପକାଇଥିବା ଏହି ସଂଖ୍ୟା ୧୯୩ ଦେଶର ଜନସଂଖ୍ୟାଠୁ ଅଧିକ। କେବଳ ଭାରତ ଓ ଚୀନର ଜନସଂଖ୍ୟା ମହାକୁମ୍ଭକୁ ଆସିଥିବା ଶ୍ରଦ୍ଧାଳୁଙ୍କଠୁ ଅଧିକ। ବିଶ୍ୱରେ ସମୁଦାୟ ହିନ୍ଦୁଙ୍କ ପ୍ରାୟ ଅଧା ହିନ୍ଦୁ ଏଠାରେ ବୁଡ ପକାଇଥିବା ଯୋଗୀ ସରକାର ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାରଙ୍କ ପାଇଁ, ଏହି ମେଗା ଇଭେଣ୍ଟରୁ



ରାଜ୍ୟକୁ ୧ ଟ୍ରିଲିୟନ ଡଲାର ଅର୍ଥନୀତି ପଥରେ ଆଣିବାର ଏକ ବଡ଼ ସୁଯୋଗ ଥିଲା। ମହାକୁମ୍ଭର ପରିମାଣ ଏବଂ ରାଜ୍ୟ ଅର୍ଥନୀତି ଉପରେ ଏହାର ପ୍ରଭାବ ବିଷୟରେ କହିବାକୁ ଯାଇ ଯୋଗୀ କହିଛନ୍ତି, ଆଜି ବିଶ୍ୱ ଉତ୍ତର ପ୍ରଦେଶର ଯେଉଁ ସମ୍ଭାବନା ଦେଖୁଛି, ତାହାକୁ ମହାକୁମ୍ଭ ମେଳା ସହିତ ଯୋଡ଼ା ଯାଇପାରିବ। କେବଳ ମହାକୁମ୍ଭ ହିଁ ୟୁପିର ଅର୍ଥନୀତିକୁ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ବୃଦ୍ଧି କରିବାରେ ସାହାଯ୍ୟ କରିବ।

ମହାଶିବରାତ୍ରି ସହିତ ଅନ୍ତିମ ସ୍ନାନ ପଡୁଥିବାରୁ ସମସ୍ତ ଶିବ ମନ୍ଦିର, ସ୍ନାନ ଘାଟରେ ପୁଲିସ ମୁତୟନ ହୋଇଥିଲେ। ସନ୍ଧ୍ୟାରୁ ମେଳା କ୍ଷେତ୍ର ପାଲଟିଥିଲା ନୋ ଭେଇକିଲ୍ ଜୋନ୍। ପ୍ରଶାସନିକ, ଜରୁରିସେବା ଯୋଗାଉଥିବା ଗାଡ଼ିକୁ ଛାଡ଼ି ଅନ୍ୟ ସବୁ ବାହନର ଏଣ୍ଟ୍ରି ଉପରେ ରୋକ ଲାଗିଥିଲା। ମେଳାର ଅନୁଧ୍ୟାନ ଲାଗି ବାୟୁସେନାର ଯବାନ ବି ମୁତୟନ ହୋଇଥିଲେ। ଦଳାଚକଟା ଭଳି ଘଟଣାକୁ ଏଡ଼ାଇବା, ଆଇନଶୃଙ୍ଖଳା ବଜାୟ ଲାଗି ଶ୍ରଦ୍ଧାଳୁମାନଙ୍କୁ ନିକଟତମ ଘାଟରେ ସ୍ନାନ, ଶିବାଳୟ ଦର୍ଶନ ସାରି ଘରକୁ ଫେରିବାକୁ ଆହ୍ୱାନ କରାଯାଇଛି। ସେପଟେ ବିମାନ ଭଡ଼ା ବଢ଼ିଯାଇଛି। ଦିଲ୍ଲୀରୁ ପ୍ରୟାଗରାଜ ଭଡା ୩୦ ହଜାର ରହିଥିବାବେଳେ ମୁମ୍ବାଇରୁ କୁମ୍ଭନଗରୀକୁ ଆସିବାକୁ ହେଲେ ୨୫ ହଜାର ଟଙ୍କା ଗଣିବାକୁ ପଡ଼ିବ । ମହାଶିବରାତ୍ରିରେ ପ୍ରତିବର୍ଷ ସହରରେ ୧୬ କିମିର ଶୋଭାଯାତ୍ରା ବାହାର କରାଯାଇଥାଏ। ତେବେ ଏଥର ଶ୍ରଦ୍ଧାଳୁମାନଙ୍କର ଭିଡ଼କୁ ଦେଖି ସେହି ଯାତ୍ରା ବାହାର କରାଯିବ ନାହିଁ। ଜାନୁଆରୀ ୧୩ ତାରିଖରୁ ଆରମ୍ଭ ହୋଇଥିଲା ଏହି ମହାକୁମ୍ଭ ମେଳା।

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆକଳନ କରିଛନ୍ତି ଯେ ମହାକୁମ୍ଭ ୨୦୨୫ ରାଜ୍ୟର ଅର୍ଥନୀତିରେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଯୋଗଦାନ ଦେବ। ଶିଳ୍ପ ସଂଗଠନ କନଫେଡେରେସନ ଅଫ ଅଲ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ଅନୁଯାୟୀ, ବିଭିନ୍ନ କ୍ଷେତ୍ରର ଉଦ୍ୟୋଗୀମାନେ ଏହି ମହାନ ଆଧ୍ୟାତ୍ମିକ ସମାବେଶରେ ସାମିଲ ହୋଇଛନ୍ତି, ସେମାନେ ୨ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ସୁଯୋଗକୁ ଆଖି ଆଗରେ ରଖିଛନ୍ତି। ଏଫ୍‌ଏମସିଜି, ଟେକ ଷ୍ଟାର୍ଟ-ଅପ ଏବଂ ଫିନଟେକ କ୍ଷେତ୍ରର ପ୍ରମୁଖ ଖେଳାଳିମାନେ ସେମାନଙ୍କର ବଜାର ଉପସ୍ଥିତିକୁ ବିସ୍ତାର କରିବା ପାଇଁ ଏହି ସୁଯୋଗର ସଦୁପଯୋଗ କରୁଛନ୍ତ।

ରିପୋର୍ଟ ଅନୁସାରେ ଚଳିତ କୁମ୍ଭମେଳାରେ ରାଜସ୍ୱରେ ବିପୁଳ ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୧୩ ମସିହାରେ, ସରକାର ୧,୦୧୭ କୋଟି ଟଙ୍କା ଖର୍ଚ୍ଚ ବଦଳରେ ୧୨,୦୦୦ କୋଟି ଟଙ୍କା ରୋଜଗାର କରିଥିଲେ। ୨୦୧୯ରେ ୨,୧୧୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ଏବଂ ଏଥିରେ ୧.୨ ଲକ୍ଷ କୋଟି ରାଜସ୍ୱ ବୃଦ୍ଧି ପାଇଥିଲା। ୨୦୨୫ ମହାକୁମ୍ଭ ପାଇଁ ସରକାର ୭,୫୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ ବରାଦ କରିଛନ୍ତି, ଯାହା ୨ ଲକ୍ଷ କୋଟି ଟଙ୍କାର ବିପୁଳ ରାଜସ୍ୱ ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ଏହାକୁ ଇତିହାସର ସବୁଠାରୁ ଆର୍ଥିକ ପ୍ରଭାବଶାଳୀ ଧାର୍ମିକ ସମାବେଶ ମଧ୍ୟରୁ ଗୋଟିଏ କରିବ।

# ବାବା ଆଖଣ୍ଡଳମଣିଙ୍କ ପୀଠ ପାଇଁ ୧୦ କୋଟି ଘୋଷଣା

ଭଦ୍ରକ, ୨୬।୨ (**ମହାଭାରତ**) : ଆଜି ମହାଶିବରାତ୍ରିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭଦ୍ରକର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଛନ୍ତି। ଏହି ଦର୍ଶନ ସମୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାମିଲ ହୋଇଥିଲେ। ଉପମୁଖ୍ୟମନ୍ତ୍ରୀ ବାବାଙ୍କୁ ଦର୍ଶନ କରିବା ସହିତ ଖିର ଅଭିଷେକ କରିଥିଲେ। ଏଥିସହିତ ସେ ସେଠାରେ ପୂଜାଅର୍ଚ୍ଚନା ମଧ୍ୟ କରିଥିଲେ। ଏହି ଗସ୍ତ ଅବସରରେ ସେ କହିଥିଲେ ଯେ, ଆରଡି ଆଖଣ୍ଡଳମଣି ମନ୍ଦିର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ଦଶ କୋଟି ବ୍ୟୟ ବରାଦ କରାଯାଇଛି। ଏଥିସହିତ ଆଉ ଯଦି କିଛି ଅନୁଦାନ ଆବଶ୍ୟକତା ରହିଛି ତେବେ ତାହା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଏ ନେଇ ଉପମୁଖ୍ୟମନ୍ତ୍ରୀ ତାଙ୍କ ସାମାଜିକ ଗଣମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ମହାଶିବରାତ୍ରୀ ଅବସରରେ ଭଦ୍ରକ ଜିଲ୍ଲାର ଆରଡ଼ିଠାରେ ଶ୍ରୀ ଆଖଣ୍ଡଳମଣି ମହାଦେବଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲି। ଓଡିଶାର ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ ଆଖଣ୍ଡଳମଣି ବାବାଙ୍କ ମନ୍ଦିରର ଉନ୍ନତିକରଣ ଦିଗରେ ରାଜ୍ୟ ସରକାର ଯତ୍ନଶୀଳ ଅଛନ୍ତି। ଆରଡ଼ି ଆଖଣ୍ଡଳମଣି ପୀଠର ଉନ୍ନତୀକରଣ ପାଇଁ ବର୍ତ୍ତମାନ ୧୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି ଆଗାମୀ ଦିନରେ ମନ୍ଦିରର ଉନ୍ନତି ପାଇଁ ଯାହା ଖର୍ଚ୍ଚ ହେବ ରାଜ୍ୟ ସରକାର ସବୁ ବହନ କରିବେ।

# ୭ ବର୍ଷ ଝିଅର ସାକ୍ଷ୍ୟ ପରେ ବାପାଙ୍କୁ ଆଜୀବନ ସଜା

## ଚର୍ଚ୍ଚାରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

ନୂଆଦିଲ୍ଲୀ, ୨୬।୨ (**ମହାଭାରତ**): ସୁପ୍ରିମକୋର୍ଟ ଆଜି ଏକ ବଡ଼ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଏଣିକି ଛୋଟ ପିଲାଙ୍କୁ ସାକ୍ଷୀ ଭାବେ ଗ୍ରହଣ କରାଯିବ। ଯଦି ସାକ୍ଷ୍ୟ ଦେଉଥିବା ପିଲାଠୁ ନିର୍ଭରଯୋଗ୍ୟ ତଥ୍ୟ ମିଳୁଛି ଗ୍ରହଣ କରାଯିବ। ନିର୍ଭରଯୋଗ୍ୟ ତଥ୍ୟ ସଂଗ୍ରହରେ ପିଲାର ସର୍ବନିମ୍ନ ବୟସ ଗ୍ରହଣୀୟ ନୁହେଁ। ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ରାୟକୁ ଖାରଜ କରି ଉଦାହରଣ ରଖିଛନ୍ତି ମାନ୍ୟବର କୋର୍ଟ ହାଇକୋର୍ଟରେ ଦୋଷମୁକ୍ତ ବ୍ୟକ୍ତିଙ୍କୁ ଆଜୀବନ ସଜା ଶୁଣାଇଛନ୍ତି। ୭ ବର୍ଷୀୟ ଝିଅର ସାକ୍ଷ୍ୟ ଗ୍ରହଣ କରି ବାପାଙ୍କୁ ଆଜୀବନ ସଜା ଦେଇଛନ୍ତି। ଘରେ ଝିଅ ଉପସ୍ଥିତିରେ ସ୍ତ୍ରୀଙ୍କୁ ହତ୍ୟା ପାଇଁ ଏହି ସଜା ଶୁଣାଇଛନ୍ତି କୋର୍ଟ। କୁନିପିଲା ସାକ୍ଷୀରେ ଏଭଳି ଦଣ୍ଡ



ଶୁଣାଇବା ପରେ ଏବେ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ସବୁଠି ଚର୍ଚ୍ଚା

ମଧ୍ୟପ୍ରଦେଶର ଏକ ମାମଲାର ଶୁଣାଣି କରି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । ଜଣେ ସ୍ୱାମୀ ତା ଝିଅ ଆଗରେ ତା ସ୍ତ୍ରୀକୁ ହତ୍ୟା କରିଥିଲା। ସେହି ମାମଲାରେ ସାକ୍ଷୀ ଅଭାବ ହେବାରୁ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଠାରୁ ଦୋଷମୁକ୍ତ ବି ଅଭିଯୁକ୍ତ ହୋଇଥିଲା। ମାତ୍ର ସୁପ୍ରିମକୋର୍ଟରେ ଅଭିଯୁକ୍ତକୁ ଦଣ୍ଡ ମିଳିଛି। ଆଉ ତାକୁ ତା ନିଜ ୭ ବର୍ଷର କୁନି ଝିଅର ସାକ୍ଷୀ ଆଧାରରେ ସଜା ଶୁଣାଇଛନ୍ତି ବଡ କୋର୍ଟ। ରାୟ ଶୁଣାଇବା ବେଳେ ସୁପ୍ରିମକୋର୍ଟ କହିଛନ୍ତି, ପିଲାଙ୍କ ସାକ୍ଷୀ ଗ୍ରହଣୀୟ ଯଦି ପିଲା ସାକ୍ଷୀ ଦେବାକୁ ଯୋଗ୍ୟ ତେବେ ତାର ସାକ୍ଷୀ ଆଧାରରେ ବିଚାର କରାଯିବ। ତେଣୁ ପିଲାଙ୍କୁ ପିଲା ଭାବି ଅଣଦେଖା କରିବାର ଭୁଲ। କାରଣ ଏଣିକି ଅଦାଲତରେ ପିଲାଙ୍କ କଥାକୁ ଗୁରୁତ୍ୱ ଦିଆଯିବ। ଖୋଦ୍ ସୁପ୍ରିମ କୋର୍ଟ କହିଛନ୍ତି ପିଲାମାନଙ୍କ ମନ ସ୍ୱଚ୍ଛ। ତେଣୁ ସେମାନଙ୍କ ସାକ୍ଷୀ ଏଣିକି ଉପଯୁକ୍ତ ଏବଂ ଗ୍ରହଣୀୟ ହେବ। ସୁପ୍ରିମିକୋର୍ଟଙ୍କ କହିବା ମୁତାବକ, ଯଦି କୌଣସି ଶିଶୁ ସାକ୍ଷୀ ଦେବାକୁ ଯୋଗ୍ୟ ତେବେ ତାର ମନ୍ତବ୍ୟକୁ ଗୁରୁତ୍ୱ ଦିଆଯିବ। ସାକ୍ଷୀର କୌଣସି ବୟସ ସୀମା ନାହିଁ। ମାତ୍ର ୭ ବର୍ଷର ଝିଅର ସାକ୍ଷୀକୁ ଆଧାର କରି ଏକ ହତ୍ୟା ମାମଲାର ବିଚାର କରିବା ସହ ଅଭିଯୁକ୍ତ ବାପାକୁ ଆଜୀବନ କାରାଦଣ୍ଡ ଦେଇଛନ୍ତି ସୁପ୍ରିମକୋର୍ଟ ଯାହା ଏବେ ସବୁଠି ଚର୍ଚ୍ଚା।

## ରସିକିଆ ଥାନା ବାବୁ ଗିରଫ

**ଜଗତସିଂହପୁର, ୨୬।୨ (ମହାଭାରତ) :** ଆଜି କୁଜଙ୍ଗ ଥାନାର ପୂର୍ବତନ ଇନସପେକ୍ଟର-ଇନଚାର୍ଜ (ଆଇଆଇସି) ତପନ ନାହାକଙ୍କୁ ଅସଦାଚରଣ ଏବଂ ସରକାରୀ ପଦବୀର ଅପବ୍ୟବହାର ଅଭିଯୋଗ ପରେ ନିଲମ୍ବନ କରାଯାଇଛି। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ମହିଳା ହୋମଗାର୍ଡଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ତପନ ନାହାକ ଏବେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଜନସେବାର ସ୍ୱାର୍ଥ ଏବଂ ତଦନ୍ତରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ କୁଜଙ୍ଗ ପୋଲିସ ଷ୍ଟେସନର ପୂର୍ବତନ ଆଇଆଇସିଙ୍କୁ ତୁରନ୍ତ ନିଲମ୍ବନ କରାଯାଇଛି। ନିଲମ୍ବନ ପ୍ରେତାଙ୍କୁ ଗିରଫ କରାଯାଇଥିବା କୁହାଯାଉଛି। ତପନ ନାହାକ ଜଣେ ମହିଳା ଗୃହରକ୍ଷୀ(ହୋମଗାର୍ଡ)ଙ୍କୁ ପ୍ରେମ ପରେ ପ୍ରତାରଣା କରିଥିଲେ। ଏନେଇ ଜଗତସିଂହପୁର ଥାନାର ପୂର୍ବତନ ଅତିରିକ୍ତ ଆଇଆଇସି ତଥା ବର୍ତ୍ତମାନର କୁଜଙ୍ଗ ଆଇଆଇସି ତପନ ନାହାକଙ୍କ ନାମରେ ଲିଖିତ ଅଭିଯୋଗ ହୋଇଛି। ସମ୍ପୃକ୍ତା ହୋମଗାର୍ଡ ଜଗତସିଂହପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଆଇଆଇସି ତପନଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା।

# ବିଜେପିର ମାନସ ମନ୍ଥନ

**ଭୁବନେଶ୍ୱର, ୨୬।୨ (ମହାଭାରତ):** ଆଜି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ଘରେ ବିଜେପିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଭଳି ବରିଷ୍ଠ ନେତା ଉପସ୍ଥିତ ଥିଲେ। ଏମାନଙ୍କ ଉପସ୍ଥିତିରେ ବିଭିନ୍ନ ବୋର୍ଡ ଓ ନିଗମ ନିଯୁକ୍ତି ନେଇ ମାନସ ମନ୍ଥନ ହୋଇଛି।

ତେବେ କାହାକୁ ନିଗମ ଏବଂ ବୋର୍ଡ ଅଧ୍ୟକ୍ଷ ମିଳିବ ତାହା ଅଳ୍ପ କିଛିଦିନ ମଧ୍ୟରେ ଜଣାପଡିଯିବ। ୧୦୦ରୁ ଅଧିକ ପଦପଦବୀ ଖାଲିଥିବା ବେଳେ ଏହାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ନିକଟରେ କହିଥିଲେ, ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଯାଇ ଫେରିବା ପରେ ଘୋଷଣା ହେବ ନିଗମ ନିଷ୍ପତ୍ତି। ଆଉ ନିଯୁକ୍ତି ନେଇ ଲବି କାମ କରିବନି।

ନିଗମ, ବୋର୍ଡ, କମିଶନ ଓ ଜିଲା ପ୍ଲାନିଂ ବୋର୍ଡ, ଯେଉଁଥିରେ ଭାଜପା ନେତା ହେବେ ଥଇଥାନ। ହେଲେ କାହାକୁ ମିଳିବ କେଉଁ ପଦ ? ରାଜ୍ୟରେ ଭାଜପା ସରକାର ଆସିବା ପରେ ବିଭିନ୍ନ ନିଗମ ଏବଂ ବୋର୍ଡ ଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ଏହା ଭିତରେ ସରକାର ହେବାର ଆଠ ମାସ ବିତି ସାରିଲାଣି। ମାତ୍ର ନିଗମ, ବୋର୍ଡ, କମିଶନ, ଜିଲ୍ଲା ପ୍ଲାନିଂ ବୋର୍ଡର ପଦପଦବୀ ଖାଲି ପଡ଼ିଛି। ଏବେ ୩୪ରୁ





ଅଧିକ ନିଗମ ଏବଂ ୨୦ରୁ ଅଧିକ ବୋର୍ଡ ଅଧ୍ୟକ୍ଷ ପଦ ଖାଲି ରହିଛି। ତାହା ସହିତ ଉପଦେଷ୍ଟା ଏବଂ ଉପାଧ୍ୟକ୍ଷ ପଦଗୁଡ଼ିକ ମଧ୍ୟ ଖାଲି ରହିଛି। ୧୦୦ରୁ ଅଧିକ ପଦପଦବୀ ଖାଲିଥିବା ବେଳେ ଏହାକୁ ନେଇ ଆରମ୍ଭ ହୋଇଛି ପ୍ରକ୍ରିୟା।

ସେହିପରି ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ଚର୍ଚ୍ଚା ମଧ୍ୟ ବଢିଛି। ବିଜେପି ପ୍ରଥମ ଥର ଲାଗି ସରକାରକୁ ଆସିବା ପରେ ପରଦା ପଛରେ ରହି ସଂଗଠନର ଦାୟିତ୍ୱ ନେଉଥିବା ନେତାଙ୍କୁ ବୋର୍ଡ, ନିଗମରେ ଥିବା ପଦ ପଦବୀରେ ଥଇଥାନ କରିବାକୁ ଯୋଜନା କରୁଛି। ବିଜେପି ରାଜ୍ୟ ସଭାପତିଙ୍କ ନାଁ ବି ଏଯାଏଁ ଘୋଷଣା ହୋଇପାରିନି। ରେସରେ ଆଗରେ ଅଛନ୍ତି ମନମୋହନ ସାମଲ, ଗୋଲକ ମହାପାତ୍ର ଓ ସାଧାରଣ ସମ୍ପାଦକ ସାରଦା ଶତପଥୀ। ନିଗମ ଓ ବୋର୍ଡ ଘୋଷଣା ପରେ ହୋଇପାରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ। ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଓ ବୋର୍ଡ ନିଗମ ଅଧ୍ୟକ୍ଷ ଘୋଷଣା ଉପରେ ଆମଦାନୀ ନେତାଙ୍କ ଆଖି ରହିଛି। ନିର୍ବାଚନ ପୂର୍ବରୁ ଅନ୍ୟ ଦଳ ଛାଡି ବିଜେପିରେ ସାମିଲ ହୋଇଥିବା ନେତା ବି ଏହି ଦୌଡରେ ଅଛନ୍ତି।

ରାଜ୍ୟ ସଭାପତି ଚୟନ ନେଇ କେଉଁ ସମୀକରଣ କାମ କରିବ ତାକୁ ନେଇ ରାଜନେତିକ ସମୀକ୍ଷକ ମଧ୍ୟ ଆକଳନ କରି ପାରୁନାହାନ୍ତି। ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ତରୁଣ ଚୁଗ ରାଜ୍ୟ ନେତୃବୃନ୍ଦଙ୍କ ସହ ସଭାପତି ଚୟନ ନେଇ ଆଲୋଚନା କରିସାରିଛନ୍ତି। ସେପଟେ ସଭାପତି ରେସରେ ମନମୋହନଙ୍କ ସହିତ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ତେବେ ୧୫ ମାର୍ଚ୍ଚ ପୂର୍ବରୁ ସଭାପତି ନିର୍ବାଚନ ଶେଷ ହେବ ବୋଲି କୁହାଯାଉଛି।



# ଜୀବନଚର୍ଯ୍ୟା





## ଡାଲ୍ ରାଇସ୍

ସାମଗ୍ରୀ: ଚାଉଳ, ହରଡ଼ ଡାଲି, ହଳଦୀ ଗୁଣ୍ଡ, ସୋରିଷ, ମୁଗ ଡାଲି, ମେଥି, ପିଆଜ, ବିଲାତି, ଅଦା ଓ ରସୁଣ ପେଷ୍ଟ, ତେନ୍ତୁଳି ରସ, ତେଲ, ଘିଅ, ଲୁଣ ସ୍ୱାଦନୁସାରେ, ଭୃର୍ସୁଙ୍ଗ ପତ୍ର, ଧନିଆ ପତ୍ର

ଗ୍ରାଇଣ୍ଡିଙ୍ଗ୍ ପାଇଁ- ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ, ନଡ଼ିଆ କୋରା

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ ଓ ନଡ଼ିଆ କୋରା ଭଲଭାବରେ ଗ୍ରାଇଣ୍ଡିଙ୍ଗ୍ କରିନିଅନ୍ତୁ । ଚାଉଳ, ଡାଲି ଓ ମେଥିକୁ ଭଲଭାବରେ ଅଲଗା ଅଲଗା କରି ପାଣି ରେ ୧ ଘଣ୍ଟା ଯାଏ ଭିଜେଇ ରଖନ୍ତୁ । ପ୍ରେସରକୁକରରେ ୨ କପ୍ ପାଣି ନେଇ ହଳଦୀ ଗୁଣ୍ଡ, ଡାଲି ଓ ମେଥିକୁ ଗୋଟିଏ ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ଏହାପରେ ୩ କପ୍ ପାଣି ଦେଇ ଚାଉଳ ଡାଳି ଦୁଇଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ପରେ ତେନ୍ତୁଳି ରସ, ଲୁଣ ଓ ଗ୍ରାଇଣ୍ଡିଙ୍ଗ୍ ହୋଇଥିବା ପେଷ୍ଟ ପକାଇ ୪ଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ଏକ ପ୍ୟାନରେ ଘିଅ ଗରମ କରି କଟା ପିଆଜ, ବିଲାତି ଓ ଅଦା-ରସୁଣ ପେଷ୍ଟ ଭଲ ଭାବରେ ଭାଜନ୍ତୁ । ଆଉ ଏକ ପ୍ୟାନରେ ତେଲ ଗରମ କରି ସୋରିଷ, ଭୃର୍ସୁଙ୍ଗ ପତ୍ର ଓ ମୁଗ ଡାଲିକୁ ଭଲ ଭାବରେ ଭାଜନ୍ତୁ ଯ ପରେ ସମସ୍ତ ଭଜା ହୋଇଥିବା ସାମଗ୍ରୀକୁ ନେଇ ଭଲ ଭାବରେ ରନ୍ଧା ହୋଇଥିବା ଚାଉଳ ଓ ଡାଲି ରେ ମିଶାଇ ଦିଅନ୍ତୁ । ପରେ ଏକ ପାତ୍ରକୁ କାଢି ଧନିଆ ପତ୍ର ସଜାଇ ଗରମା ଗରମ ପରସନ୍ତୁ ।



..... ଖବର .....

## କୁମ୍ଭରେ ଓଡ଼ିଶା ଦଳର ଅଲୌକିକ ପ୍ରଦର୍ଶନ



କୁମ୍ଭ ୨୦୨୫ରେ ଓଡ଼ିଶାର ସାଂସ୍କୃତିକ ଦଳ ସଂଗୀତ, ନୃତ୍ୟ ଏବଂ ଗଳ୍ପକୁ ଏକ ଅତି ଅଲୌକିକ ପ୍ରଭାବଶାଳୀ ପରିବେଶ ସୃଷ୍ଟି କରି ପରିବେଶ ସୁରକ୍ଷା ପାଇଁ ଶକ୍ତିଶାଳୀ ବାର୍ତ୍ତା ଉପସ୍ଥାପନ କରିଥିବା ଦେଖିବାକୁ ମିଳିଛି ।ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ଚୟନିତ ଏହି କାର୍ଯ୍ୟକ୍ରମ ଓଡ଼ିଶାର ଧରୋହର ଏବଂ ପ୍ରକୃତି ସହ ତାହାର ଗଭୀର ସମ୍ପର୍କକୁ ଉଦ୍ଧାର କରିବା ପାଇଁ ବିଶେଷ ଭାବରେ ଆୟୋଜିତ ହୋଇଥିଲା । ଏହି ଶ୍ରେଷ୍ଠ ପ୍ରଦର୍ଶନ ଦର୍ଶକମାନଙ୍କ ଠାରୁ ଅଦ୍ଭୁତ ପ୍ରତିକ୍ରିୟା ଲାଭ କରିଛି ।ପୁରସ୍କୃତ ନିର୍ମାତା ଦେବ ମେହେରଙ୍କ ନିର୍ଦ୍ଦେଶିତ ଏହି ପ୍ରଦର୍ଶନ, ସଂଗୀତ ନାଟକ ଏକାଡେମୀ ପୁରସ୍କୃତ ଗାୟିକା ସୁସ୍ମିତା ଦାସଙ୍କ ନେତୃତ୍ୱ ଏବଂ ପ୍ରସିଦ୍ଧ ନୃତ୍ୟ ନିର୍ଦ୍ଦେଶକ ବିଦ୍ୟୁତ ସେଠୀଙ୍କ କୋରିଓଗ୍ରାଫିରେ ଉପସ୍ଥାପିତ ହୋଇଥିଲା । ଓରୋମିରା ଏ□ରଟେନମେ□ଙ୍କ ଏହି ଉତ୍କୃଷ୍ଟ କୌଶଳିକ ପ୍ରଦର୍ଶନ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରକୃତି ସୁରକ୍ଷା ପାଇଁ ଏକ ଜାଗୃତିର ଆହ୍ୱାନ ରୂପେ ପ୍ରକାଶ ପାଇଥିଲା ।ଧିତାଙ୍ଗ ଧିତାଙ୍ଗ - ଓଡ଼ିଶାର ଜନଜାତୀୟ ଜ୍ଞାନ ଏବଂ ସଂସ୍କୃତିର ଉତ୍ସବ, ସାଇବୋନି ଲାଇବୋନି - ଗ୍ରାମୀଣ ଓଡ଼ିଶାର ଏକ ଘୁମୁରା ନୃତ୍ୟ ଯାହା ଜମି ଏବଂ କୃଷି ଜୀବନର ସଂପର୍କକୁ ଉଜାଗର କରେ, ହମ୍ ଯହାଁ ଜିଏଙ୍ଗେ - ପରିବେଶ ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ଏକ ଜାଗୃତିମୂଳକ ସଂଗୀତ, ହମ୍ ଅଗର ନହିଁ - ଜଳାଶୟ ଏବଂ ପ୍ରାକୃତିକ ବିବିଧତାର ଖତ୍ରା ଉପରେ ଏକ ଭାବନାପ୍ରବଣ ଉପସ୍ଥାପନ, ପୃଥ୍ୱୀ ମ୍ୟନ - ଦ୍ୱିତୀୟ ମ୍ୟନ - ଶିବ ତାଣ୍ଡବ ସ୍ତୋତ୍ରମ୍ ସହିତ ଜଳବାୟୁ ପରିବର୍ତ୍ତନ ଉପରେ ଏକ ଗଭୀର ସନ୍ଦେଶ, ପ୍ରଦର୍ଶନର ମୁଖ୍ୟ ଆକର୍ଷଣ ସାଜିଥିଲା । ଏହାସହିତ ପବିତ୍ର ସଂଗମର ପୃଷ୍ଠଭୂମିରେ ଏହି ପ୍ରଦର୍ଶନ କେବଳ ଏକ ଅଭିନୟ ନୁହେଁ ବରଂ ଏହା ଏକ ଜାଗୃତି ଆନ୍ଦୋଳନ । କୁମ୍ଭ, ଯେଉଁଠି ଆତ୍ମା ପବିତ୍ରତା ଖୋଜେ, ପୃଥ୍ୱୀ ସୁରକ୍ଷା ହେଉଛି ଆମ ସର୍ବପ୍ରଥମ ଦାୟିତ୍ୱ ବୋଲି ଓଡ଼ିଶା ଦଳ ସନ୍ଦେଶ ଦେଇଛି ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି



ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ । ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ । ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ । ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି । ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ । ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି । କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି ।

■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ । ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି ।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି । ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି ।

## ଆନନ୍ଦ ରାମାୟଣରେ ସୀତାଙ୍କ କଥା



ଆନନ୍ଦ ରାମାୟଣରେ କେତେକ ରୋଚକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦେବୀ ସୀତାଙ୍କ ଜନ୍ମର ପୂର୍ବବର୍ତ୍ତୀ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ । ମର୍ତ୍ତ୍ୟରେ ପଦ୍ମାକ୍ଷ ନାମରେ ଜଣେ ରାଜା ରାଜୁତି କରୁଥିଲେ । ସେ ଦେବୀ ଲକ୍ଷ୍ମୀଙ୍କର ଜଣେ ପରମ ଭକ୍ତ ଥିଲେ । ଦିନେ ସେ ତପସ୍ୟା କରି ଲକ୍ଷ୍ମୀଙ୍କୁ ପ୍ରସନ୍ନ କଲେ । ଦେବୀ ଲକ୍ଷ୍ମୀ ପ୍ରକଟ ହେବାରୁ ତାଙ୍କୁ କନ୍ୟା ରୂପରେ ପ୍ରାପ୍ତ କରିବା ଲାଗି ରାଜା ବିନତି କଲେ । ଲକ୍ଷ୍ମୀ କହିଲେ, କେବଳ ଶ୍ରୀବିଷ୍ଣୁଙ୍କ ଆଜ୍ଞା ପ୍ରାପ୍ତ କରିବା ପରେ ଯାଇ ମୁଁ ଯାହା କରିପାରିବି । ଏହା କହି ସେ ଅଦୃଶ୍ୟ ହୋଇଗଲେ । ଏହାପରେ ରାଜା ପଦ୍ମାକ୍ଷ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ଲାଗି କଠୋର ତପସ୍ୟା ଆରମ୍ଭ କରିଦେଲେ । ବିଷ୍ଣୁ ପ୍ରକଟ ହେବାରୁ ରାଜା ତାଙ୍କୁ ନିଜ ମନର କଥା କହିଲେ । ଏହାପରେ ଶ୍ରୀବିଷ୍ଣୁ ରାଜାଙ୍କୁ ଏକ ଫଳ ଦେଇ ଅଦୃଶ୍ୟ ହୋଇଗଲେ । ସେହି ଫଳ ମଧ୍ୟରେ ଏକ ଛୋଟ ଶିଶୁକନ୍ୟା ରହିଥିଲା । ରାଜା ସେହି କନ୍ୟାକୁ ନିଜ ଝିଅ ଭାବେ ପାଳିଲେ । ବଡ଼ ହେବା ପରେ ରାଜା ପଦ୍ମାକ୍ଷ ଝିଅର ସ୍ୱୟଂବର କରିବା ଲାଗି ବାହାରିଲେ । ସ୍ୱୟଂବରର ସର୍ତ୍ତ ଥିଲା- ଯେଉଁ ପୁରୁଷ ନିଜ ଶରୀର କୃଷ୍ଣବର୍ଣ୍ଣ କରିପାରିବ, ତା'କୁ ହିଁ ରାଜାଙ୍କ କନ୍ୟା ବରଣମାଳା ପିନ୍ଧାଇବେ । ତେବେ ସେହି କନ୍ୟାକୁ ପାଇବା ଲାଗି ଦେବ, ରାକ୍ଷସ ଏବଂ ମନୁଷ୍ୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା । ରାକ୍ଷସମାନେ କନ୍ୟାକୁ ଅପହରଣ କରି ନେବାକୁ ରାଜା ପଦ୍ମାକ୍ଷଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ । ସେମାନେ କନ୍ୟାକୁ ପାଇଲେ ନାହିଁ, କିନ୍ତୁ ରାଜାଙ୍କୁ ହତ୍ୟା କଲେ, ତାଙ୍କ ରାଜ୍ୟକୁ ଧ୍ୱଂସ କରିଲେ । ସେତେବେଳେ ରାଜକନ୍ୟା ଅଗ୍ନି ମଧ୍ୟରେ ଲୁଚିଯାଇଥିଲେ । ସମସ୍ତେ ଚାଲିଯିବା ପରେ ରାଜକନ୍ୟା ଅଗ୍ନି ମଧ୍ୟରୁ ବାହାରକୁ ବାହାରି ଆସିଲେ । ବାହାରକୁ ବାହାରିବା କ୍ଷଣି ଆକାଶମାର୍ଗରେ ଉଡ଼ିଯାଉଥିବା ରାବଣ ସେହି କନ୍ୟାଙ୍କୁ ଦେଖିନେଲା । ରାବଣ ତାଙ୍କୁ ନେଇଯିବା ଲାଗି ପ୍ରୟାସ କରିବାରୁ କନ୍ୟା ପୁଣିଥରେ ନିଆଁ ଭିତରକୁ ଡେଇଁ ପଡ଼ିଲେ । ରାବଣ ନିଆଁ ଲିଭାଇଲା, କିନ୍ତୁ କନ୍ୟାଙ୍କୁ ପାଇଲା ନାହିଁ । ତା'କୁ ପାଉଁଶ ମଧ୍ୟରୁ ୫ଟି ମୂଲ୍ୟବାନ ପଥର ମିଳିଲା । ରାବଣ ସେହି ପଥରକୁ ଏକ ବାକ୍ସରେ ପୂରାଇ ଲଙ୍କା ନେଇଗଲା । ସେହି ବାକ୍ସ ଉପରେ ନଜର ରଖିବା ଲାଗି ପତ୍ନୀ ମନ୍ଦୋଦରୀଙ୍କୁ କହିଲା । ମନ୍ଦୋଦରୀ ସେହି ବାକ୍ସ ଖୋଲିବା ମାତ୍ରେ ସେଥିରେ ଜଣେ କନ୍ୟା ଥିବା ଦେଖିବାକୁ ପାଇଲେ । କନ୍ୟା ଅତି ସୁନ୍ଦର ଥିଲେ । ମନ୍ଦୋଦରୀ ଭାବିଲେ, ଏହି କନ୍ୟା ସମସ୍ତ ଅସୁର କୁଳକୁ ଧ୍ୱଂସ କରିଦେବ । ତେଣୁ ସେହି କନ୍ୟାକୁ ଜଙ୍ଗଲରେ ଛାଡ଼ିଦେଇ ଆସିବା ଲାଗି ସେ ସୈନିକଙ୍କୁ ନିର୍ଦ୍ଦେଶ ଦେଲେ । ତାହାହିଁ ହେଲା । ସୈନିକମାନେ କନ୍ୟାକୁ ନେଇ ଜଙ୍ଗଲରେ ଛାଡ଼ିଦେଇ ଆସିଲେ । କିନ୍ତୁ ଜଙ୍ଗଲକୁ ନେବା ସମୟରେ ରାଜକନ୍ୟା ଚେତାବନୀ ଦେଇଗଲେ- "ମୁଁ ପୁଣିଥରେ ଲଙ୍କା ଫେରିବି । ରାବଣ ଏବଂ ତା'ର ପରିବାରକୁ ଧ୍ୱଂସ କରିଦେବି ।" ଏହାଶୁଣି ରାବଣ ଡରିଗଲା । ସେ ଉକ୍ତ କନ୍ୟାକୁ ମାରିଦେବା ଲାଗି ଚାହିଁଲା । ମାତ୍ର ମନ୍ଦୋଦରୀ ତା'କୁ ଅଟକାଇଲେ । ବାକ୍ସ ସହ ସେହି କନ୍ୟାକୁ ଲଙ୍କା ଠାରୁ ବହୁଦୂରରେ ଥିବା ଏକ ଭୂମିରେ ପୋତି ଦିଆଗଲା । ସେହି ଭୂମିରେ ହଳ କରୁଥିବା ସମୟରେ ସେହି ବାକ୍ସକୁ ପାଇଲେ । ତା'ଭିତରୁ କନ୍ୟାକୁ ବାହାର କଲେ । ସୀତାଙ୍କ ଜୀବନ ମିଥିଳାରେ ପୁଣିଥରେ ଆରମ୍ଭ ହେଲା ।

## ଆଖି ମାଂସପେଶୀକୁ ସଙ୍କୁଚିତ କରୁଛି ଲ୍ୟାପଟପ



ଆଜିକାଲି ଆମେ ଦିନକୁ ୧୦-୧୨ ଘଣ୍ଟା କମ୍ପ୍ୟୁଟର, ଲ୍ୟାପଟପ, ଟିଭି କିମ୍ବା ମୋବାଇଲ ସ୍କ୍ରିନ୍ ସାମ୍ନାରେ ସମୟ ବିତାଉଛୁ । ଏଗୁଡ଼ିକର ସ୍କ୍ରିନ୍ ଆମ ଆଖି ଉପରେ କିଭଳି ପ୍ରଭାବ ପକାଏ । ଏକ ସଦ୍ୟ ଅଧ୍ୟୟନ ତାହା ଖୁଲାସା କରିଛି ଯ ବ୍ରିଟେନର ବ୍ରାଡ୍ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀମା ଘୋରବାନି କହିଛନ୍ତି, ଅଫିସ୍ ମିଟିଂ ହେଉ ବା ଅନଲାଇନ୍ ଅଧ୍ୟୟନ, ଲ୍ୟାପଟପ ସମସ୍ତଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । କିନ୍ତୁ ଏହା ଦ୍ୱାରା ଆଖିକୁ ବହୁତ କ୍ଷତି ପହଞ୍ଚୁଛି । ଅର୍ଥାତ ପାଖ ବସ୍ତୁ ତୁଳନାରେ ଦୂର ବସ୍ତୁ ଆମକୁ ସ୍ପଷ୍ଟ ଦେଖାଯାଏ । ଆମ ଆଖି ଉପଯୁକ୍ତ ଦୃଶ୍ୟ ପାଇବା ଲାଗି ଭିଜୁଆଲ ଏନ୍ଭିରନମେଣ୍ଟ ଓ ଜେନେଟିକ୍ ସିଗ୍ନାଲ ଉପରେ ପ୍ରତିକ୍ରିୟା କରେ । ତେବେ ମାୟୋପିୟା ପୀଡ଼ିତ ବ୍ୟକ୍ତିଙ୍କ ଆଖି କୌଣସି ପ୍ରକାର ଅନୁକୂଳିତ ହୋଇପାରେ ନାହିଁ । ସେମାନଙ୍କ ଆଖିର ଲେନ୍ସ ଓ ରେଟିନା ମଧ୍ୟରେ ଦୂରତା ବଢ଼ିଯାଏ । ଉପରୋକ୍ତ ଗ୍ୟାଜେଟରେସମୟ ବିତାଇବା ଦ୍ୱାରା ଏହି ଦୂରତା ଆହୁରି ବଢ଼ିପାରେ । ଯେତେବେଳେ ଆମେ କୌଣସି ବସ୍ତୁକୁ ପାଖରୁ ଦେଖୁ, ନ୍ୱର ଆକାର ଅନୁସାରେ ଅନୁକୂଳିତ ହେଉଥିବା ସିଲିଅରି ମାଂସପେଶୀ ସଙ୍କୁଚିତ ହୁଏ । ଏହା ଦ୍ୱାରା ଲେନ୍ସର ଆକାର ଅଧିକ ଗୋଲାକାର ହୁଏ । କୌଣସି ବସ୍ତୁରେ ଫୋକସ୍ କରିବାରେ ଏହା ରେଟିନାକୁ ସାହାଯ୍ୟ କରେ ଯସରଳ ଭାଷାରେ କହିଲେ, ସିଲିଅରି ମାଂସପେଶୀ ଉପରେ ଅଧିକ ଚାପ ପଡ଼ିବା ଦ୍ୱାରା ତାହା ପ୍ରସାରିତ ହୁଏ । ଫଳରେ ଲେନ୍ସକୁ ପୁଣି ସମତଳ ଆକାର ଦେବାର ଆଖିର କ୍ଷମତା ଦୁର୍ବଳ ହୋଇଥାଏ । ଏହା ଦ୍ୱାରା ଆଖି ଡୋଳା ମଧ୍ୟ ବଢ଼ିବାକୁ ଲାଗେ । ଫଳରେ ତା'ର ସଂରଚନା ଓ ରେଟିନା ଉପରେ ଆଲୋକ କେନ୍ଦ୍ରିତ କରିବାର କ୍ଷମତାରେ ସ୍ଥାୟୀ ପରିବର୍ତ୍ତନ ହୋଇପାରେ ।ବର୍ଦ୍ଧିତ ଆଖି ଡୋଳାରେ ଦୂର ବସ୍ତୁକୁ ଦେଖିବା ଦ୍ୱାରା ଫୋକସ୍ ରେଟିନାର ସାମ୍ନାରେ ଥାଏ, ଫଳରେ ବସ୍ତୁତ ଝାପ୍ସା ଦିଶେ । କମ୍ପ୍ୟୁଟର ଓ ମୋବାଇଲ ସ୍କ୍ରିନ୍ରେ ଘଣ୍ଟା ଘଣ୍ଟା ଧରି କାମ କରିବା ଦ୍ୱାରା ଆଖି ଉପରେ ପଡୁଥିବା ଚାପରୁ ରକ୍ଷା ପାଇବା ଲାଗି ନୀଳ ଆଲୋକକୁ ଫିଲ୍ଟର କରୁଥିବା ଚଷମାର ଚାହିଦା ବଢ଼ିଛି । କିନ୍ତୁ ଏହାର ବୈଜ୍ଞାନିକ ପ୍ରମାଣ ମିଳିନାହିଁ ।ବୈଜ୍ଞାନିକଙ୍କ ଅନୁସାରେ, ଏ ପ୍ରକାର ଚଷମା ଆଖିକୁ ଚାପମୁକ୍ତ କରେ ନାହିଁ । ବିଶେଷଜ୍ଞମାନେ କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ପଛରେ ନୀଳ ରଶ୍ମିକୁ କାରଣ ବୋଲି ମାନୁନାହାନ୍ତି । ଦୀର୍ଘ ସମୟ ଧରି କମ୍ପ୍ୟୁଟର ବା ଲ୍ୟାପଟପ୍ ସାମ୍ନାରେ ବସିବା ପରେ ମୁଣ୍ଡବିନ୍ଧା, ଧୂଆଁଳିଆ ଦିଶିବା, ଆଖି ଜଳାପୋଡ଼ା ଭଳି ସମସ୍ୟା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅନ୍ତର୍ଭୁକ୍ତ ଯ ଗବେଷଣାରୁ ଜଣାପଡ଼ିଛି, ଅନ୍ୟ ସାଧାରଣ ଚଷମା ତୁଳନାରେ ନୀଳ ରଶ୍ମିକୁ ଫିଲ୍ଟର କରୁଥିବା ଚଷମାରେ କୌଣସି ଅତିରିକ୍ତସୁବିଧା ନାହିଁ । ଏହା ଦ୍ୱାରା ଆଖି ଜଳାପୋଡ଼ା ଓ ଥକାପଣ କମେ ନାହିଁ କିମ୍ବା ଦୃଷ୍ଟିଶକ୍ତିରେ ମଧ୍ୟ ଏହା ସୁଧାର ଆଣେ ନାହିଁ । ତେଣୁ ଆପଣ ଯଦି ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ଲ୍ୟାପଟପ ବା ମୋବାଇଲ ସାମ୍ନାରେ ବସୁଛନ୍ତି, ତେବେ ଚକ୍ଷୁ ସମସ୍ୟା ଲାଗି ରହିବ, ଯାହା ଚଷମା ବ୍ୟବହାର ଦ୍ୱାରା କମିବ ନାହିଁ ।

## ଦଶ ଦିଗପାଳ

ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ମୋଟ୍ ଦଶଟି ଦିଗ ରହିଛି । ସେଗୁଡ଼ିକ ହେଲେ- ଉର୍ଦ୍ଧ୍ୱ, ଈଶାନ, ପୂର୍ବ, ଆଗ୍ନେୟ, ଦକ୍ଷିଣ, ନୈରତ୍ୱ, ପଶ୍ଚିମ, ବାୟବ୍ୟ, ଉତ୍ତର ଏବଂ ଅଧୋ । ଆଉ ଏକ 'ମଧ୍ୟ' ଦିଗ ସମ୍ବନ୍ଧରେ ମଧ୍ୟ କେତେକ ପୁରାଣରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ର କୁହେ, ପ୍ରତ୍ୟେକ ଦିଗରେ ଜଣେ ଲେଖାଏଁ ଦେବତାଙ୍କୁ ନିଯୁକ୍ତ କରାଯାଇଛି । ଏହି ଦେବତାଙ୍କୁ 'ଦିଗପାଳ' କୁହାଯାଏ । ଯାହାର ଅର୍ଥ ଦିଗପାଳ । ଏମାନେ ଦିଗର ରକ୍ଷା କରିଥାନ୍ତି ।

ଦଶ ଦିଗରେ ଦଶ ଦିଗପାଳ ହେଲେ- ଉର୍ଦ୍ଧ୍ୱ ଦିଗରେ ବ୍ରହ୍ମା, ଈଶାନ୍ ଦିଗରେ ଶିବ ବା ଈଶ, ପୂର୍ବ ଦିଗରେ ଇନ୍ଦ୍ର, ଆଗ୍ନେୟ ଦିଗରେ ଅଗ୍ନି କିମ୍ବା ବ୍ରାହ୍ମି, ଦକ୍ଷିଣ ଦିଗରେ ଯମ, ନୈରତ୍ୱ ଦିଗରେ ନରତି, ପଶ୍ଚିମ ଦିଗରେ ବରୁଣ, ବାୟବ୍ୟ ଦିଗରେ ବାୟୁ ବା ମାରୁତ, ଉତ୍ତର ଦିଗରେ କୁବେର ଏବଂ ଅଧୋ ବା ନିମ୍ନ ଦିଗରେ ଅନନ୍ତ ଦିଗପାଳ ରୂପରେ ବିରାଜମାନ କରିଛନ୍ତି ।

ବରାହ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦିଗପାଳଙ୍କ ଉତ୍ପତ୍ତି କଥା ଏହି ପ୍ରକାରେ- ଥରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ରଚନା ନିମନ୍ତେ ଚିନ୍ତାମଗ୍ନ ଥିଲେ । ଏହି ସମୟରେ ତାଙ୍କ କାନରୁ ୧୦ କନ୍ୟା ଉତ୍ପନ୍ନ ହେଲେ । ଏମାନଙ୍କ ମଧ୍ୟରୁ ମୁଖ୍ୟ ୬ଜଣ ଏବଂ ୪ ଜଣ ଗୌଣ ଥିଲେ । ଏହି ଦଶ କନ୍ୟା ହେଲେ ପୂର୍ବା (ଯେକି' ପୂର୍ବ ଦିଗ ନାମରେ ପରିଚିତ ହେଲେ), ଆଗ୍ନେୟୀ(ଯେକି' ଆଗ୍ନେୟ ଦିଗ ରୂପେ ପରିଚିତ ହେଲେ), ଦକ୍ଷିଣା (ଯେକି' ଦକ୍ଷିଣ ଦିଗ ବୋଲାଇଲେ), ନୈରତୀ (ଯେକି' ନୈରତ ଦିଗ ବୋଲାଇଲେ), ପଶ୍ଚିମା (ପଶ୍ଚିମ ଦିଗ ନାମରେ ପରିଚିତ ହେଲେ), ବାୟବୀ (ବାୟବ୍ୟ ଦିଗ ହେଲେ), ଉତ୍ତର (ଉତ୍ତର ଦିଗ ହେଲେ), ଏଶାନୀ (ଈଶାନ ଦିଗ ନାମରେ ପରିଚିତ ହେଲେ), ଉର୍ଦ୍ଧ୍ୱା (ଉର୍ଦ୍ଧ ଦିଗ ନାମରେ ପରିଚିତ ହେଲେ), ଅଦ୍ଧସ୍(ଅଧୋ ବା ନିମ୍ନ ଦିଗ ନାମରେ ପରିଚିତ ହେଲେ) ।

ଏହି କନ୍ୟାମାନେ ବ୍ରହ୍ମାଙ୍କୁ ପ୍ରଣାମ କରି ତାଙ୍କୁ ରହିବା ଲାଗି ଉପଯୁକ୍ତ ସ୍ଥାନ ଏବଂ ଉପଯୁକ୍ତ ପତି ଦେବା ଲାଗି ଅନୁରୋଧ କଲେ । ଏହାଶୁଣି ବ୍ରହ୍ମା କହିଲେ, ତୁମେମାନେ ଯେଉଁ ଦିଗକୁ ଯିବାକୁ ଚାହୁଁଛ ଯାଅ । ମୁଁ ତୁମକୁ ସେହି ଅନୁରୂପ ପତି ଦେବି । ଏହାପରେ ସେହି କନ୍ୟାମାନେ ଭିନ୍ନ ଭିନ୍ନ ଦିଗକୁ ଗତି କଲେ । ସେହି ଅନୁଯାୟୀ, ବ୍ରହ୍ମା ୮ ଦିଗପାଳମାନଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ଗୋଟିଏ ଗୋଟିଏ କନ୍ୟା ପ୍ରଦାନ କଲେ । ଏହାପରେ ଦିଗପାଳମାନେ ନିଜ ନିଜ ଦିଗକୁ ଚାଲିଗଲେ ।

ଲୋକପାଳ ଏବଂ ଦିଗପାଳ

ପୂର୍ବରେ ଇନ୍ଦ୍ର

ଦକ୍ଷିଣ-ପୂର୍ବ(ଆଗ୍ନେୟ)ରେ ଅଗ୍ନି

ଦକ୍ଷିଣରେ ଯମ

ଦକ୍ଷିଣ ପଶ୍ଚିମ(ନୈରତ୍ୱ)ରେ ସୂର୍ଯ୍ୟ

ପଶ୍ଚିମରେ ବରୁଣ

ପଶ୍ଚିମୋତ୍ତର (ବାୟବ୍ୟ)ରେ ବାୟୁ

ଉତ୍ତରରେ କୁବେର

ଉତ୍ତର-ପୂର୍ବ(ଈଶାନ୍)ରେ ସୋମ ବା ଈଶ ରହିଲେ ।

ଉର୍ଦ୍ଧ୍ୱ ଦିଗରେ ସ୍ୱୟଂ ବ୍ରହ୍ମା ରହିଲେ ଏବଂ ଅଧୋ ଦିଗ ଶେଷନାଗଙ୍କୁ ପ୍ରଦାନ କଲେ ।

ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରରେ ଦିଗପାଳଙ୍କ ବିଶେଷ ମହତ୍ୱ ରହିଛି । ଦିଗ ଅନୁଯାୟୀ, ଦିଗପାଳଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମନୁଷ୍ୟର କଲ୍ୟାଣ ହୋଇଥାଏ । ଦିଗପାଳଙ୍କୁ ସାକ୍ଷୀ ରଖି କେତେକ ଧାର୍ମିକ ପରମ୍ପରା ସମ୍ପନ୍ନ କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଥାଏ ।

# ‘ଦୁଗ୍ଧ ଶୀତଳୀକରଣ କେନ୍ଦ୍ର’ର ଉଦଘାଟିତ

**ଭୁବନେଶ୍ୱର, ୨୬।୨ (ମହାଭାରତ):** ଦୁଗ୍ଧ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ମଙ୍ଗଳବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଠାରେ ଏକ ‘ଦୁଗ୍ଧ ଶୀତଳୀକରଣ କେନ୍ଦ୍ର’ ଉଦଘାଟିତ ହୋଇଯାଇଛି ।

ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି ସମ୍ବଲପୁର ଜିଲ୍ଲାରେ ଦୁଗ୍ଧ ଚାଷର ଅନେକ ସମ୍ଭାବନା ଅଛି । ଏହି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ନିର୍ମାଣ ପାଇଁ ମୋଟ ୪୦ ଲକ୍ଷ ଟଙ୍କା ନିବେଶ କରାଯାଇଛି ଏବଂ ଦୈନିକ ମୋଟ ୨୦୦୦ ଲିଟର ଦୁଗ୍ଧ ସଂଗ୍ରହର ବ୍ୟବସ୍ଥା କରାଯାଇଛି । ଆଜି ଲୋକାର୍ପିତ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଦ୍ୱାରା ଅଂଚଳବାସୀ ବିଶେଷ ଭାବରେ ଛାତ୍ରଛାତ୍ରୀମାନେ ପୁଷ୍ଟିକର କ୍ଷୀର ପାଇପାରିବେ । ରୋଜଗାରର ଏକ ମାଧ୍ୟମ ଭାବେ ଦୁଗ୍ଧ ଚାଷୀମାନଙ୍କ



ଆର୍ଥିକ ସ୍ଥିତି ସୁଦୃଢ ହେବ । ଆଜିର ପଦକ୍ଷେପ ସମ୍ବଲପୁର ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ସହ ଏହି ବର୍ଗର ଚାଷୀଙ୍କ ଆର୍ଥିକ ସମ୍ବଳକୁ ସଶକ୍ତ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ଦୁଗ୍ଧ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଛି । ଦୁଗ୍ଧ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ, ସରକାରୀ ସହାୟତା ସହ ଅନେକ ଜନକଲ୍ୟାଣକାରୀ ଯୋଜନା ଦ୍ୱାରା ଗୋପାଳନ କରି ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରାଯାଉଛି । ଆଗାମୀ ଦିନରେ ସମ୍ବଲପୁର ଗୋଶାଳା ସ୍ଥିତ ଓମଫେଡ ପ୍ଲାଂଟର ସମ୍ପ୍ରସାରଣ କରାଯିବ । ସେହି ପ୍ଲାଂଟରୁ ପାଉଡର କ୍ଷୀର, ଦହି, ଚକୋଲେଟ୍, ପନିର, ଆଇସକ୍ରିମ୍ ସମେତ କ୍ଷୀରରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେବ । ରାଜ୍ୟ ସରକାରଙ୍କ ତରଫରୁ କାମଧେନୁ ଯୋଜନାରେ ଆଗାମୀ ଦିନରେ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବ । ଓଡ଼ିଶା ସରକାରଙ୍କ ଦ୍ୱାରା ସବୁ ପଂଚାୟତରେ ଦୁଗ୍ଧ ସମବାୟ ସମିତି ଗଠନ ହେବ ।

ଶ୍ରୀ ପ୍ରଧାନ କହିଥିଲେ ଦେଶର ମୋଟ ୭୦୦୦ ବ୍ଲକ ମଧ୍ୟରୁ ମୋଟ ୫୦୦ଟି ଆକାଂକ୍ଷୀ ବ୍ଲକର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତଦାରଖ କରୁଛନ୍ତି, ଯେଉଁଥିରେ ନାକଟିଦେଉଳ ବ୍ଲକ ସାମିଲ ଅଛି । ଏଠାରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ମୌଳିକ ସୁବିଧାକୁ ଉପଲବ୍ଧ କରାଇବା ଦିଗରେ ବିଜେପିର ଡବଲ ଇଞ୍ଜିନ ସରକାର କାମ କରୁଛନ୍ତି।

# ଜଙ୍ଗଲ ବିଭାଗର ଆରଏସିପି ଅଦାଲତ

**ଭୁବନେଶ୍ୱର, ୨୬।୨ (ମହାଭାରତ):** ଅରଣ୍ୟ ଭବନ ସମ୍ମିଳନୀ କକ୍ଷରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଆଁ.ଏ.ସି.ପି ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଅଦାଲତରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ, ଓଡ଼ିଶା, ଆଁଏସିପି ଅଦାଲତ କମିଟିର ଅଧକ୍ଷ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ଦେବେନ କୁମାର ପ୍ରଧାନ, ସ୍ୱତନ୍ତ୍ର ସଚିବ ଶ୍ରୀ ଧରମ ହାଂସଦା, ଅତିରିକ୍ତ ସଚିବ ଶ୍ରୀମତୀ ଉଷାରାଣୀ ଦାସ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ସବିତା ମଲ୍ଲିକ ଅଦାଲତ କମିଟିର ସଦସ୍ୟ/ସଦସ୍ୟା ଓ ଯୁଗ୍ମ ସଚିବ ଶ୍ରୀ ଦିନକୃଷ୍ଣ କର କମିଟିର ସଦସ୍ୟ-ସଚିବ ଭାବେ ଯୋଗ ଦେଇଥିଲେ ।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ନିଜର ବକ୍ତବ୍ୟରେ ପ୍ରକାଶ କଲେ ଯେ, ଉଚ୍ଚ ନ୍ୟାୟାଳୟ ଓଡ଼ିଶା ଏବଂ ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଏହି ଆଁଏସିପି ଅଦାଲତ କମିଟି ବୈଠକ ଆହୂତ ହୋଇଛି । ଆଁଏସିପିରୁ ବଂଚିତ ସମସ୍ତ ଜଙ୍ଗଲ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଏବଂ କାର୍ଯ୍ୟରତ କର୍ମଚାରୀବୃନ୍ଦ ଏହି ଅଦାଲତରେ ଆବେଦନ କରି ନିଜ ନିଜର ନ୍ୟାୟୋଚିତ ପ୍ରାପ୍ୟ ପାଇପାରିବେ ।

ଆଁଏସିପି ଅଦାଲତ କମିଟିର ଅଧକ୍ଷ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ଦେବେନ କୁମାର ପ୍ରଧାନ ସମ୍ୟକ ସୂଚନା ଦେଇ କହିଲେ ଯେ, ଆଜି ଏହି ଆଁଏସିପି ଅଦାଲତ କମିଟିର ପ୍ରଥମ ବୈଠକ । ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଅଦାଲତଙ୍କର ବିନା ଦ୍ୱାରସ୍ଥ ହୋଇ କିଭଳି ତ୍ୱରିତ ବେଗରେ ସେମାନଙ୍କର ଉଚିତ ନ୍ୟାୟ ପାଇପାରିବେ ତାହା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ବିଭାଗ ତରଫରୁ ପ୍ରଦାନ କରାଯାଇଥିବା ଆବେଦନ ଫର୍ମଟିକୁ ପୂରଣ କରି ତତ୍‌ସହିତ ନିଜର ଅଭିଯୋଗର କାଗଜାତ୍ ସଂଲଗ୍ନ କରି କମିଟି ନିକଟରେ ପ୍ରଦାନ କରିବେ ଏବଂ ସେହି ଆବେଦନ ପତ୍ର ଆଧାରରେ ଏକ ମାସ ମଧ୍ୟରେ ଅଭିଯୋଗର ସମାଧାନ କରି ଜଣାଇବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ଆଦେଶ ପ୍ରଦାନ କରିଥିଲେ। ଏହା ଦ୍ୱାରା ଆଁଏସିପିରୁ ବଂଚିତ ଆଉ କେହି ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ନାହିଁ ଏବଂ ବିଭାଗର କେସ୍ ସଂଖ୍ୟା ମଧ୍ୟ କମିଯିବ। ଅଦାଲତରେ ଆଜି ମୋଟ ୧୬୨ ଟି ଆବେଦନ ପତ୍ର ଗ୍ରହଣ କରାଯାଇଛି ଏବଂ ପୁନର୍ବାର ଫେବୃଆରୀ ୨୭ ତାରିଖରେ ଦ୍ୱିତୀୟ ବୈଠକ ଅନିଷ୍ଠିତ ହେବ । ଆଜି ଅନୁଗୁଳ, ବାରିପଦା, ବ୍ରହ୍ମପୁର, ଭବାନୀପାଟଣା ଏବଂ ସମସ୍ତ ମୁଖ୍ୟ ବନ ସଂରକ୍ଷକ ସର୍କଲର କର୍ମଚାରୀମାନେ ଆଁଏସିପି ଅଦାଲତରେ ଯୋଗ ଦେଇଛନ୍ତି । ଆଁଏସିପି ଅଦାଲତ କମିଟି ଗୋଟିଏ ମାସ ସମୟ ପ୍ରଦାନ କରିଛନ୍ତି ଏବଂ ମାମଲାଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# କିଟ୍‌ରେ ଇଣ୍ଡିଆ ଟ୍ରେକ୍‌ର ୨୧ ଜଣିଆ ପ୍ରତିନିଧିମଣ୍ଡଳ

**ଭୁବନେଶ୍ୱର, ୨୬।୨ (ମହାଭାରତ):** ଇଣ୍ଡିଆ ଟ୍ରେକ୍ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ୨୩ ତାରିଖରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ୨୧ ଜଣିଆ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନରେ ଅଛନ୍ତି। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା ଓ ଜ୍ଞାନର ଆଦାନ ପ୍ରଦାନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କିଟ୍ ଓ କିସ୍ ବୁଲିବା ସହ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣୁଛନ୍ତି। ସେହିପରି ଇଣ୍ଡୋ-ଜାପାନ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ଜାପାନରୁ ମଧ୍ୟ ଏକ ପ୍ରତିନିଧିମଣ୍ଡଳ ୨୨ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ସେମାନେ ଓଡ଼ିଶାର କଳା, ସଂସ୍କୃତି, ସ୍ଥାପତ୍ୟ ଆଦି ସମ୍ପର୍କରେ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିଥିଲେ। ଏହା ଛଡ଼ା ଉଭୟ ଦେଶର ଛାତ୍ରଛାତ୍ରୀମାନେ ନିଜ ନିଜ ଦେଶର କଳା, ସଂସ୍କୃତି ଆଦି ପ୍ରଦର୍ଶନ କରିଥିଲେ। ଉଭୟ ଦେଶର କଳା, ସଂସ୍କୃତି ଓ ସ୍ଥାପତ୍ୟ ନେଇ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ସମୟ ମଧ୍ୟରେ ସେମାନେ ପୁରୀ, କୋଣାର୍କ ଭଳି ଓଡ଼ିଶାର ଦର୍ଶନୀୟ ସ୍ଥାନ ପରିଦର୍ଶନ କରି ଓଡ଼ିଶାର କଳା ଓ ସ୍ଥାପତ୍ୟ ଉପରେ ପ୍ରତ୍ୟେକ୍ଷ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ। ସେହିପରି କିଟ୍ ଓ କିସ୍‌ର ଛାତ୍ରଛାତ୍ରୀମାନେ



ଜାପାନ ଓ ହାର୍ଭାର୍ଡ ଛାତ୍ର ପ୍ରତିନିଧିଙ୍କଠାରୁ ସେମାନଙ୍କ ଦେଶର କଳା, ସଂସ୍କୃତି ବିଷୟରେ ଜାଣିବାକୁ ପାଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଏଭଳି ପ୍ରୟାସ ପାଇଁ ସେମାନେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅଚ୍ୟୁତ ସାମନ୍ତଙ୍କୁ ସୁରକ୍ଷା ଦେଉଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର, ୨୬।୨ (ମହାଭାରତ):** ପ୍ରଦେଶ ଯୁବ କଂଗ୍ରେସ, ପ୍ରଦେଶ ଛାତ୍ର କଂଗ୍ରେସ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଛାତ୍ର କଂଗ୍ରେସ କମିଟି ପକ୍ଷରୁ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବିରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କିଟ୍‌ରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଓ ଏହାର ପରବର୍ତୀ ପରିସ୍ଥିତିରେ ନେପାଳୀ ଛାତ୍ର ଛାତ୍ରୀମାନଙ୍କୁ ଜବରଦସ୍ତକରି ବଳପୂର୍ବକ କିଟ୍ ହଷ୍ଟେଲରୁ ତଡି ଦିଆଯାଇଛି। ଏହି ପ୍ରସଙ୍ଗରେ କିଟ୍ ପ୍ରତିଷ୍ଠାତା ସାମନ୍ତଙ୍କ ଭୂମିକାକୁ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଛାତ୍ରଛାତ୍ରୀମାନେ ସାଇନ୍ ଏ ଡାଏ ଘୋଷଣା ହେବା ପରେ ଏବଂ କିଟ୍ କର୍ତ୍ତୃପକ୍ଷଙ୍କ ଠାରୁ ଅତ୍ୟାଚାରିତ ହୋଇ ହଷ୍ଟେଲରୁ ବାହାରିବା ପରେ ଉପାସ ଭୋକରେ ରହିଲେ। ସେମାନେ ବହୁ କଷ୍ଟରେ ନେପାଳ ଫେରିଗଲେ। ମୂଳ କଥାଟି ହେଉଛି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଷଡଯନ୍ତ୍ର କରି ନିଜ କର୍ମଚାରୀମାନଙ୍କୁ ଏଥିରେ



ଫସାଇ ନିଜେ ଦୋଷମୁକ୍ତ ହୋଇଯାଉଛନ୍ତି। ଅଚ୍ୟୁତ ସାମନ୍ତଙ୍କ ବିନା ନିର୍ଦ୍ଦେଶରେ କିଟ୍‌ରେ ଗଛପତ୍ର ହଲେ ନାହିଁ। ସୁତରାଂ ନେପାଳୀ ଛାତ୍ରୀଛାତ୍ରୀଙ୍କ ଉପରେ ଯେଉଁ ନିର୍ଯ୍ୟାତନା ଦିଆଯାଇଥିଲା ତାହା ସାମନ୍ତଙ୍କ ନିର୍ଦ୍ଦେଶରେ ହୋଇଥିଲା ବୋଲି ସଂଗଠନ ପକ୍ଷରୁ କୁହାଯାଉଛି। କିଟ୍ ପରିସରରେ ପ୍ରତିବର୍ଷ ମୃତ୍ୟୁ ଘଟଣା ଖବର ପ୍ରସାରିତ ହେଉଛି ମାତ୍ର ଏହାର ସଠିକ୍ ତଦନ୍ତ ହୋଇପାରୁନାହିଁ। କାରଣ କିଟ୍‌ର ପ୍ରତିଷ୍ଠାତା ଶ୍ରୀ ସାମନ୍ତ ପ୍ରଶାସନକୁ ପ୍ରଭାବିତ କରିବାରେ ସଫଳ ହୋଇପାରୁଛନ୍ତି। କିଟ୍‌ରେ ଛାତ୍ରୀ ଅସୁରକ୍ଷିତ। ସେଠରେ ଶୈକ୍ଷିକ ବାତାବରଣ ନାହିଁ। ସରକାରଙ୍କ ପାଖରେ ନିଶ୍ଚିତ ଭାବେ ଏ ଖବର ଅଛି କିନ୍ତୁ ଏହାର ପ୍ରତିକାର କରିବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି। କିଟ୍ କେଳେଙ୍କାରୀକୁ ନେଇ ଓଡ଼ିଶାରେ ଘରେ ଘରେ ଚର୍ଚ୍ଚା ହେଉଥିବାବେଳେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ଘଟଣା ସଂପର୍କରେ କୌଣସି ଟିପ୍ପଣି ନଦେବା ଆଶ୍ଚର୍ଯ୍ୟଜନକ କଲା ? ଶ୍ରୀ ସାମନ୍ତ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଯେଉଁ ଭିତିରି ସଂପର୍କ ରହିଛି ତାହା ଜଳଜଳ ହୋଇ ଦିଶୁଛି। ଯଦି ଅଚ୍ୟୁତ ସାମନ୍ତ ଗିରଫ ନ ହୁଅନ୍ତି ତେବେ ଆମର ଓ ଓଡ଼ିଶାର ସାଧାରଣ ଜନତାଙ୍କର ଯେଉଁ ସନ୍ଦେହ ପ୍ରକଟିତ ହୋଇଛି ତାହା ସତ୍ୟ ବୋଲି ପ୍ରମାଣିତ ହେବ। ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଦ୍ୱାରା ଛାତ୍ରଛାତ୍ରୀମାନେ ଅତ୍ୟାଚାରିତ ହୋଇ ଅସହାୟ ହୋଇପଡୁଛନ୍ତି। ସେମାନଙ୍କୁ ନ୍ୟାୟ ଦେବା ସରକାରଙ୍କ କର୍ତବ୍ୟ। ଏଣୁ ସ୍ୱତନ୍ତ୍ର ଭାବେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ଜିଲ୍ଲା ମୁଖ୍ୟାଳୟରେ ଏବଂ ସଂପକ୍ତ ଶିକ୍ଷାନୁଷ୍ଠାନର ନିକଟବର୍ତି ଥାନାରେ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉ, ଯେଉଁଠାରେ ଛାତ୍ରଛାତ୍ରୀମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିପାରିବେ ଓ ନ୍ୟାୟ ଭିକ୍ଷା କରିପାରିବେ। କିଟ୍ ଯେଉଁଭଳି ଭାବରେ ପରିଚାଳିତ ହେଉଛି ଏଥିରୁ ସ୍ପଷ୍ଟ ହେଉଛି ଯେ କିଟ୍ ପାଖରେ ଆଉ ଡିମ୍ଡ୍ ୟୁନିଭରସିଟ୍ ମାନ୍ୟତା ରହିବା ଉଚିତ୍ ନୁହେଁ। ତେଣୁ ତୁରନ୍ତ ଏହି ମାନ୍ୟତା ପ୍ରତ୍ୟାହାର କରିନିଆଯାଉ। ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର କିଟ୍ ୟୁନିଭରସିଟିକୁ ସ୍ୱତନ୍ତ୍ର ଭାବେ ନିୟନ୍ତ୍ରଣ କରିବାକୁ ବ୍ୟବସ୍ଥା କରନ୍ତୁ। ନେପାଳୀ ଓ ଅନ୍ୟ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ଦିଆଯାଉ। ନେପାଳ ଓ ଭାରତ ମଧ୍ୟରେ ବହୁ ପୁରୁଣା ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରରେ ନିବିଡ଼ ସଂପର୍କ ରହିଛି। ମାତ୍ର ସାମନ୍ତ ଏହି ଯୁଗ ଯୁଗର ସୁ ସଂପର୍କକୁ କ୍ଷୁର୍ଣ୍ଣ କରିଛି। ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ଓଡ଼ିଶାକୁ ଶ୍ରୀ ସାମନ୍ତ ନିନ୍ଦିତ କରୁଛନ୍ତି।

# ସମ୍ବଲପୁରୀ ବ୍ରାଣ୍ଡର ବଜାର ଚାହିଦା ବଢ଼ାଇବା ଲକ୍ଷ୍ୟ : ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୬।୨ (ମହାଭାରତ):** କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନର ସରକାରରେ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନଏଚଡିପି) ସମେତ ବିଭିନ୍ନ ଯୋଜନାରେ ସମ୍ବଲପୁର ଜିଲ୍ଲାର ବୁଣାକାରଙ୍କୁ ପ୍ରଶିକ୍ଷଣ, ଆନୁଷଙ୍ଗିକ ଭିତ୍ତିଭୂମି ଏବଂ ଉପଯୁକ୍ତ ବଜାର ଯୋଗାଇ ସେମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବାର ଲକ୍ଷ୍ୟ ରଖାଯାଇଛି । ମୂଳତଃ ସମ୍ବଲପୁରୀ ବ୍ରାଣ୍ଡର ବଜାର ଚାହିଦା ବଢାଇବା ଆମର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲାର ପଡ଼ିଆବାହାଲ ବୁଣାକାର ଗ୍ରାମ ବଡତୁରଙ୍ଗ ଠାରେ ଭାରତ ସରକାରଙ୍କ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ ଅଧୀନରେ ବୁଣାକାର ଓ ହସ୍ତତନ୍ତ କାରିଗରମାନଙ୍କୁ



ସହାୟକ ହେବା ଭଳି ଉପକରଣ ବିତରଣ କରିଛନ୍ତି । ସମର୍ଥ ବୁଣା ପ୍ରଶିକ୍ଷଣ ସାର୍ଟିଫିକେଟ, ହସ୍ତତନ୍ତ ବିକାଶ ସହାୟତା, ଲୁମ୍, ଲାଇଟିଂ ୟୁନିଟ୍ ଆଦି ସହାୟତା ସେମାନଙ୍କୁ ପ୍ରଦାନ କରିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଆଜିର କାର୍ଯ୍ୟକ୍ରମ ବୁଣାକାର ଭାଇ ଭଉଣୀମାନଙ୍କ ପରିଶ୍ରମକୁ ସ୍ୱୀକୃତି ଦେବାର ଏକ ନିଆରା ପଦକ୍ଷେପ । ଏହି ପଦକ୍ଷେପ ଦ୍ୱାରା ହସ୍ତତନ୍ତ ଓ ବୟନଶିଳ୍ପର ଉଭୟ ଉତ୍ପାଦନ ଓ ଚାହିଦା ବଢ଼ିବ । ବୁଣାକାର ତଥା ହସ୍ତତନ୍ତ କାରିଗରଙ୍କ ମାନଙ୍କର ରୋଜଗାର ବଢ଼ିବ ।ସେମାନଙ୍କ ପ୍ରତିଭା ଲୋକାଦୃତ ହେବା ସହ ଆର୍ଥିକ ଦୃଷ୍ଟିରୁ ସେମାନେ ସମ୍ପନ୍ନ ହେବେ ।

ସମ୍ବଲପୁର ସମେତ ବରଗଡ, ସୋନପୁର, ବୌଦ୍ଧ, କଳାହାଣ୍ଡି ଓ ବଲାଙ୍ଗୀର ଆଦି ଜିଲ୍ଲାରେ ବୁଣାକାରମାନଙ୍କ ସଂଖ୍ୟା ଅଧିକ । ଓଡ଼ିଶାର ବୁଣାକାରମାନଙ୍କୁ ପ୍ରଶିକ୍ଷଣ ଦେବାର ଯୋଜନା ହେବ । ସେମାନଙ୍କୁ ବ୍ୟବସାୟ ସହ ଯୋଡାଯିବ । ଭାରତ ସରକାର ଓ ରାଜ୍ୟ ସରକାର ଏଥିରେ ସହଯୋଗୀ ହେବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଆମର ବୁଣାକାର ଭାଇ ଭଉଣୀମାନଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ବଦ୍ଧ ପରିକର । ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ପିଏମ ସୂର୍ଯ୍ୟଘର ଯୋଜନା ସମେତ ରାଜ୍ୟ ସରକାରଙ୍କ ସୁଭଦ୍ରା ଓ ଅନ୍ୟାନ୍ୟ କୃଷି ଭିତ୍ତିକ ଯୋଜନା ଉପରେ ଆଲୋକପାତ କରିବା ସହ ବଡତୁରଙ୍ଗଙ୍କୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ସେ ଆହ୍ୱାନ କରିଥିଲେ ।

ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଏହି ଗ୍ରାମରେ ଥିବା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## କାନ୍ତକବିଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର, ୨୬।୨ (ମହାଭାରତ):** ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ବରପୁତ୍ରଙ୍କ ଦାୟଦ ତଥା ବରିଷ୍ଠ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର ସଂସ୍କୃତି ବିଭାଗ ଓ ଓଡିଆ ସାହିତ୍ୟ ଏକାଡେମୀ କାର୍ଯ୍ୟ ପାଇଁ ଦୁଖଃ ପ୍ରକାଶ କରିଥିଲେ। ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ବକ୍ତା ପ୍ରବୀର ମହାନ୍ତି, ମଞ୍ଚେଶ୍ୱର ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଆଦି ବରପୁତ୍ରଙ୍କ ଗୁଣଗାନ କରିଥିବା ବେଳେ ଯୁଗ୍ମ-ସମ୍ପାଦକ ଅକ୍ଷୟ କୁମାର ଜେଠୀ, ମହେଶ୍ୱର ବିଶ୍ୱାଳ, ବାସନ୍ତୀ ତ୍ରିପାଠୀ, ନାରାୟଣ ସୂତାର, ରମେଶ ଚନ୍ଦ୍ର ପାତାଳସିଂ ଓ ଅମିତ ରଞ୍ଜନ ପାତାଳସିଂ ପ୍ରମୁଖ ଯୋଗ ଦେଇଥିଲେ।

# ମନାଲିର ଶୀତକାଳୀନ ଶିବିରରେ ଯୋଗଦେବେ ଓଡ଼ିଶାର ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୨୬।୨ (ମହାଭାରତ):** ହିମାଚଳ ପ୍ରଦେଶ ମନାଲି ଠାରେ ୨୭ ତାରିଖରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଶୀତକାଳୀନ ଦୁଃସାହାସିକ ଶିବିର ଆୟୋଜିତ ହେବାକୁ ଯାଉଛି। ଏହି ଶୀତକାଳୀନ ଦୁଃସାହାସିକ ଶିବିରରେ ଓଡ଼ିଶାରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେବେ। ଏଥିପାଇଁ ଛାତ୍ରଛାତ୍ରୀମାନେ ମନାଲି ଅଭିମୁଖେ ନିଜର ଯାତ୍ରା ଆରମ୍ଭ କରିବେ। ଏହି ଅବସରରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସଫଳ ଯାତ୍ରା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରଛାତ୍ରୀମାନେ ନୂତନ ଅଭିଜ୍ଞତା ଓ ଅନୁଭୂତି ସାଉଁଟିବା ସହ ଜଣେ ଯୁବ ପ୍ରତିନିଧି ଭାବେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏଥିସହ ଏହି ଶିବିର ଛାତ୍ରଛାତ୍ରୀମାନଙ୍କର ବ୍ୟକ୍ତିତ୍ୱର ବିକାଶ କରିବାରେ ସହାୟକ ହେବା ସହ ସମସ୍ତଙ୍କ ପାଇଁ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀମାନେ ଶିବିରରୁ ଫେରି ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତାକୁ ନିଜର ସହପାଠୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ମୋ ସହ ବାଣ୍ଟିବେ ଏବଂ ଶିବିରରୁ କଣ ନୂଆ ଜାଣିବାକୁ ପାଇଲେ ତାହା ମୋତେ ଜଣାଇବେ, ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରାମକୃଷ୍ଣ ମିଶନରେ ଆଲୋଚନାଚକ୍ର

**ଭୁବନେଶ୍ୱର, ୨୬।୨ (ମହାଭାରତ):** ବିବେକାନନ୍ଦ ଲାଇବ୍ରେରୀ ହଲ୍‌ରେ ଶ୍ରୀରାମକୃଷ୍ଣଙ୍କ ଜୀବନରେ ଭକ୍ତି ବିଷୟରେ ଏକ ଆଲୋଚନାସଭା ଅନୁଷ୍ଠିତ




ହୋଇଯାଇଛି। ସ୍ୱାମୀ ଆତ୍ମପ୍ରଭାନନ୍ଦଜୀଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ମୁଖ୍ୟବକ୍ତା ଭାବରେ ଷ୍ଟେଟବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ମହେଶ ପ୍ରସାଦ ଦଳବେହେରା ଯୋଗଦେଇ କହିଥିଲେ ଶ୍ରୀରାମକୃଷ୍ଣ ଏପରି ଜଣେ ଆଧ୍ୟାତ୍ମିକ ମହାପୁରୁଷ ଥିଲେ ଯାହାଙ୍କର ଜୀବନ ଥିଲା ଈଶ୍ୱରଙ୍କ ପ୍ରତି ପ୍ରେମର ଜୀବନ୍ତ ସାକ୍ଷ୍ୟ। ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ସେ ପୂଜକ ହିସାବରେ ଥିବାବେଳେ ତାଙ୍କ ଜୀବନରେ ଭକ୍ତିର ସର୍ବୋଚ୍ଚ ପ୍ରକାଶ ଘଟିଥିଲା। ସେଠାରେ ସେ ମା କାଳୀଙ୍କୁ କେବଳ ଏକ ପ୍ରତିମା ଭାବରେ ନୁହେଁ ବରଂ ଜୀବନ୍ତ ସତ୍ତା ଭାବରେ ପୂଜା କରୁଥିଲେ। ତାଙ୍କର ଭକ୍ତି ନିଚ୍ଛକ ଆନୁଷ୍ଠାନିକ ନଥିଲା, ଏହା ଥିଲା ନିର୍ମଳ, ଶିଶୁସୁଲଭ ଏବଂ ସର୍ବବ୍ୟାପୀ। ଏହି ସଭାରେ ଅନ୍ୟତମ ବକ୍ତାଭାବରେ ପୂର୍ବାଶାସନ ଉଚ୍ଚବିଦ୍ୟାଳୟର ଶିକ୍ଷକ ଜୟନ୍ତ ମହାନ୍ତି ଯୋଗଦେଇ କହିଲେ ଶ୍ରୀ ରାମକୃଷ୍ଣଙ୍କ ମତରେ ଶୁଦ୍ଧ ଭଗବତ୍ ଭକ୍ତି ମାନବ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ହେବା ଉଚିତ। ତୀବ୍ର ବ୍ୟାକୁଳତା ହିଁ ଈଶ୍ୱରଙ୍କୁ ଉପଲବ୍ଧି କରିବାର ଚାବିକାଠି। ଶ୍ରୀରାମକୃଷ୍ଣ ଆମକୁ ଶିଖାଇଛନ୍ତି ଯେ, ଭକ୍ତି କେବଳ ଆବେଗ ନୁହେଁ, ଏହା ଏକ ରୂପାନ୍ତରିତ ଶକ୍ତି, ଯାହା ଆମକୁ ଈଶ୍ୱରଙ୍କ ଆଡକୁ ନେଇଯାଏ। ଏହି ସଭାରେ ସ୍ୱାମୀ ଅଦ୍ୱୟାନନ୍ଦ ପ୍ରାରମ୍ଭିକ ଭାଷଣ ଦେଇଥିବା ବେଳେ ପରମେଶ୍ୱର ଧଳ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଜିତେନ୍ଦ୍ର ରଣା, ଅଭିମନ୍ୟୁ ନାୟକ, ବୃନ୍ଦାବନ ପଣ୍ଡା, ରମେଶ ପ୍ରଧାନ ପ୍ରମୁଖ ସାହାଯ୍ୟ କରିଥିଲେ।

# ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର

**ଭୁବନେଶ୍ୱର, ୨୬।୨ (ମହାଭାରତ):** ଛନ୍ଦକବି ରାଧାମୋହନ ଗଡ଼ନାୟକ ଇତିହାସ ଓ କିମ୍ବଦନ୍ତୀରୁ ଉପାଦାନ ସଂଗ୍ରହ କରି ଯେଉଁ ଗାଥା କବିତାଗୁଡ଼ିକ ରଚନା କରିଯାଇଛନ୍ତି ତାହା ଖୁବ୍ ହୃଦୟଗ୍ରାହୀ। ତାଙ୍କ କବିତାରେ କାହାଣୀ ବର୍ଣ୍ଣନାର ଦକ୍ଷତା ଅତୁଳନୀୟ ଥିଲା ବୋଲି ‘ଓଡ଼ିଶା ଲେଖକ ସମବାୟ ସମିତି’ର ମାସିକ ସାହିତ୍ୟ ଆଲୋଚନାଚକ୍ରରେ ରାଧାମୋହନଙ୍କ ପରଲୋକର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସଭାରେ ସଭ୍ୟସଭ୍ୟାଗଣ ମତପ୍ରକାଶ କରିଛନ୍ତି। ରାଧାମୋହନ ଓଡ଼ିଆ ଭାଷାର ଜଣେ ଅଭିଜ୍ଞ ଓ ପରାକ୍ରମଶାଳୀ ଗଡ଼ନାୟକ ଥିଲେ ବୋଲି ମାୟାଧର ମାନସିଂହଙ୍କ ଉକ୍ତିକୁ ଉଲ୍ଲେଖପୂର୍ବକ ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ ରାଧାମୋହନଙ୍କର ସଂସ୍କୃତ ଓ ଇଂରାଜୀ ଭାଷାରେ ପାଣ୍ଡିତ୍ୟ ଯୋଗୁ ଓଡ଼ିଆ ସାହିତ୍ୟକୁ କାଳିଦାସଙ୍କ ‘ମେଘଦୂତ’, ‘କୁମାରସମ୍ଭବମ୍’, ଜୟଦେବଙ୍କ ‘ଗୀତଗୋବିନ୍ଦ’ ଠାରୁ ଆରମ୍ଭ କରି ବହୁ ଇଂରାଜୀ କବିଙ୍କ କବିତା ଅନୁବାଦର ଦୃଷ୍ଟାନ୍ତ ଦେଇଥିଲେ। ନିରସ ଘଟଣାକୁ ନେଇ ସେ ସ୍ୱକୀୟ ଢଙ୍ଗରେ ଅସାଧାରଣ ସ୍ପର୍ଶ ନେବାରେ ଥିଲେ ସିଦ୍ଧହସ୍ତ। ମୁଖ୍ୟ ଅତିଥି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର କହିଥିଲେ, ଅତୀତପ୍ରୀତି, ମା’, ମାଟି, ମାନବପ୍ରୀତି, ଇତିହାସମନସ୍କ ଏବଂ ପ୍ରଗତିଶୀଳ ଆଭିମୁଖ୍ୟ ଥିଲା ରାଧାମୋହନଙ୍କ କାବ୍ୟରଚନାର ବଳିଷ୍ଠ ଅଙ୍ଗ। ଆଧୁନିକ କବିତାର ବିଭିନ୍ନ



ବିଭାଗରେ ଲେଖନୀ ଥିଲା ଚଳଚଞ୍ଚଳ। ଅନ୍ୟ ବକ୍ତାଗଣଙ୍କ ଆଲୋଚନାରେ ଭାଗ ନେଇ କହିଲେ, ରାଧାମୋହନ ଶିଶୁ ଓ କିଶୋର ଉପଯୋଗୀ କବିତା, ବ୍ୟଙ୍ଗ କବିତା, ଗାଥା କବିତା, ଗୀତି କବିତା, ସନେଟ ଆଦି ରଚନା କରି ଓଡ଼ିଆ ସାହିତ୍ୟରେ ସେ ଥିଲେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ସେ ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ଦେଶାତ୍ମବୋଧ କବିତା ଲେଖିଥିଲେ ଯା । ହ । ଆନ୍ଦୋଳନକାରୀଙ୍କ ଶିବିରରେ ଗାନ କରାଯାଇଥିଲା। ସେ ମଧ୍ୟ ଜଣେ ସଫଳ ସମ୍ପାଦକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ମୁଖପତ୍ର କୋଣାର୍କ, କୁନ୍ତଳା କୁମାରୀ ସ୍ମରଣିକା, କଥା ଓ ଗାଥା, ପଲ୍ଲୀ କବିତା, ଗୋପବନ୍ଧୁ ରଚନାବଳୀ ଆଜି ସମ୍ପାଦନା କରିଛନ୍ତି। ବହୁ ପ୍ରବନ୍ଧର ରଚୟିତା ରାଧାମୋହନ ସମାଜର ପରିବର୍ତ୍ତନ ପାଇଁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ‘ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସୀ ମଣ୍ଡଳ’ର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ, ଡକ୍ଟର ଆରତି କର, ଡକ୍ଟର ମିନତୀ ଷଡଙ୍ଗୀ, ପ୍ରଭାତ କୁମାର ନନ୍ଦ, ହରିପ୍ରିୟା ପଟ୍ଟନାୟକ, ନିଶାକର ରାଉତ, ଡ. ପ୍ରେମଲତା ଦେବୀ, ରାମନାରାୟଣ ମିଶ୍ର, ସୁକାନ୍ତ ପ୍ରଧାନ, ଦେବଦତ୍ତ ରଥ, ପ୍ରଜାରଂଜନ ସାମନ୍ତରାୟ, ଡ. ସିଦ୍ଧାର୍ଥ କାନୁନ୍‌ଗୋ ଓ କମଳାକାନ୍ତ ମିଶ୍ର ଯୋଗଦେଇ ରାଧାମୋହନଙ୍କ ରଚନାର ଆଲୋଚନା କରିଥିଲେ। ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇ ସଭା ସଂଯୋଜନା କରିଥିଲେ ଓ ସମ୍ପାଦକ ସୁକାନ୍ତ ପ୍ରଧାନ ସଭାର ସମୀକ୍ଷା କରିଥିଲେ।

# କୃଷି ଓ କୃଷକଙ୍କ କଲ୍ୟାଣ

କୃଷି ଓ କୃଷକ କଲ୍ୟାଣ ନିମନ୍ତେ ଆହୁରି ଅନେକ କାମ କରିବାକୁ ଅଛି। ଓଡ଼ିାର ଅର୍ଥନୀତି ମଧ୍ୟ ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ବିଶେଷ ପ୍ରୟାସ କରୁନାହାଁନ୍ତି। କୃଷିଜାତ ସାମଗ୍ରୀର ଏମଏସପି ପ୍ରତିବର୍ଷ ବୃଦ୍ଧି ପାଉଛି। କିନ୍ତୁ କୃଷକଙ୍କ ପାଇଁ ବଜାର ବ୍ୟବସ୍ଥା ସୁଦୃଢ଼ ନୁହେଁ। ଫଳରେ ଅନେକ ଚାଷୀ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି। ଅକ୍ଲାନ୍ତ ପରିଶ୍ରମ କରି ଚାଷୀ ଯେତିକି ରୋଜଗକାର କରିପାରୁନି, କୃଷିଜାତ ସାମଗ୍ରୀର ବ୍ୟବସାୟ କରି ଜଣେ ତାଠାରୁ ଅଧିକ ସ୍ୱଚ୍ଛଳ ଜୀବନ ଯାପନ କରିପାରୁଛି। ଏହାର ମୁଖ୍ୟ କାରଣ ହେଲା ଚାଷୀଙ୍କୁ ଶୋଷଣ। ପ୍ରତି କ୍ଷେତ୍ରରେ ଚାଷୀ ଶୋଷଣ ଏବଂ ଅନ୍ୟାୟର ଶିକାର ହେଉଛି। ଉଦାହରଣ ସ୍ୱରୂପ ସରକାର ଚାଷୀଙ୍କଠାରୁ ସର୍ବ ନିମ୍ନ ସହାୟକ ଭୂଲ୍ୟ(ଏମଏସପି)ରେ ଧାନ କିଣିବାକୁ ମଣ୍ଡି ଖୋଲିଛନ୍ତି। ଚାଷୀ ମଣ୍ଡିକୁ ଯାଇ ଧାନ ବିକିଲେ ଭଲ ମୂଲ୍ୟ ପାଇବ ବୋଲି ଧାନ ବସ୍ତା ନେଇ ମଣ୍ଡିକୁ ଯାଉଛି। ଏଥିପାଇଁ ଚାଷୀଙ୍କୁ ପୂର୍ବରୁ ପଞ୍ଜିକୃତ ହେବାକୁ ପଡ଼ିବ। ଧାନ ନେବା ପରେ ତାଙ୍କୁ ଟୋକନ ମିଳିବ। ଏହି ଟୋକନ ଦେଖାଇ ଧାନ ବିକ୍ରି କରିପାରିବେ। ଏକର ପିଛି ଜଣେ ଚାଷୀ କେତେ ଧାନ ବିକ୍ରୀ କରିପାରିବ ତାହା ମଧ୍ୟ ନିର୍ଦ୍ଧାରିତ ହୋଇଛି। ଧାନ ବିକ୍ରୀ କରିବା ପରେ ଡିବିଟି ମାଧ୍ୟମରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ। ବ୍ୟବସ୍ଥା ଭଲ। କିନ୍ତୁ ଏହି ବ୍ୟବସ୍ଥା ଭିତରେ ଏତେ ଅବ୍ୟବସ୍ଥା ରହିଛି ଯେ ତାହା ଅନେକ ଚାଷୀଙ୍କୁ ମଣ୍ଡିକୁ ଧାନ ନେଇ ଯିବାରେ ନିରୁତ୍ସାହିତ କରୁଛି। ଏହାର ଫାଇଦା ଉଠାଇ ଅନେକ ବ୍ୟବସାୟୀ ଚାଷୀଙ୍କଠାରୁ ସ୍ୱଳ୍ପ ମୂଲ୍ୟରେ ଧାନ କିଣି ନିଜେ ମଣ୍ଡିକୁ ଯାଉଛନ୍ତି କିମ୍ବା ଏହାକୁ ଚାଉଳ କରି ଚଢ଼ା ଦରରେ ବିକ୍ରୀ କରୁଛନ୍ତି। ତେଣୁ ଚାଉଳ ଦର ବଢୁଛି। ଭାରତରେ ଅଧିକାଂଶ ଚାଷୀ ହେଉଛନ୍ତି ସରଳ ଏବଂ ଅଶିକ୍ଷିତ। ସେମାନେ ଏତେ ନିୟମ କାନୁନ ସହିତ ଅଭ୍ୟସ୍ତ ବା ପରିଚିତ ନୁହଁନ୍ତି। ତେଣୁ ମଣ୍ଡିରେ ଧାନ ବିକ୍ରୀ ବ୍ୟବସ୍ଥା ସରଳ ହେବା ଉଚିତ। ଅଭିଯୋଗ ହେଉଛି ଯେ, ମଣ୍ଡିରେ ଧାନ ବିକ୍ରୀ ବେଳେ ଏଫଏକ୍ୟୁ ନିୟମକୁ କଡ଼ାକଡ଼ି କରାଯାଉଛି। ଅଦିନିଆ ବର୍ଷାରେ ଫସଲ ହାନି ବା ଧାନର ମାନ ହ୍ରାସ ପାଇଲେ ଏହାର ବିକ୍ରୀ ସହଜ ହେଉନି। ଆଉ ପ୍ରତି କୁଇଣ୍ଟାଲ ଧାନରେ ୧୦/୧୨ କେଜି ଧାନ କାଟି ଦିଆଯାଉଛି। ଅର୍ଥାତ ଜଣେ ଚାଷୀ ୧୦ କୁଇଣ୍ଟାଲ ଧାନ ବିକିଲେ ତାକୁ ୯ କୁଇଣ୍ଟାଲ ଧାନର ମୂଲ୍ୟ ମିଳୁଛି। ମଣ୍ଡିରେ ଧାନର ଏହି କଟନି ଛଟନି ଏକପ୍ରକାର ଦୁର୍ନୀତିର ପରିଣତ ହୋଇଛି। କେବଳ ଚଳିତ ବର୍ଷ ନୁହେଁ, ପ୍ରତିବର୍ଷ ଏଭଳି କଟନି ଛଟନି ଚାଲୁଛି। ସବୁ ବେଳେ ବିଧାନସଭା ଭିତରେ ଓ ବାହାରେ ଏହା ଉପରେ ଆଲୋଚନା, ସମାଲୋଚନା, ତୁମ୍ବି ତୁଫାନ ହେଉଛି। ସରକାର ପ୍ରତିଶ୍ରୁତି ଦେଉଛନ୍ତି ଯେ, କଟନି ଛଟନି ବନ୍ଦ କରିବାକୁ କଡ଼ା ପଦକ୍ଷେପ ନିଆଯିବ। କିନ୍ତୁ ସ୍ଥିତିରେ କିଛି ଉନ୍ନତି ବା ପରିବର୍ତ୍ତନ ଆସୁନି। ଚାଷୀ ସଙ୍ଗଠନ ଗୁଡ଼ିକ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଲେ ମଧ୍ୟ କିଛି ଫରକ ପଡୁନି। ଗୋଟିଏ ପଟେ କେନ୍ଦ୍ର ସରକାର ଧାନର ଏମଏସପି ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ଦେଉଛନ୍ତି। ରାଜ୍ୟର ଚାଷୀଙ୍କୁ ସାଧାରଣ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଦେବାକୁ ଘୋଷଣା କରାଯାଇଛି। କିନ୍ତୁ ଏହି ଘୋଷଣାର କିଛି ମୂଲ୍ୟ ନାହିଁ। କଟନି ଛଟନିରେ ଚାଷୀ ବୋନସ ଅର୍ଥ ହରାଉଛନ୍ତି। ନିକଟରେ ବାଲେଶ୍ୱର ଜିଲ୍ଲାପାଳ ସାଧାରଣ ଚାଷୀ ବେଶରେ ମଣ୍ଡିକୁ ଯାଇ ଧାନ ବିକିବାକୁ କହିବା ବେଳେ ବାସ୍ତବ ସ୍ଥିତି ଜାଣିବାକୁ ପାଇଛନ୍ତି। ଏଥିନେଇ ସେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଛନ୍ତି ।

# ସଂସାର ଥିବା ଯେତେ ଦିନ......

॥ ଡ଼ଃ. ଦିଲ୍ଲୀପ କୁମାର ମହାରଣା ॥

> “ ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି।

ସଂସାର ଥିବା ଯେତେ ଦିନ.... ଆନନ୍ଦରେ କାଟୁଥିବା ଦିନ। ଏହା ତ ନିର୍ଘାତ ସତ କିନ୍ତୁ ସତ ପଛରେ ଆଉ ଏକ ଘଟଣା ବି ରହିଛି। ଅର୍ଥାତ୍ ଆନନ୍ଦ ବୋଇଲେ ଯେଉଁ ପ୍ରକାର ଆନନ୍ଦ ହୋଇପାରେ। କାହାକୁ ତଣ୍ଟିଆ ମାରି ହୋଇପାରେ, କାହାର ତଣ୍ଟି ଚିପି ହୋଇପାରେ, କାହାକୁ ଖାଲରେ ପକାଇ ହୋଇପାରେ, କାହା ବିରୁଦ୍ଧରେ ମିଛ ଦୁର୍ନାମ ଯୋଡ଼ି ବି ହୋଇପାରେ। ତେବେ ଆଜିର ସଂସାରକୁ ଦେଖିଲେ ଆପଣ ବିଚିତ୍ର ବିଚିତ୍ର ଲୋକ ସବୁ ଦେଖିବାକୁ ପାଇବେ। ଦୁନିଆରେ ଧର୍ମଡଙ୍ଗା ତ ପୁଣି ଚାଲୁଛି ନାଁ। ତାହାଲେ କ'ଣ ଭଲ ଲୋକଙ୍କର ସ୍ଥାନ ନାହିଁ? ଆମେ ଏ ଘଟଣା ଅବତାରଣ କାହିଁକି କରୁଛୁ ତାହା ଟିକିଏ ଚୁମ୍ବକରେ ପାଠକବର୍ଗଙ୍କୁ ଜଣାଇବା ପାଇଁ ଚାହୁଁ। ଆମ ହାତ ପାହାନ୍ତାରେ ଏପରି ଫୋରଟ୍ୱେଣ୍ଟି ସବୁ ରହିଛନ୍ତି ସେମାନେ ମଣିଷକୁ କ'ଣ, ଆଇନର କାଠଗଡ଼ା ଠାରୁ ଏ ସରକାରଙ୍କୁ ବି ବିକିଦେବେ। ଦିନ ଅଧରେ ଭଦ୍ର ଧୋବାଧାରୀ ଲୋକ ବୋଲାଇ ଶୁଖୁଆ କଣ୍ଟା ଗେଞ୍ଜି ତୁମକୁ ଏପରି ଜଳକା ବନାଇ ଦେବେ ଯେ ତୁମେ କେତେ ପୁରୁଷ ପଛରେ ଛାଡ଼ିକି ଆସିଛ ନିହାତି ଖରାବେଳେ ଗଣୁଥିବ।

ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି। ଆଇନଟା ଜାତୀୟ ରାଜପଥ ଦେଇ ଯାଉଛି କି ଗ୍ରାମୀଣ ରାଜପଥ ଦେଇ ଯାଉଛି କି ବାଟ ଖରାପ ପଡ଼ିଛି ବୋଲି ଝୁଣ୍ଟି ପଡ଼ି ଯାଉଛି ତାହା ଜଣାପଡୁନାହିଁ। ଆମେ ଆଇନ ବ୍ୟବସ୍ଥାକୁ ଅତ୍ୟନ୍ତ ସମ୍ମାନ ଦେଉଛୁ। କାରଣ ଭାରତର ବିଧି ବ୍ୟବସ୍ଥା ସମ୍ବିଧାନ ଓ ଆଇନକୁ ନେଇ ଚାଲିଛି। ଏହି ଲେଖାଟି ଏହି ଲେଖକ ଲେଖିଲା ବେଳକୁ ରାଜ୍ୟର ଏକ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ଜଣେ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ କୋର୍ଟ ସମନ କରାଯାଇଛି। ତାହାହେଲେ କ'ଣ ଆମେ କାହି ପାରିବୁ ଆଇନର ଶାସନ ନାହିଁ ବୋଲି? ଏହି ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଜଣେ ଭଦ୍ରବ୍ୟକ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାରେ ଜାଣିବା ପାଇଁ ଚାହିଁଲେ କିନ୍ତୁ ତଥ୍ୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ହୁଏତ ଅଭିଯୋଗ ଉଠୁଥିବା ବାବୁ ଜଣଙ୍କ ଆରାମରେ ତାଙ୍କ ଚାକିରୀ ସମୟ ସାରି ପେନସନ ପାଇବା ପାଇଁ ବି ଯୋଗ୍ୟ ହୋଇଯିବେ।

ଭାରତର ଗଣତନ୍ତ୍ର ସମସ୍ତଙ୍କୁ ନେଇ, ସମସ୍ତଙ୍କ ପାଇଁ। ସମ୍ଭବତଃ ଏହି ସଗର୍ବ ଅଖଣ୍ଡ ଭାରତୀୟତା ଆମ ଜାତି ପ୍ରେମକୁ ଉଜ୍ଜୀବିତ କରେ। ତେବେ ବେଳେବେଳେ ସମ୍ବିଧାନ ସଙ୍କଟରେ ପଡ଼ିଯାଏ ବା କିଛି ଘଟଣା ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରେ। ଆଇନର ଶାସନ ବେଳେ ବେଳେ କିଭଳି କିଛି ମନମୁଖି ଓ ସ୍ୱାର୍ଥଲିପ୍ସୁମାନେ ମୋଡ଼ି ପାରନ୍ତି ଅନେକ ଉଦାହରଣ ରହିଛି। ଭାତ ହାଣ୍ଡିରୁ ଗୋଟିଏ ପରି ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ଷଦ ଅଧୀନରେ ପରିସର-୧ରୁ ବଦଳି ହୋଇ ପରିସର-୩ରେ ଅବସ୍ଥାପିତ ହୋଇ ପୁନଶ୍ଚ ଓଡ଼ିଶା ରାଜସ୍ୱ ପର୍ଷଦକୁ ଡେପୁଟେସନରେ ଆସି ବର୍ତ୍ତମାନ କାର୍ଯ୍ୟ କରୁଅଛନ୍ତି। ସେହି ମହୋଦୟ ସମୀପେଷୁଙ୍କ ନାମ ହେଉଛି ଚିନ୍ମୟ ପଣ୍ଡା। ସତକଥା ନାମଟି ଚିନ୍ମୟ ନା, ଏ ଯୁଗରେ ଚିନ୍ମୟ ଚିନ୍ତନର ଏ ଭଦ୍ର ବ୍ୟକ୍ତି ସତକଥା ନିହାତି କରିତକର୍ମା ହୋଇଥିବେ। ଯିଏ ବୃତ୍ତି ଆଉ ପ୍ରବୃତ୍ତି ଓ ପରିଶେଷର ହୁଏତ ନିଷ୍କୃତି ଯୋଗରୁ ଚିନ୍ତନର ଜଣେ ମସ୍ତବଡ଼ ଅନୁଭବୀ ହୋଇଥିବେ। ଏ ସମ୍ବନ୍ଧୀୟ ତଥ୍ୟ ରାଜସ୍ୱ ବିଭାଗର ସଚିବ, ନିର୍ଦ୍ଦେଶକ ଚକବନ୍ଦୀ ରାଜସ୍ୱ ପର୍ଷଦ, ସଦସ୍ୟ ରାଜସ୍ୱ ପର୍ଷଦ, ସଚିବ କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗ, ସଚିବ ଗୃହ ବିଭାଗ, ସଚିବ ଅର୍ଥ ବିଭାଗ, ସଚିବ ସାଧାରଣ ପ୍ରଶାସନ ବିଭାଗ ବାରମ୍ବାର ଅବଗତ କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରେ ତାଙ୍କୁ ପୃଷ୍ଠପୋଷକତା କରୁଛନ୍ତି ରାଜସ୍ୱ ପର୍ଷଦର ଅତିରିକ୍ତ ସଚିବ ଶ୍ରୀମତୀ ସିଓନା ମିଶ୍ର ଏବଂ ଉପବିଭାଗ ଅଧିକାରୀ ଭାଗ୍ୟଧର ସାହୁ। ଓଡ଼ିଆରେ ଏକ କଥା ଅଛି 'ତୁ ଗୁହାରୀ ଯାହାକୁ ମୁଁ.....' ଅର୍ଥାତ୍ ଅଭିଯୋଗ କରିବ ତ ? କାହା ପାଖକୁ ଯିବ? କେତେ ଦମ ନେଇ କେତେ ବାଟ ଯାଇପାରିବ? ଆଉ ଆମେ ଏ ରାସ୍ତାରେ ଯିଏ ଅଛୁ ଆମେ କ'ଣ ଚୁଡ଼ି ପିନ୍ଧି ମଠ ଡାଲମା ଖାଇ ଝାଞ୍ଜ ବାଡ଼ଉଛୁ। ଏପରି ଆଇନକୁ ମୋଡି ମକଚି ନିଜ ପକେଟରେ ନିୟମକୁ ରଖିପାରୁଥିବାର ଦୁଃସାହାସ ରଖୁଥିବା ବ୍ୟକ୍ତି ହେଉଛନ୍ତି ଚିନ୍ମୟ ପଣ୍ଡା। ଏହି ଚିନ୍ମୟ ପଣ୍ଡା ବ୍ୟକ୍ତିଙ୍କର ସାତଖୁରାକୁ ସତ କଥା ଜୁହାର। ସରକାରଙ୍କ ରାଜସ୍ୱ ବିଭାଗ ୫-ଟି ଅଧୀନରେ ଆସୁଛି। ୫-ଟିର ମୁଖିଆ ରାଜ୍ୟ ସାରା ବୁଲି ପ୍ରଜା ଶାସନ କରି ନିର୍ମଳ ଶାସନ ଓ ସରକାରଙ୍କ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାର ନାରା ଲୋକଙ୍କୁ ଦେଉଛନ୍ତି ଆଉ ଶିଖାଉଛନ୍ତି। ତାହାହେଲେ ଚିନ୍ମୟ ପଣ୍ଡା ଏହି ୫-ଟି ବିଭାଗର ଜଣେ ଅତ୍ୟନ୍ତ ଗୁଣଗ୍ରାହ୍ୟ ଛାତ୍ରଭାବେ ବିବେଚନା କରାଯିବ। ଏମାନେ ସବୁ ଟପ୍ପର ଲିଷ୍ଟରେ ଯିବେ। ଏହି ପରି ଦୁଇ ଚାରିଟି ଗାତୁଆ ମୂଷା ଯଦି ରାଜସ୍ୱ ବିଭାଗରେ ରହିଯିବେ ତାହାହେଲେ କେତେ ବେଳେ ଏ ବିଭାଗ କ'ଣ ଏ ରାଇଜ ବି ଗୋଲ ହୋଇଯିବ। ବର୍ତ୍ତମାନର ସୂଚନା ପ୍ରଯୁକ୍ତିର ଯୁଗ ଆଶ୍ଚର୍ଯ୍ୟର କଥା ସକ୍ରିୟତା ପ୍ରତି ମୁହୂର୍ତ୍ତରେ ସତ୍ୟକୁ ଲୋକ ଲୋଚନକୁ ନେଇ ଆସୁଛି। ଲୋକମାନେ ଆଉ ଅନ୍ଧାରରେ ରହିବାର ସମୟ ବି ନାହିଁ। ତଥାପି ବନ ଆଶ୍ଚର୍ଯ୍ୟ କଥା ଏ ବାବୁ ନିଜ ପଦ ପଦବୀ କର୍ମକ୍ଷେତ୍ରକୁ ନେଇ ନିଧଡ଼କରେ ବସୁଛନ୍ତି ତେଣୁ ଏହିପରି ଗାତୁଆ ମୂଷାଙ୍କୁ ବଡ଼ ବଡ଼ ମୂଷାସବୁ ଦାନା ଆଉ ପାଣି ଦେଉଥିବେ।

ଯନ୍ତା ଏଠି ଆଣି କିଏ ବସାଇବ। ଢ଼ୋଲ ଭିତରେ ମୂଷା ପରି ସରକାରଙ୍କ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗର ଏପରି କରିତକର୍ମା ମୂଷା ମାନଙ୍କୁ ଗତ ଗଣେଶ ପୂଜାରେ ନିଶ୍ଚିନ୍ତ କିଏ ପୂଜା କରିଥିବେ ଯେ? ଶାସନ ବ୍ୟବସ୍ଥାର ଦ୍ୱାହି ଭିତରେ ଅନେକ ମେଧାବୀ ଚାକିରୀ ଖଣ୍ଡେ ପାଉନାହାଁନ୍ତି, ଅନେକଙ୍କ ଘର କର୍ମ ସଂସ୍ଥାନ ଅଭାବରୁ ଛିନଛତର ହୋଇଯାଉଛି। କିନ୍ତୁ ଆଇନକୁ ହାତକୁ ନେଇ, ଆଇନକୁ ମୋଡ଼ି ସମସ୍ତଙ୍କୁ ହାତରେ ରଖି ଆଇନର ଧଜିଆ ଉଡାଉଥିବା ଲୋକମାନଙ୍କ ପାଇଁ ଆଇନର ବାଟ ଟା କ'ଣ ତାହାକୁ ଅପେକ୍ଷା କରାଯାଉଛି। ଯଦିଓ ବର୍ତ୍ତମାନ ଦେଖାଯାଉଛି ହାତୀ ଗଳି ଯାଉଛି କିନ୍ତୁ ପିମ୍ପୁଡ଼ି ପାଇଁ ବାଟ ବନ୍ଦ। କୋଟି କୋଟି ଟଙ୍କା ହରିଲୁଟ କରି ବିଦେଶରେ କିଛି ଧର୍ଣ୍ଣାଢ଼୍ୟ ମୌଜ ମଜଲିସ କରୁଛନ୍ତି କିନ୍ତୁ ଟଙ୍କା ଦଶଟା ପାଇଁ ଏଠି ଜଣେ ଦାଦନ ପାଳଟୁଛି ଆଉ ତା ପିଲାଛୁଆଙ୍କୁ ବନ୍ଧା ପକାଉଛି। ଏହି ଭୋକର ଭୂଗୋଳ ଓଡ଼ିଶାରେ। ତେଣୁ ସରକାରୀ ବ୍ୟବସ୍ଥାରେ ତଥ୍ୟ ସୂଚନା ଅଧିକାର ବଳରେ ସମସ୍ତଙ୍କୁ ଆଇନର ବ୍ୟବସ୍ଥାକୁ ସାର୍ବଜନୀନ କରାଯାଇ ସମସ୍ତଙ୍କ ପାଇଁ ଆଇନର ବାଟ ଯେ ଗୋଟିଏ ସମ୍ବିଧାନର ଏହି ମୂଲ୍ୟବାନ ସୁରକ୍ଷିତ ବାଣୀକୁ ସମସ୍ତଙ୍କୁ ଆଲୋକର ରାସ୍ତା ଦେଖାଇବାର କାର୍ଯ୍ୟ ହେଉଛି ଗଣତନ୍ତ୍ରର ଅର୍ଥାତ୍ ଆମ ଗଣତନ୍ତ୍ରର ଧ୍ୱଜାଧାରୀ ମାନଙ୍କର!!

ଶିଖରପୁର ଉପରସାହି, କଟକ,

# ଡ଼େଙ୍ଗୁ ଓ ଯକୃତ ସଂକ୍ରମଣ

॥ ଉମେଶ ଚନ୍ଦ୍ର ପାତ୍ର ॥

ହାଡ଼ଭଙ୍ଗା (ବ୍ରେକ ବୋନ ଫିଭର) ବା ଡେଙ୍ଗୁଜ୍ୱର ସାଧାରଣତଃ ଗ୍ରୀଷ୍ମମଣ୍ଡଳ ବା କ୍ରାନ୍ତି ବଳୟରେ ଦେଖାଯାଇଥାଏ। ପ୍ରତିବର୍ଷ ପାଞ୍ଚଶହ ଲକ୍ଷ ଲୋକ ଡେଙ୍ଗୁଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ଓ ପାଞ୍ଚଲକ୍ଷ ଲୋକ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ସମଗ୍ର ଦକ୍ଷିଣ ଏସିଆ, ଆଫ୍ରିକା ଓ ଆମେରିକାରେ ଏହି ରୋଗର ପ୍ରାର୍ଦୁଭାବ ଦେଖାଯାଏ। ପୁଣି ସେହି ଦେଶକୁ ଯେଉଁମାନେ ବୁଲିବାକୁ ଯାଆନ୍ତି ସେମାନେ ମଧ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ୧୯୯୦ରୁ ୧୯୯୯ ମଧରେ ପ୍ରତିବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪.୭ଲକ୍ଷ ଥିଲାବେଳେ ୨୦୦୦ରୁ ୨୦୦୫ ମଧରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ି ୯.୨ ଲକ୍ଷ ହୋଇଛି। ଏହି ଜ୍ୱର ଏଡ଼ିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ମ୍ୟାଲେରିଆ ଓ ଡେଙ୍ଗୁ ଉଭୟେ ମଶା ଦ୍ୱାରା ସଂକ୍ରମିତ ହୁଏ। ଏହି ଜ୍ୱର ଫ୍ଲେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ । ଏହା ଏକ ଆରଏନ୍ଏ ଭୂତାଣୁ ଓ ଏହାର ଜିନୋମ୍ ଏକଧାରାବାହୀ। ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର କେତେକ ସ୍ଥାନରେ ଦେଖାଯାଇଛି। ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡ଼ିସ୍ ଇଜିପ୍ଟି ଏବଂ ଏଡ଼ିସ୍ ଆଲ୍‌ବୋପିକ୍‌ଟସ୍ । ଦେଖିବାକୁ କଳା ରଙ୍ଗର ଏବଂ ସେମାନଙ୍କ ଉପରେ ଧଳା ଦାଗ ଥିବାରୁ ଏହି ମଶାକୁ ବାଘୁଆ ମଶା କୁହାଯାଏ । ଏହି ମଶାମାନେ ବିଶେଷକରି ସନ୍ତସନ୍ତିଆ ଜାଗା, ପାଣି ଜମା ହୋଇଥିବା ସ୍ଥାନ ଏବଂ ଆବର୍ଜନା ଜମି ଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି । ଦେଖାଯାଇଥାଏ ଏହି ମଶା କାମୁଡ଼ିବାର ପାଞ୍ଚଛଅ ଦିନ ପରେ ଡ଼େଙ୍ଗୁର ଲକ୍ଷଣ ଦେଖାଯାଇଥାଏ । ଏହି ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ । ଡ଼େଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଥାଏ । ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରରେ ପ୍ଲାଟିଲେଟ ହ୍ରାସ ପାଇଥାଏ । ଡେଙ୍ଗୁ ଭୂତାଣୁ ଜଣ୍ଡିସ୍‌ରୋଗ ସୃଷ୍ଟି କରିବାର ସମ୍ଭାବନା ବି ରହିଛି। ଏହା ଯକୃତ, ବୃକକ୍, ଓ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ । କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲୁଅର ହେବାର ସମ୍ଭାବନା ବି ରହିଛି। ଡେଙ୍ଗୁ ଭୂତାଣୁ ଯକୃତ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଯକୃତର ଏନ୍‌ଜାଇମ ଗୁଡ଼ିକ ବଢ଼ିଯାଏ। ଜଣ୍ଡିସ୍ ଦେଖାଦିଏ ଓ ଜଣ୍ଡିସ୍ ବଢ଼ିଗଲେ ଯକୃତ ପୁରାପୁରି ଅକାମି ହୋଇଯାଏ। ଏହାକୁ ଏକ୍ୟୁଟ୍ ଲିଭର ଫେଲୁଅର କୁହନ୍ତି। ଏହି ଜ୍ୱରର ଯନ୍ତ୍ରଣା ଦାୟକ ଅବଧି ତିନିଦିନରୁ ଦୁଇସପ୍ତାହ ରହିଥାଏ । କିନ୍ତୁ ବିଶେଷକରି ପାଞ୍ଚଛଅ ଦିନ ପ୍ରାରମ୍ଭିକ ଅବସ୍ଥାରେ ମାଂସପେଶୀ ଓ ଗଣ୍ଠି ବ୍ୟଥା ହୋଇ ଯନ୍ତ୍ରଣାଦାୟକ ହୁଏ। ରୋଗୀର ମୁଣ୍ଡବିନ୍ଧା ଓ ଆଖିର ପଛପଟ ବିନ୍ଧା ହେବା ସହ ଖାଇବା ପ୍ରତି ଆଗ୍ରହ କମିଯାଏ । ଖାଦ୍ୟର ସ୍ୱାଦ ରୋଗୀଟି ଜାଣିବାକୁ ସମର୍ଥ ହୋଇନଥାଏ । କେତେକ ରୋଗୀଙ୍କ କ୍ଷେତ୍ରରେ ମୁହଁ ଲାଲ ଦିଶିଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜ୍ୱର ହେବାର ଦିନେ ଦୁଇଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଲାଲି ରଙ୍ଗର ମିଳିମିଳା ଭଳି ଚାରିଆଡ଼େ ଫଳି ଯାଏ । ରୋଗୀଟିକୁ ଜ୍ୱର ପ୍ରାୟତଃ ଲାଗି ରହିଥାଏ । ନାକରୁ ପାଣି ବୋହିବା ସହ ଖାଦ୍ୟନଳୀରେ ଯନ୍ତ୍ରଣା ଦେଖାଯାଏ ଏବଂ ବେଳେବେଳେ ପତଳା ଝାଡ଼ା ମଧ ହୋଇଥାଏ । ଦେହରୁ ଯଥେଷ୍ଟ ପରିମାଣରେ ଝାଳ ବୋହିବା ଦ୍ୱାରା ରୋଗୀ ଜଣଙ୍କ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥାନ୍ତି । ଏହି ସମ୍ବେଦନଶୀଳ ରୋଗ ହୋଇଥିଲେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଜରୁରୀ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଡେଙ୍ଗୁର ପାର୍ଦୁଭାବକୁ ଚାରିଟି କ୍ରମରେ ବିଭକ୍ତ କରିଛନ୍ତି । ଏହି କ୍ରମ ଗୁଡ଼ିକ ହେଲା – ଜ୍ୱର ସହିତ କିଛି କ୍ଷେତ୍ରରେ ବାନ୍ତି ହେବା ସହ ନିଦ୍ରା ହୋଇନଥାଏ । ରୋଗୀଟି ପ୍ରାୟତଃ ଅସ୍ଥିର ରହି ଦୀର୍ଘ ସମୟ ଧରି କାନ୍ଦି ଥାଏ । ନିଶ୍ୱାସ ନେବାରେ କଷ୍ଟ ହେବା ସହ ଦ୍ୱିତୀୟ କ୍ରମରେ ଶରୀରର ନାକ, ପାଟି, ଦାନ୍ତମାଢ଼ିରୁ ରକ୍ତସ୍ରାବ ହୋଇଥାଏ । ତୃତୀୟ କ୍ରମରେ ରକ୍ତଚାପ କମିଯିବା ସହ ନାଡ଼ିର ଗତି ଦୁର୍ବଳ ହୋଇଥାଏ । ଚତୁର୍ଥ କ୍ରମରେ ନାଡ଼ିର ସ୍ପନ୍ଦନ ଜଣା ନପଡ଼ିଲେ ଏବଂ ରକ୍ତଚାପ କମିଗଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଭୟ ବି ରହିଥାଏ । ଏହାକୁ ଯଥାକ୍ରମେ ଡେଙ୍ଗୁ ଜ୍ୱର ଓ ଡେଙ୍ଗୁ ରକ୍ତଜ୍ୱର ଓ ଡେଙ୍ଗୁ ସକ୍‌ସିଣ୍ଡ୍ରୋମ କୁହାଯାଏ। ଲିଭର ସଂକ୍ରମଣ ସାଧାରଣତଃ ମହିଳା ଓ ଶିଶୁମାନଙ୍କ ଠାରେ ବିଶେଷ ଭାବେ ଦେଖାଦିଏ ଏବଂ ଏମାନଙ୍କ କ୍ଷେତ୍ରରେ ଡେଙ୍ଗୁର ପ୍ରାର୍ଦୁଭାବ ବେଶୀ। ଡାଇବେଟିସ୍, ଆଜ୍‌ମା, କ୍ରୋନିକ୍ ଲିଭର ଡିଜିସ୍ ଓ ଅନ୍ୟାନ୍ୟ ରୋଗୀଙ୍କୁ ଡେଙ୍ଗୁ ହେଲେ ଡେଙ୍ଗୁର ପ୍ରାର୍ଦୁଭାବ ବିଶେଷ ଭାବେ ଉପଲବ୍ଧି ହୁଏ। ଯକୃତ ଆକ୍ରାନ୍ତ ହେଲେ ପେଟ ବ୍ୟଥା ହୁଏ, ଭୋକ କମିଯାଏ, ବାନ୍ତି ହୁଏ, ପେଟରେ ଓ ଛାତିରେ ପାଣି ଜମିଯାଏ। ଯକୃତ ଫୁଲିଯାଏ ଓ ବେଳେ ବେଳେ ବ୍ରେନ୍ ଓ ହୃତ୍‌ପିଣ୍ଡ ମଧ ଆକ୍ରାନ୍ତ ହୁଏ। ଏହି ଭୂତାଣୁ ସିଧାସଳଖ ଲିଭରକୁ ଆକ୍ରମଣ କରନ୍ତି। ବେଳେ ବେଳେ ରୋଗପ୍ରତିରୋଧକ ଶକ୍ତିର ପରିବର୍ତ୍ତନ ଯୋଗୁଁ ମଧ ଲିଭର କୋଷ ଆକ୍ରାନ୍ତ ହୁଏ। ଦେହରେ ଆଲବୁମିନ୍ କମିଯାଏ ଓ ଦେହ ହାତ ଫୁଲିଯାଏ। ରକ୍ତଜମାଟ ବାନ୍ଧିବା ପଦ୍ଧତି ବା ସ୍ପନ୍ଦନରେ ମଧ ତ୍ରୁଟି ଦେଖାଦିଏ। ଯକୃତ ଖରାପ ହେବା ଯୋଗୁଁ ଶରୀରରେ ସ୍ପନ୍ଦନ ଉପାଦାନ କମିଯାଏ ଓ ରକ୍ତ ଜମାଟ ବାନ୍ଧି ନପାରି ବିଭିନ୍ନ ଅଂଶରେ ବ୍ଲିଡିଂ ବା ରକ୍ତସ୍ରାବ ହୁଏ।

ଯଦିଓ ଏହା ଏକ ଭୟାବହ ରୋଗ କିନ୍ତୁ ଅଧିକାଂଶ କ୍ଷେତ୍ରରେ ରୋଗୀମାନେ ଆରୋଗ୍ୟ ଲାଭ କରନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଶରୀରରେ ପ୍ଲାଟିଲେଟ ଓ ସ୍ପନ୍ଦନ ଉପାଦାନ କମିଗଲେ ରୋଗୀକୁ ପ୍ଲାଟିଲେଟ ଦିଆଯାଏ। ବେଳେ ବେଳେ ଆଲବୁମିନ୍ ମଧ ଦେବାକୁ ପଡ଼େ। ଜଣ୍ଡିସ୍ ରୋଗର ଚିକିତ୍ସା ମଧ କରିବାକୁ ପଡ଼ିଥାଏ। ବାନ୍ତି, ଜ୍ୱର ଓ ଡିହାଇଡ୍ରେସନ୍ ହେଲେ ତଦନୁଯାୟୀ ଚିକିତ୍ସା କରିବାକୁ ପଡ଼େ। ବେଳେ ବେଳେ ଗୁରୁତର ରୋଗୀଙ୍କୁ ଆଇସିୟୁରେ ମଧ ରଖାଯାଏ। ଯକୃତ ଅକାମି ହେଲେ ଭେଣ୍ଟିଲେସନ୍‌ର ମଧ ଆବଶ୍ୟକତା ରହିଛି। ଡେଙ୍ଗୁ ଆକ୍ରାନ୍ତ ହେଲେ ତୁରନ୍ତ ଚିକିତ୍ସଙ୍କ ପରାମର୍ଶ ନିଅନ୍ତୁ । ବିଶେଷ ଭାବରେ ଭୟଭୀତ ନହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍‌ପିଟାଲରେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଘର ପରିବେଶରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରନ୍ତୁ । ଦୀର୍ଘ ଦିନ ଧରି ଜମି ରହିଥିବା ଜଳୀୟଆବର୍ଜନାର ନିଷ୍କାସନ ବ୍ୟବସ୍ଥା କରନ୍ତୁ । ମଶା ମାରିବା ପାଇଁ ତୁରନ୍ତ ସ୍ପ୍ରେ ବ୍ୟବସ୍ଥା ଏବଂ ସନ୍ଧ୍ୟାରେ ମଶା ଧୂଆଁ ଦିଅନ୍ତୁ । ପରିବାରରେ ସମସ୍ତେ ମଶାରୀ ଟାଙ୍ଗି ଶୋଇବା ଖୁବ୍ ଭଲ । ଘରେ ଥିବା ଛୋଟ ପିଲାମାନଙ୍କୁ ଫୁଲ୍ ହାତ ଓ ଫୁଲ୍ ଗୋଡ଼ ପର୍ଯ୍ୟନ୍ତ ଲମ୍ବା ପ୍ୟାଣ୍ଟ ସାର୍ଟ ପିନ୍ଧାନ୍ତୁ । ଧୂଳି, ଧୂଆଁ ଓ ଆବର୍ଜନା ଠାରୁ ରୋଗୀଟିକୁ ଦୂରେଇ ରଖନ୍ତୁ । ଗରମ ଖାଦ୍ୟ ଖାଇବାକୁ ଦେବା ସହ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଯଥେଷ୍ଟ ପରିମାଣରେ ରୋଗୀଟିକୁ ପିଇବା ପାଣି ଦିଅନ୍ତୁ । ତାଙ୍କର ପିନ୍ଧିବା ଲୁଗାପଟା ଠାରୁ ସେ ବିଶ୍ରାମ ନେଉଥିବା ବିଛଣା ପତ୍ର ମଧ ଭଲଭାବରେ ସଫାସୁତୁରା ହୋଇ ଖରାରେ ଶୁଖାଇବା ଜରୁରୀ । ଗାଧୋଇବା ସମୟରେ ପରିଷ୍କାର ପରିଚ୍ଛନ୍ନ କରି ବିଶୋଧିତ ଜଳରେ ପିଲାଟିକୁ ସ୍ନାନ କରାନ୍ତୁ । ରୋଗୀଟିକୁ ଭଲ ଭାବରେ ଯେପରି ନିଦ ହୁଏ ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ପରିବେଶର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନ ଉପରେ ଡେଙ୍ଗୁର ନିରାକରଣ ନିର୍ଭର କରେ। ଡ୍ରେନ୍ ମାନଙ୍କରେ ମଶାମରା ଔଷଧ ଓ ମଶା ଧୂଆଁ ଦେବାର ବନ୍ଦୋବସ୍ତ ହେଲେ ଭଲ। ଶିଳ୍ପାଞ୍ଚଳ ଓ ଖଣିଖାଦାନରେ ପାଣି ନ ଜମିବା ଓ ବୃକ୍ଷରୋପଣ ଇତ୍ୟାଦିର ବନ୍ଦୋବସ୍ତ କଲେ ମଶାମାନେ ବଢ଼ିପାରିବେ ନାହିଁ। ସ୍ୱଚ୍ଛ ଭାରତ ଯୋଜନାର ଉପଯୁକ୍ତ ରୂପାୟନରେ ଡେଙ୍ଗୁର ନିରାକରଣ ହୋଇପାରିବ। ଡେଙ୍ଗୁ ପାଇଁ ସମ୍ପ୍ରତି ସରକାର ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ ହସ୍‌ପିଟାଲ ଏବଂ ବଡ଼ ମେଡ଼ିକାଲ ସବୁଠି ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି। ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତରଖାନା ପରିଦର୍ଶନ କରି ସମସ୍ତ ପ୍ରକାର ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ସଚେତନଧର୍ମୀ ସୂଚନା ପ୍ରଦାନ ସହ ଡ୍ରେନ୍‌ରେ ମଶା ତେଲ ଓ ସନ୍ଧ୍ୟାବେଳେ ମଶାଧୂଆଁର ବ୍ୟବସ୍ଥା କରାଯାଇଛି

ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

# 'ମା'ର ଏକ ବିଶ୍ଲେଷଣ

॥ ଅନୀତା ପଟ୍ଟନାୟକ ॥

ଢ଼ିଙ୍କିଶାଳରୁ ଢ଼େଙ୍କାନାଳ ନାମକ ଏକ ସଂସ୍ଥା ଥରେ ସାଧୁସନ୍ଥ ମାନଙ୍କର ଏକ ସମ୍ମିଳନୀ ଡାକିଲେ। ପରେ ପରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନାରୀମାନେ ପୁରୁଷପରି ବ୍ୟବହାର କରିବା, ବ୍ୟଭିଚାର ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ, ଘୃଣାଭାବ ଏହି ସଂସ୍ଥାଟିକୁ ବ୍ୟଥିତ କରୁଥିବାରୁ ସେମାନେ ସାଧୁସନ୍ଥଙ୍କର ସମ୍ମିଳନୀ ଡାକିବା ପାଇଁ ସ୍ଥିର କଲେ। ଭବ୍ୟସଭାର ଆୟୋଜନ କରାଗଲା ସହରର ମାନଗଣ୍ୟ ବ୍ୟକ୍ତି, ସ୍ତ୍ରୀ ପୁରୁଷ ଉଭୟେ ଏ ସଭାରେ ଯୋଗ ଦେଇଥିଲେ। ପ୍ରଥମ ଦିନର ବ୍ୟକ୍ତା ଥିଲେ ସ୍ୱାମୀ ପ୍ରେମାନନ୍ଦ। ସେ କହିଲେ ପୃଥିବୀରେ ମାର ପ୍ରେମ ଠାରୁ ଆଉ କିଛି ବଡ଼ ନୁହେଁ। ପ୍ରେମରୁ ଜ୍ଞାନ ଜାଗ୍ରତ ହୁଏ। ପ୍ରକୃତ ଜ୍ଞାନରୁ ଧର୍ମ ଭାବ ଆସେ। ତାହା ହିଁ ମନୁଷ୍ୟର ପ୍ରକୃତ ସମ୍ପତ୍ତି। ପ୍ରେମ ଦ୍ୱାରା ମନୁଷ୍ୟ ସତ୍ୟକୁ ଉପଲବ୍ଧି କରିଥାଏ। ମଣିଷ କିଛି ତା ଜୀବନରେ ଅନେକ କିଛି ସୁଖ ମାଆ ଦ୍ୱାରା ପାଇଥାଏ। ସନ୍ନ୍ୟାସୀ ବ୍ରହ୍ମାନନ୍ଦ କହିଲେ 'ରାମ କୌଶଲ୍ୟାଙ୍କ ପରି ମାଙ୍କ ଯୋଗୁଁ ଦିବ୍ୟତ୍ୱ ହାସଲ କରିଥିଲେ। ଲବକୁଶ ସୀତା ଦେବୀଙ୍କ ଯୋଗୁ ବୀର ହୋଇପାରିଥିଲେ। ମା ଜୀବନ ସାରା ପିଲାମାନଙ୍କର ମଙ୍ଗଳ କାମନା କରିଥାଏ। ତେଣୁ ପ୍ରତ୍ୟେକ ପିଲା ମାକୁ ଭଲପାଇବା ଉଚିତ।'

ସ୍ୱାମୀ ସୁଧାନନ୍ଦ କହିଲେ ପୃଥିବୀରେ ମହାନ ପୁରୁଷମାନେ ମାଙ୍କର ଆଶୀର୍ବାଦ ଯୋଗୁ ମହାନ କାର୍ଯ୍ୟ କରିଛନ୍ତି। ମା ଗୌରୀଙ୍କର ଆଶୀର୍ବାଦ ନେଇ କାର୍ତ୍ତିକେୟ ତାରକାସୁର ପରି ଅସୁର ସହିତ ଯୁଦ୍ଧକରି ବିଜୟ ଲାଭ କରିଥିଲେ। ପରଶୁରାମ ଶତ୍ରୁ ମାନଙ୍କ ସହ ଯୁଦ୍ଧ କରିବା ପୂର୍ବରୁ ମାଆଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ବିନୀତା ତାଙ୍କ ପୁତ୍ର ଗରୁଡ଼କୁ ଆଶୀର୍ବାଦ କରିଥିଲେ। ସବୁ ମା ମାନେ ଆଶୀର୍ବାଦ ଦେବା ପୂର୍ବରୁ କହିଥାନ୍ତି ଶ୍ରୀରାମ ରକ୍ଷ। ଗାନ୍ଧାରୀ ଜାଣିଥିଲେ ତାଙ୍କର ପୁତ୍ର ଦୁର୍ଯ୍ୟୋଧନ ଧର୍ମ ମାର୍ଗରେ ରହି ନଥିଲା ଯୋଗୁଁ ବିଜୟ ଲାଭ କରିପାରିବ ନାହିଁ ତେଣୁ ସେ ଆଶୀର୍ବାଦ ସୂଚକ ଭାଷା ବ୍ୟବହାର କରି କହିଥିଲେ 'ଅକ୍ଷୟ ହେଉ ପୂଣ୍ୟ ଜଗତେ ଧର୍ମର ହେଉ ଜୟ'।

ଏଥର ନିଶ୍ଚଳାନନ୍ଦ କହିଲେ ଶଙ୍କରାଚାର୍ଯ୍ୟ ହୃଦୟଙ୍ଗମ କରିଥିଲେ ଯେଉଁ ପୁତ୍ର ମାର ସ୍ନେହ ପାଇ ଜୀବନର ଲକ୍ଷ୍ୟର ପ୍ରକୃତ କାର୍ଯ୍ୟରେ କୃତକାର୍ଯ୍ୟ ହେବ ସେ ପାପତାପ ଗ୍ରସ୍ତ ସଂସାରରୁ ମୁକ୍ତି ପାଇ ପୁନର୍ଜନ୍ମରୁ ମୁକ୍ତ ହେବ। ତେଣୁ ମାତୃଭକ୍ତି ପାଇଁ ହୃଦୟରେ ସ୍ଥାନ ରହିବା ଉଚିତ। କୀର୍ତ୍ତିନନ୍ଦ ଯେ କି ଶ୍ରୀରାମଙ୍କ ଭକ୍ତ ଥିଲେ ସେ କହିଲେ 'ରାମଙ୍କ ଆଡ଼କୁ ବାଣ ଉଠାଇବା ପୂର୍ବରୁ ଲବକୁଶ ପ୍ରାର୍ଥନା କରିଥିଲେ ତାଙ୍କର ମା ଯଦି ସାଧ୍ୱୀ ହୋଇଥିବେ ତେବେ ବୀରପୁରୁଷ ଅଚେତ ହୋଇଯିବେ ଏବଂ ତାହା ହିଁ ହୋଇଥିଲା। ଲବକୁଶ ବାଣ ନିକ୍ଷେପ କରିବା କ୍ଷଣି ଶ୍ରୀରାମ ଅଚେତ ହୋଇ ପଡ଼ିଥିଲେ। ଏଥିରୁ ମାକୁ ସ୍ମରଣ କରିବାର ଶକ୍ତି କେତେ ତାହା ଅନୁମେୟ। ଏଥର ଜ୍ଞାନାନନ୍ଦ କହିଲେ 'ପୂର୍ବରୁ ମାତା ମତାକି ତାଙ୍କର ସନ୍ତାନ ଧର୍ମମାର୍ଗରେ ପରିଚାଳିତ ହେଲେ ଖୁସି ହେଉଥିଲେ। କାରଣ ସେମାନଙ୍କର ସନ୍ତାନମାନେ ଭଗବାନଙ୍କ ପ୍ରତି ଅନୁଗତ ହୋଇ ଭଲ ମଣିଷ ହୋଇପାରିବେ ବୋଲି ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ସେପରି ଦେଖାଯାଉନାହିଁ। ପୂର୍ବରୁ ମା ମାନେ ପିଲାମାନଙ୍କୁ ଠିକ ରାସ୍ତାରେ ଚାଲିବାର ଉପଦେଶ ଦେଉଥିଲେ। ଏଥର ସନ୍ଥ ପଦ୍ମପାଦଙ୍କ ପାଳି ପଡ଼ିଲା। ସେ କହିଲେ ଆର୍ଯ୍ୟାମା ଶଙ୍କରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମାର ଆଶୀର୍ବାଦ ଫଳରେ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ ହୋଇପାରିବ। ଶଙ୍କରାଚାର୍ଯ୍ୟ ଦେବୀଙ୍କ କୃପାରୁ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ କରିପାରିଥିଲେ। ସାଧ୍ୱୀ ରତଚାରା କହିଲେ ମାର ପ୍ରେମ ଗୋଟିଏ ସାଧାରଣ ଘରକୁ ଗୃହରେ ପରିଣତ କରେ। ଆମେ ଯେଉଁଠାରେ ବୁଲୁ ନା କାହିଁକି ଆମର ପରିଚୟ ଯାହା ହେଉନା କାହିଁକି ମା ଯୋଗୁ ତିଆରି ହୋଇଥିବା ଗୃହଟି ସଦା ସ୍ମରଣୀୟ ହୋଇରହେ। ମାର ଧୈର୍ଯ୍ୟ ପିଲାଟିକୁ ଠିକ ଭାବରେ ଗଢ଼ି ତୋଳେ। ତାର ହସ ହସ ମୁହଁ ଓ ସାହାସିକତା ଏକ ଅନ୍ଧକାର ଦିନକୁ ଆଲୋକରେ ଭରିଦିଏ। ଏଥର ପଡ଼ିଲା ଅଦଭୁତାନନ୍ଦଙ୍କର ପାଳି ସେ କହିଲେ ଆଜିର ସଭାର ଉଦ୍ଦେଶ୍ୟରୁ ଆମେ ବାହାରି ଯାଉଚେ ଓ ମାର ଗୁଣଗାନ କରୁଛେ। ସଭାର ଉଦ୍ଦେଶ୍ୟ ହେଉଛି କିପରି ବ୍ୟଭିଚାର, ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ କମିବ ସେ ବିଷୟରେ ଆଲୋଚନା କରିବା। ସେ କହିଲେ ମୁଁ ପଚାରୁଛି 'ଯଦି ସବୁ ସ୍ତ୍ରୀଲୋକ ମାନେ କର୍ମଜୀବୀ ହୋଇଯିବେ ତେବେ ଘରେ ରହିବ କିଏ? ଯଦି ସ୍ୱାମୀ ସ୍ତ୍ରୀ ଉଭୟେ କର୍ମକ୍ଷେତ୍ରକୁ ଯିବେ ତେବେ ଘର ସମ୍ଭାଳିବ କିଏ? ଯଦି ସ୍ତ୍ରୀଲୋକମାନେ ଅନ୍ୟର ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲକୁ ଯାଆନ୍ତି ତେବେ ନିଜ ପିଲାଙ୍କୁ ପଢ଼ାଇବ କିଏ? ହାତରେ ପୁସ୍ତକ ଧରି ସ୍ତ୍ରୀଲୋକ ମାନେ ଯଦି ପୁରୁଷ ମାନଙ୍କ ପରି ବାହାରକୁ ଯାଆନ୍ତି ତେବେ ରୋଷେଇ କାର୍ଯ୍ୟ କରିବ କିଏ? ଆର୍ଥିକ ଅବସ୍ଥାରେ ସ୍ତ୍ରୀଲୋକମାନେ ସ୍ୱଚ୍ଛଳତା ଆଣିଲେ ମଧ ସ୍ତ୍ରୀର ଶୂନ୍ୟ ସ୍ଥାନକୁ ପୂରଣ କରିବ କିଏ? ସ୍ତ୍ରୀଲୋକମାନେ କର୍ମକ୍ଷେତ୍ରକୁ ଗଲେ ସୁଖୀ ସଂସାର ସ୍ୱପ୍ନ ହୋଇଯିବ କି? ପଛ ପଟରୁ ଘୋର ପାଟି ତୁଣ୍ଡ ହେବାରୁ ଅଦଭୁତାନନ୍ଦଙ୍କ ପ୍ରବଚନ ବନ୍ଦ କରିବାକୁ ପ୍ରଯୋଜକ ବାଧ ହେଲେ। ଏଥର ଆନନ୍ଦାନନ୍ଦ କହିଲେ ମୋର ଗଭୀର ଚିନ୍ତା ସନ୍ତାନର ଗଭୀର ଭାବେ କ୍ଷତବିକ୍ଷତ ହୃଦୟକୁ ସଜାଡ଼ି ପାରେ। ମାର ଜ୍ଞାନକୌଶଳ ଓ ସହନଶୀଳତା ପୁତ୍ରର ଛୋଟ ହୃଦୟକୁ ବଦଳାଇଥାଏ। ମାର ଦୟାଭାବ ଆମର ଭୁଲକୁ କ୍ଷମା କରିଥାଏ। ଅସୁବିଧାରେ ମା ପିଠି ଥାପୁଡ଼େଇ ଦେଇ ମୁଣ୍ଡକୁ ନୁଆଁଇ ଭଗବାନଙ୍କୁ ପ୍ରାର୍ଥନା କରେ। ମାର ଜ୍ଞାନ ପ୍ରକୃତରେ କଣ ଆମେ ଚାହିଁ ତାହା ବୁଝାଇ ଦେଇଥାଏ।

## ଖଜୁରୀପଡ଼ା ପଞ୍ଚାୟତ ସମିତି ବୈଠକରେ ସାମ୍ବାଦିକଙ୍କୁ ଅଣଦେଖା ଓ ଅସମ୍ମାନ

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲାର ଖଜୁରୀପଡା ସଦରମହକୁମା ପଞ୍ଚାୟତ ସମିତି ବୈଠକରେ ସାମ୍ବାଦିକମାନଙ୍କୁ ଅଣଦେଖା ଓ ଅସମ୍ମାନ କରାଯାଇଥିବା ଦେଖି ବାକୁ ମିଳିଛି । ସୂଚନା ପ୍ରକାରେ ଆଜି ଖଜୁରୀପଡ଼ା ପଞ୍ଚାୟତ ସମିତିରେ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା ଏହାର ଖବର ପାଇ ଖବର ପ୍ରସାରଣ ପାଇଁ ସ୍ଥାନୀୟ ସାମ୍ବାଦିକ ମନୋଜ କୁମାର ବେହେରା ସମିତି ବୈଠକକୁ ଯାଇ ଫୋଟ ଓ ଭିଜୁଆଲ କରିବା ସମୟରେ ଖଜୁରୀପଡ଼ା ପଞ୍ଚାୟତ ସମିତି ଅଧକ୍ଷା ସୁଶ୍ରୀ ଅନିମା କହଁର ସାମ୍ବାଦିକ ମନୋଜ କୁମାର ବେହରାଙ୍କୁ ଫୋଟ ଉଠା ସରିଲା କି ଯାଅ ବୋଲି କହିଥିଲେ। ତେଣୁ ଏଠି ପ୍ରଶ୍ନ ଉଠୁଛି କି ପଞ୍ଚାୟତ ସମିତି ବୈଠକରେ ସାଧାରଣ ଜନତା ଠାରୁ ଆରମ୍ଭ କରି ସରପଞ୍ଚ, ସମିତି ସଭ୍ୟ, ବିଧାୟକ ଓ ତହସିଲଦାର,ଥାନା



ଅଧିକାରୀ ସମେତ ଖଜୁରୀପଡ଼ା ସମସ୍ତ ବିଭାଗର ଶହ ଶହ କର୍ମଚାରୀଙ୍କ ସାମ୍ନାରେ ଜଣେ ସାମ୍ବାଦିକଙ୍କୁ ଅସମ୍ମାନ କରି ଏପରି କହିବା ଜଣେ ଅଧକ୍ଷାଙ୍କ ପକ୍ଷେ କେତେ ଦୂର ଠିକ୍ । ଆଉ କେଉଁ ଆଇନ୍ ରେ ଲେଖା ହୋଇଛି ଯେ ଜଣେ ସାମ୍ବାଦିକ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ହୋଇ ଖବର ପ୍ରସାରଣ କରିପାରବ ନାହିଁ । ଯଦି ଅଧକ୍ଷା ଏହାର କୌଣସି ସମାଧାନ ନ କରନ୍ତି ତେବେ ଆଗାମୀ ଦିନରେ ସାମ୍ବାଦିକ ସଂଘ ତରଫରୁ ଜୋର ଦାର ବିରୋଧ କରାଯିବା ସହ ଆଇନ୍ ର ଆଶ୍ରୟ ନେବାକୁ ବାଧ ହେବୁ ବୋଲି କହିଛନ୍ତି ସାମ୍ବାଦିକ ପ୍ରତିନିଧି ମାନେ।

## ସପ୍ତସତୀ ଚଣ୍ଡୀପାଠ ରେ ପ୍ରକମ୍ପିତ ଈଶ୍ୱରନାଥ ପୀଠ, ମହାଦୀପ ଦର୍ଶନ କଲେ ଶ୍ରଦ୍ଧାଳୁ

କାକଟପୁର(ମହାଭାରତ): ଆଜି ପବିତ୍ର ଜାଗର । ମହାଶିବରାତ୍ର, ଆଜିର ଦିନରେ ସମ୍ପୂର୍ଣ୍ଣ ଭାରତବର୍ଷ ର ଶୈବକ୍ଷେତ୍ର ଉତ୍ସବମୁଖର ହୋଇଥିବା ବେଳେ ଗ୍ରାମା□ଳ ରେ ଥିବା ଐତିହ୍ୟ ଓ କିମ୍ବଦନ୍ତୀପୂର୍ଣ୍ଣ ଶୈବକ୍ଷେତ୍ର ଉତ୍ସବ ସ୍ୱତନ୍ତ୍ର ନିଆରା, ପୁରୀ ଜିଲ୍ଲା ଅସ୍ତରଙ୍ଗ ଜିଉଁନ୍ତି ଈଶ୍ୱରନାଥ ଶୈବପୀଠ ଯାହା ଅତ୍ୟନ୍ତ ପ୍ରାଚୀନ ଆଉ କିମ୍ବଦନ୍ତୀପୂର୍ଣ୍ଣ, ଏଠି ଜାଗର ଉତ୍ସବ ସ୍ୱତନ୍ତ୍ର ନିଆରା, ୩ ଦିନ ଆଗରୁ ମହାଶିବରାତ୍ର ପାଇଁ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ଜାଗର ରାତ୍ର ରେ ମହାଦୀପ ଉଠାଯିବା ପରେ ଯଜ୍ଞ କୁଣ୍ଡ ରେ ପୂର୍ଣ୍ଣାହୂତି କାର୍ଯ୍ୟ ସମ୍ପାପନ ହୋଇଛ। ଏହି ୩ ଦିନ ଧରି ସୁର୍ଯ୍ୟ ନାରାୟଣ ପୂଜା, ପାର୍ଶ୍ୱ ଦେବାଦେବି ଙ୍କ ସମେତ ପ୍ରଭୁ ଈଶ୍ୱରନାଥ ଙ୍କ ଜ୍ୟୋତ୍ରୀଲିଙ୍ଗ ଙ୍କର ମାର୍ଜନା, ସ୍ନାନ, ବେଲପତ୍ର ସହିତ ବିଭିନ୍ନ ପୁଷ୍ପ ଲାଗି ଓ ତା ସହିତ



ଅଭିଷେକ କାର୍ଯ୍ୟ ଅନୁଷ୍ଠିତ ହୁଏ ଏବଂ ପଣ୍ଡିତ ଅମୁଲ୍ୟ କର ଙ୍କ ମାର୍ଗଦର୍ଶନ ରେ ଜ୍ଞାନୀ ଗୁଣୀ ପଣ୍ଡିତ ବର୍ଗ ଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ କରାଯାଏ ମାତ୍ର ଶିବରାତ୍ର ଦିନ ଏହି ପୀଠ ର ମାହାତ୍ମ୍ୟ ଯଜ୍ଞ ବେଦୀ ରେ ଗ୍ରାମଦେବୀ, ପାର୍ବତୀ, ସ୍ଥାନଦେୀ ଙ୍କ ସହିତ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ଉଦ୍ଦେଶ୍ୟ ରେ ସପ୍ତସତୀ ଚଣ୍ଡୀ ପାଠ କରାଯାଏ। ଆଉ ଏହି ଚଣ୍ଡୀ ର ପ୍ରତ୍ୟେକ ଶ୍ଳୋକ ରେ ବେଲପତ୍ର ଦ୍ୱାରା ଘୃତାହୂତି କରାଯାଏ ଆଉ ହଜାର ହଜାର ଶ୍ରଦ୍ଧାଳୁ ଏହି ସମୟ ରେ ଉପବାସ କରି ପୀଠ ରେ ଦୀପ ଜାଳିବା ସହ କର୍ଣ୍ଣ ରେ ଚଣ୍ଡୀ ର ଶ୍ଳୋକ କୁ ଶୁଣି ନିଜକୁ ପବିତ୍ର ମନେ କରୁଥିବା ବେଳେ ଶିବପାର୍ବତୀ ଙ୍କର ଆଶିଷ ଭିକ୍ଷା କରିଛନ୍ତି,ସ୍ଥାନୀୟ ଗୋପବନ୍ଧୁ ଯୁବ ସାମାଜିକ ସଂଗଠନ ତରଫରୁ ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ଓ କାକଟପୁର ପୋଲିସ ଏହି ମହୋତ୍ସବ କାର୍ଯ୍ୟ କୁ ଶାନ୍ତି ଶୃଙ୍ଖଳା ର ସହ ଆୟୋଜିତ କରିଛନ୍ତି,ଏଥି ସହିତ ଏହି ପ୍ରାଚୀନ ଶୈବକ୍ଷେତ୍ର ଈଶ୍ୱରନାଥ ଙ୍କ ନିକଟରେ ମଧ ରାତ୍ର ରେ ମହାଦୀପ ଉଠିଛି ଯାହାକୁ ହଜାର ହଜାର ସଂଖ୍ୟା ରେ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି, ଅସ୍ତରଙ୍ଗ କୁଅଁରପୁର, ଟିମର ନୀଳକଣ୍ଠେଶ୍ୱର, ଓସ୍ତପୁର ସ୍ୱପ୍ନେସ୍ୱର, ମୁଦୁଗଲ ଶୀଧେଶ୍ୱର, ସିଲାରୀ ଶୈବପୀଠ, ଆଳସାହି ଐସାନେଶ୍ୱର, ଚକରପଡା, ସୋମେଶର,ଛୁରିଆନା କେଶବ ମନ୍ଦିର, ବେଲେଶ୍ୱର ପ୍ରଭୁତି ବହୁ ପ୍ରାଚୀନ ମନ୍ଦିର ରେ ଜାଗର ଉତ୍ସବ, ନାମସଂକୀର୍ତନ କୁ ମହାଦୀପ ଲାଗି ବହୁ ଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଛି ।

## ଉଦଯାପିତ ହେଲା କରଣ୍ଡାଗଡ଼ ରେ ଚାଲିଥିବା ବିନ୍ଦାସ କପ ଜିଲ୍ଲାସ୍ତରୀୟ ଭଲିବଲ ପ୍ରତିଯୋଗିତା

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ତଳ ଦଣ୍ଡିକିଆ ଠାରେ ଚାଲିଥିବା ବିନ୍ଦାସ କପ ଜିଲ୍ଲା ସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । କରଣ୍ଡାଗଡ଼ରେ ଥିବା ବିରୁପାକ୍ଷ ଯୁବକ ସଙ୍ଘ ଓ ବିନ୍ଦାସ କ୍ଲବ ର ମିଳିତ ଆନୁକୂଲ୍ୟରେ ପ୍ରତିବେକ ପରି ଚଳିତ ବର୍ଷ ମଧ୍ୟ କ୍ଲବ ର ସଭାପତି କାଳିଦାସ ମାଝୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାର କୋଣଅନୁକୋଣରୁ ବଛାବଛା ବର ଟା ଟିମ ଭାଗନେଇଥିବା ବେଳେ ପ୍ରତିଯୋଗିତାରେ ଉଦଯାପନୀ ଉତ୍ସବ ରେ ଫୁଲବାଣୀ ର ପୂର୍ବତନ ବିଧାୟକ ତଥା ଜିଲ୍ଲାର ଜଣାଶୁଣା କ୍ରୀଡା ସଙ୍ଗଠକ ଦେବେନ୍ଦ୍ର କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷା ଲାଲନନ୍ଦା ପ୍ରଧାନ, ଦଣ୍ଡିକିଆ ସରପଞ୍ଚ ଶଙ୍କର ପ୍ରଧାନ, ସମାଜ ଶେବି ତଥା ଫିରିଙ୍ଗିଆ ପାଣ କୁଳ ସମାଜ ସଭାପତି ଚନ୍ଦ୍ରମୋହନ ନାଏକ ଙ୍କ ସହ ଅଂଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । କ୍ଲବ ର ମ୍ୟାନେଜର ଡାନିଏଲ ଦିଗାଲ ଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ପ୍ରତି ଯୋଗିତା ଟି ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ଶିକ୍ଷକ ସିମାଞ୍ଚଳ ମୁଖି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଓ ଏହାସହ ଆଠ ଦିନ ଧରି ଚାଲୁରହିଥିବା ଏହି ପ୍ରତିଯୋଗିତାରେ ଜିଲ୍ଲାର ଜଣାଶୁଣା ଭଲିବଲ ଖେଳ ପରିଚାଳକ ମନୋରଞ୍ଜନ ଡିଗାଲ ଖେଳ ପରିଚାଳନା କରିଥିବା ବେଳେ କ୍ଲବ ର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପ୍ରତିଯୋଗିତାରେ ଆଠ ଦିନ ଧରି ପୁର୍ଣ ସହଯୋଗ କରିଥିଲେ ଓ ତେବେ ଜି ଉଦୟଗିରି ସେନ ସିକ୍ସ ଓ ବାଲିଗୁଡା ଉପଖଣ୍ଡ ବରଖମା ର ରେଡି ସିକ୍ସ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା ସେନ ସିକ୍ସକୁ ପାଞ୍ଚ ସେଟ ରେ ହରାଇ ରେଡି ସିକ୍ସ ବରଖମା ଚାମ୍ପିୟନ ହୋଇଥିଲା ଓ ସେପଟେ ଏହୁ ପ୍ରତିଯୋଗିତା ଅବସରରେ ସେମ ସିକ୍ସ ଟିମ ର ଆଶିଷ କୁମାର ଙ୍କୁ ଶ୍ରେଷ୍ଠ ନେଟର ଭାବରେ ପୁରସ୍କୃତ କରାଯାଇଥିବା ବେଳେ ରେଡି ସିକ୍ସ ଟିମ ର ବିଟୁ ବାବୁ ଙ୍କୁ ଶ୍ରେଷ୍ଠ ହିଟର ଭାବରେ ପୁରସ୍କୃତ କରାଯାଇଥିବା ବେଳେ ରୁଦାଙ୍ଗିଆ ଭଲିବଲ ଟିମ କୁ ଶ୍ରେଷ୍ଠ ଶୃଙ୍ଖଳିତ ଟିମ ଭାବରେ ପୁରସ୍କୃତ କରାଯାଇଥିଲା ।



ଜାଗର ପାଇଁ କପିଳାସ ଉତ୍ସବ ମୁଖର।

## ହିନ୍ଦୋଳ ଉପଖଣ୍ଡରେ ମହାଶିବରାତ୍ରୀ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼, ରାତ୍ରି ଉଜାଗର ରହି ଦୀପ ଜାଳିଲେ ଭକ୍ତ

ହିନ୍ଦୋଳ(ମହାଭାରତ)ପବିତ୍ର ମହାଶିବରାତ୍ରି ଜାଗର ଉପଲକ୍ଷେ ମହାଦେବଙ୍କ ପାଖରେ ଦୀପଟିଏ ଜାଳି ନିଜର ତଥା ପରିବାରର ସୁଖ ଶାନ୍ତି ପାଇଁ ପୂଜା କରିଥାନ୍ତି ଶ୍ରଦ୍ଧାଳୁ।ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଥିବା ବିଭିନ୍ନ ଶୈବପୀଠ ରେ ମହା ଶିବରାତ୍ରି ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।ହାତରେ ପୂଜା ଡାଲା ଧରି ମନରେ ଭକ୍ତି ସହ ମନ୍ଦିର ଦର୍ଶନ କରିବା ସହ ପୂଜା କରିଥିଲେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ।ହିନ୍ଦୋଳ ଏନ୍ ଏ ସି ୪ ନମ୍ବର୍ ୱାର୍ଡ ଠାରେ ଥିବା ବାବା ସ୍ୱପ୍ନେଶ୍ୱର୍ ମହାଦେବ,୭ ନମ୍ବର୍ ୱାର୍ଡ ଠାରେ ଥିବା ବାବା ରାମେଶ୍ୱର ମନ୍ଦିର,୧୧ ନମ୍ବର୍ ୱାର୍ଡ ଠାରେ ଥିବା ବାବା ପଶ୍ଚିମେଶ୍ୱର୍ ମନ୍ଦିରରେ ବହୁ ଦୂର ଦୁରାନ୍ତରୁ ଶ୍ରଦ୍ଧାଳୁ ମାନଙ୍କର ଭିଡ ଦେଖିବାକୁ ମିଳିଥିଲା।ସତେ ଯେମିତି ଭକ୍ତ ଓ ଭଗବାନଙ୍କର ଇଏ ହେଉଛି ଅପୂର୍ବ ମିଳନ ।ମନରେ ଅନେକ ଆଶା ଓ ଭରସା ରଖି ଶ୍ରଦ୍ଧାଳୁ ଧାଇଁ ଆସିଥିଲେ ଏହି ଶୈବପୀଠକୁ।ସେହିପରି ରକଲା ଠାରେ ବାବା କୁଣ୍ଡେଶ୍ୱର୍, ଭଗବାନପୁର୍ ଠାରେ ବାବା ରାମେଶ୍ୱର, ଚିତଲପୁର ଠାରେ ଥିବା ବାବା କୁଣ୍ଡେଶ୍ୱର ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଗହଳି ଲାଗିଥିବା ଦେଖିବାକୁ ମିଳିଥିଲା।ମନ୍ଦିର ଗୁଡ଼ିକରେ ଶାନ୍ତି ଶୃଙ୍ଖଳାର ସହିତ ମାନସିକ ଧାରୀ ମାନେ ପ୍ରଭୁଙ୍କୁ ଜାଗର ଦୀପ ଜାଳିବା ଦ୍ୱାରା ପ୍ରଭୁଙ୍କ ଅପାର କରୁଣା ଓ ଲୋକ ମାନଙ୍କର ମନସ୍କାମନା ପୁରଣ ହୁଅ ବୋଲି ବିଶ୍ୱାସ ରହିଛି ।ଶୈବପୀଠ ଗୁଡ଼ିକରେ ଭକ୍ତ ମାନଙ୍କ ଦ୍ୱାରା ଘ□ବାଜା ବଜାଇବା ସହିତ ମହିଳା ଭକ୍ତ ମାନଙ୍କ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହେଉଥିଲା ସ୍ଥାନୀୟ ପରିବେଶ।ପରିଶେଷରେ ଭକ୍ତ ମାନଙ୍କ ପାଇଁ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା।ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ହିନ୍ଦୋଳ ପୋଲିସ ଓ ପ୍ରଶାସନ ପକ୍ଷରୁ ମଧ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

## ବିଶିଷ୍ଟ ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ଗଁଦିଆ,(ମହାଭାରତ): ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକ ର ଷଡ଼ଙ୍ଗୀ ଗ୍ରାମ ପଞ୍ଚାୟତ ର ବିଷ୍ଣୁପୁର କରୋଗଳା ଶାସନ ର ବିଶିଷ୍ଟ ଧର୍ମ ପରାୟଣ ବ୍ୟକ୍ତି ଓ ପୁରୋହିତ ବାଇଧର ମିଶ୍ର ତାଙ୍କ ବଡ଼ ପୁଅ ଅକ୍ଷୟ କୁମାର ମିଶ୍ର ଙ୍କ ଭୁବନେଶ୍ୱର ଭରତପୁର ବାସଭବନରେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ୮୭ ବର୍ଷ ବୟସ ରେ ଇହଲିଳା ସମ୍ବରଣ କରିଛନ୍ତି। ପବିତ୍ର ଫାଲଗୁନ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥି ଫେବୃଆରୀ ମାସ ୨୬ ତାରିଖ ସକାଳ ୧୦.୪୫ ମିନିଟ୍ ସମୟରେ ତାଙ୍କ ସହଧର୍ମିଣୀ ପୁତ୍ର, ପୁତ୍ର ବଧୂ,ଝିଅ , ଜ୍ୱାଇଁ ,ନାତି, ନାତୁଣୀ ଙ୍କ ଉପସ୍ଥିତି ରେ ସ୍ୱର୍ଗାରୋହଣ କରିଛନ୍ତ।

## ଓମ ଶାନ୍ତି ତପସ୍ୟା ଧାମ ରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ

ଆସିକା (ମହାଭାରତ): ଆସିକା କଳିଙ୍ଗାରୋଡ ଓମ ଶାନ୍ତି ତପସ୍ୟା ଧାମ ପରିସରରେ ତ୍ରିମୁର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅନୁଷ୍ଠାନର ମୁଖ୍ୟ ଲିଲି ଭଉଣୀଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଆସିକା ଓକିଲ ସଙ୍ଘର ସଭାପତି ସୂତଧାଂଶୁପଣ୍ଡା, ଅଧାତ୍ମିକ ପ୍ରେମୀ ପ୍ରିୟଲତା ପଣ୍ଡା, କାଉନସିଲର ସୁଜାତା ପରିଡା, କୈଳାସ ଚନ୍ଦ୍ର ପୋଲାଇ, ଏସ ବି ଆଇ ର ପଲ୍ଲବୀ ରାଣୀ ପତ୍ର, ଯୁବ ସାମ୍ବାଦିଜ ହରିହର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶିବରାତ୍ର ତଥା ଜାଗର ଦିବସ ଉପଲକ୍ଷେ ଉପସ୍ଥିତ ଭକ୍ତ ମାନଙ୍କୁ ବାଣୀ ପ୍ରଦାନ କରିଥିଲେ । ଏହି ଉତ୍ସବ ଭିତରରେ ଶାନ୍ତି, ସାହସ ଏବଂ ଶିବଙ୍କ ଈଶ୍ୱରୀୟ ମାର୍ଗଦର୍ଶନ ଉପରେ ଗୁରୁତ୍ୱ ଦେଇଥାଏ ମହାପ୍ରଭୁ, ଭଗବାନ ଶିବଙ୍କର ମହାନ ରାତି, ଭକ୍ତି, ଉପବାସ ଏବଂ ଆଧାତ୍ମିକ ଜାଗରଣର ସମୟ ଏହା ଏକ ଘଟଣା ଯେତେବେଳେ ଭକ୍ତମାନେ ଶକ୍ତି, ଜ୍ଞାନ ଏବଂ ସମୃଦ୍ଧତା ପାଇଁ ମହାଦେବଙ୍କଠାରୁ ଆଶୀର୍ବାଦ ମାଗନ୍ତି ବର୍ତ୍ତମାନ ସମାଜରେ ମନର ସ୍ଥିରତା ଆଣିବା ସହ କହିବା ର ନମନୀୟତା ହେବା ଜରୁରୀ ବୋଲି ଉପସ୍ଥିତ ଭକ୍ତ ମାନଙ୍କୁ ବାର୍ତା ପ୍ରଦାନ କରିଥିଲେ । ଆଜି ସକାଳ ସମୟରୁ ଈଶ୍ୱରୀୟ ମହାକ୍ୟ ଶ୍ରବଣ, ଶିବ ବାବାଙ୍କ ପତାକା ଉତୋଳନ, ନଗର ପରିକ୍ରମା, ଈଶ୍ୱରୀୟ ଅଧାତ୍ମିକ ପ୍ରବଚନ ଶେଷରେ ଶିବ ରାତ୍ରିର ମହତ୍ୱ ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ବ୍ରାହ୍ମକୁମାରୀ ସାଗରୀକା, ସୁଲତା, ପୂଜା, ପ୍ରିୟଙ୍କା, ସସ୍ମିତା, ପରି ଭୀମସେନ ସ୍ୱାଇଁ, ସନାତନ, ମନୋଜ ଆଦି ଅନେକ ଭକ୍ତ ସହଯୋଗ କରିଛନ୍ତି ।

## ଟାଟା ଏସି ଗାଡ଼ି ସହ ଶାଳକଠ ଜବତ

ପାଟଣା -(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ମଲ୍ଲିପଶି ବିଟ୍ ଅନ୍ତର୍ଗତ ଦୌଳାଭିଜା ଗ୍ରାମ ନିକଟ ରୁ ଚୋରା କାଠ ଚାଲାଣ କରାଯାଉ ଖବର ପାଇ ଜିଲ୍ଲା ସ୍କ୍ୱାର୍ଡ ସହ ପାଟଣା ବନାଞ୍ଚଳ ର ମିଳିତ ଚଢାଉ କରିଥିଲା । ଦୁଇଟି ଶାଳକାଠ ବୋଝେଇ ଗାଡ଼ି ରୁ ଗୋଟେ ଟାଟା ଏସି ଗାଡ଼ି କୁ ଜବତ କରିଯାଇ ଥିବା ବେଳେ ଅନ୍ୟ ଟି ଘଟଣାସ୍ଥଳ ରୁ ଫେରାର ହୋଇ ଥିବା ୧୨ଖଣ୍ଡ ଶାଳକାଠ ଗଣ୍ଡି ସହ ଗାଡ଼ି କୁ ପାଟଣା ବନାନ□ କାର୍ଯ୍ୟଳୟ କୁ ଅଣାଯାଇ ଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

## ପବିତ୍ର ଶିବରାତ୍ରୀ ଅବସରରେ ଭକ୍ତଙ୍କ ଭିଡ଼

ବିଷମକଟକ(ମହାଭାରତ) : ପବିତ୍ର ଶିବରାତ୍ରୀ ଅବସରରେ ବୁଧବାର ବିଷମକଟକ ସହର ତଥା ଆଖପାଖ ଅଞ୍ଚଳରେ ରହିଥିବା ମହାଦେବ ମନ୍ଦିରମାନଙ୍କରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଛି । ବିଷମକଟକ ବ୍ଲକ ଚଟିକୋଣା ଠାରେ ଅବସ୍ଥିତ ପର୍ଯ୍ୟଟନସ୍ଥଳୀର ପ୍ରସିଦ୍ଧ ପାତାଳେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଥିବାବେଳେ ଶିବ ଦର୍ଶନ ନିମନ୍ତେ ଭୋରୁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ବିଷମକଟକ ସହରର ତୁମ୍ବେଶ୍ୱର, ନାଗେଶ୍ୱର, ନୀଳକଣ୍ଠେଶ୍ୱର, ଗଜବାହାଲ, ଜଗଉାଥପୁରା, କାକରାମାସ୍କା, ଦୁର୍ଗା, ହାଟ ମୁନିଗୁଡ଼ା ମହାଦେବ ମନ୍ଦିରରେ ମଧ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ଅନ୍ୟପଟେ ପଣଷପଦର ପାହାଡ଼ ଉପରେ ରହିଥିବା ସ୍ୱର୍ଣ୍ଣଗିରି, ଶିବମନ୍ଦିରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସମସ୍ତ ମନ୍ଦିରରେ ଭକ୍ତଙ୍କ ଜାଗର ପାଳିବାରବି ବ୍ୟବସ୍ଥା ରହିଥିବାରୁ ଭକ୍ତଙ୍କ ନିମନ୍ତେ ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ନିମନ୍ତେ ବିଷମକଟକ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଥିବାବେଳେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ା କଡ଼ି କରାଯାଇଛି।

## ଜିଲ୍ଲାସ୍ତରୀୟ କିସାନ ସମ୍ମାନ ସମାରୋହ

ସମ୍ବଲପୁର,(ମହାଭାରତ): ଆଜି ବିହାର ରାଜ୍ୟ ର ଭାଗଲପୁର ଠାରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆୟୋଜିତ ପିଏମ କିସାନ ସମ୍ମାନ ନିଧିର ୬ ବର୍ଷ ପୂର୍ତ୍ତି ସମାରୋହରେ ଦେଶର ୯କୋଟି ୮ ଲକ୍ଷ ଚାଷୀଙ୍କୁ ୧୯ ତମ କିସ୍ତି ରେ ୨୨ ହଜାର କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀ ରେ ଜିଲ୍ଲାସ୍ତରୀୟ କିଷାନ ସମ୍ମାନ ସମାରୋହ ଗଙ୍ଗାଧର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ରେ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଆୟୋଜନ କରଯାଇଥିଲା। ଏହି ସମାରୋହ ରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ, ଶିକ୍ଷା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ,ମାନ୍ୟବର ମନ୍ତ୍ରୀ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ଶ୍ରୀ ନାଉରୀ ନାଏକ, ରାଜସ୍ୱ ବିଭାଗୀୟ ଆୟୁକ୍ତ(ଉ□ରା□ଳ) ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ (ଆଇଏଏସ), ଉତ୍ତରାଞ୍ଚଳ ଆଇଜି ଶ୍ରୀ ହିମାଂଶୁ ଲାଲ(ଆଇ.ପି.ଏସ), ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏସ.ଏ), ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମୁ(ଆଇପିଏସ), ସମ୍ବଲପୁର ମହାନଗର ନିଗମ ର ଆୟୁକ୍ତ ଶ୍ରୀ ବେଦ ଭୂଷଣ(ଆଇ.ଏ.ଏସ.) ଙ୍କ ସମେତ କୃଷକ ଭାଇବନ୍ଧୁ ପ୍ରମୁଖ ଆଭାସୀ ମାଧ୍ୟମରେ ସମାରୋହ ରେ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ, ଶିକ୍ଷା, ଭାରତ ସରକାର ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଦେଶର ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କ୍ଷେତ୍ରରେ ସଶକ୍ତ କରିବାର ମୂଳ ଲକ୍ଷ୍ୟ ରଖି ଉଭୟ କେନ୍ଦ୍ରସରକାର ଓ ରାଜ୍ୟସରକାର ସର୍ବଦା କାର୍ଯ୍ୟ କରୁଛନ୍ତି, ନୂଆ ନୂଆ ଯୋଜନା ର ଆରମ୍ଭ କରୁଛନ୍ତି। ସେଥିମଧ୍ୟରୁ ପିଏମ କିଷାନ ସମ୍ମାନ ନିଧି ଯୋଜନା ହେଉଛି ଏକ ପ୍ରୟାସ ଯେଉଁ ଯୋଜନା ଅଧୀନରେ ଆଜି ୧୯ ତମ କିସ୍ତି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଚାଷିଭାଇ ମାନଙ୍କୁ ପ୍ରଦାନ କରିବେ। କୃଷି କ୍ଷେତ୍ର ରେ ଉନ୍ନତି ପାଇଁ ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଗକଟଣ) ଅଧୀନରେ ବାଣିଜ୍ୟିକ କୃଷି ଉଦ୍ୟୋଗ ସ୍ଥାପନ ପାଇଁ କୃଷି ଉଦ୍ୟୋଗୀ ମାନଙ୍କୁ ପୁଞ୍ଜି ନିବେଶ ସବସିଡି ମଧ ଯୋଗାଇ ଦିଆଯାଉଛି । ଯାହା ଦ୍ୱାରା କେବଳ ଧାନଚାଷ ନୁହେଁ ବରଂ ମତ୍ସ୍ୟ ପାଳନ, ପଶୁ ପାଳନ, ମହୁଚାଷ,ଛତୁଚାଷ ଆଦି କାରିପାରିବେ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଶେଷରେ ଆମ ଜିଲ୍ଲାର ର କୃଷି ଆଧାରିତ ବ୍ୟବସାୟ କୁ ଆହୁରି ଆଗକୁ ବଢାଇବା, ସମ୍ବଲପୁର କୁ ଏକ କୃଷିକ୍ଷେତ୍ର ର ପେଣ୍ଟସ୍ଥଳୀ ରେ ପରିଣତ କରିବାପାଇଁ ପ୍ରୟାସ କରିବାକୁ କହିଥିଲେ। ସୂଚନା ଅନୁଯାୟୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଧନକଉଡା(୨୭୦୦), ରେଢାଖୋଲ(୭୦୨୨), ନାକଟିଦେଉଳ(୮୨୩୫), ରେଙ୍ଗାଲି(୫୬୩୮), ବାମରା(୯୬୧୩), ଯୁଯୁମୁରା(୭୧୭୮), ମାନେଶ୍ୱର(୪୪୧୮), କୁଚିଣ୍ଡା(୮୬୨୦) ଓ ଜମନକିରା(୭୮୧୩) ବ୍ଲକ ସମେତ ସମ୍ବଲପୁର ଜିଲ୍ଲାର ମୋଟ ୬୧୨୩୭ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୨,୨୪,୭୪,୦୦୦ ଟଙ୍କା ହସ୍ତାନ୍ତର ହୋଇଛି ।ଏହି ପରିପ୍ରେକ୍ଷୀ ରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ସମ୍ବଲପୁର ଜିଲ୍ଲା ର ପ୍ରାୟ ୨୦ ଜଣ ଲାଭାର୍ଥୀ ଙ୍କୁ ପ୍ରାୟ ୫,୪୧,୮୩,୩୫୨ ଟଙ୍କା ର ସବସିଡି ବିଭନ୍ନ କୃଷି ଭିତ୍ତିକ ପ୍ରକଳ୍ପ ନିମନ୍ତେ ପ୍ରଦାନ କରାଯାଇଛି ।ସିଡ ମନି ବାବଦରେ ୪ ଟି ସ୍ୱୟଂ ସହାୟକ ଗୋଷ୍ଠୀ କୁ ମୋଟ ୪୦,୦୦୦ ଟଙ୍କା(ପ୍ରୋଜେକ୍ଟ କଷ୍ଟ), ମତ୍ସ୍ୟଚାଷ ପାଇଁ ୫ ଟି ସ୍ୱୟଂ ସହାୟକ ଗୋଷ୍ଠୀ କୁ ମୋଟ ୨୧,୯୮,୦୦୦ ଟଙ୍କା, ପଶୁପାଳନ ବିଭାଗର ଗୋପାଳନ ଯୋଜନା ଅଧୀନରେ ରେ ୭ ଜଣ ହିତାଧିକାରୀ ଙ୍କୁ ୧୧,୨୮,୯୬୦ ଟଙ୍କା, ଉଦ୍ୟାନ କୃଷି ବିଭାଗର ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜାନା ଅଧୀନରେ ୨୭ ଜଣ ହିତାଧିକାରୀ ଙ୍କୁ ୧୩,୨୦,୫୭୮ ଟଙ୍କା ସବସିଡି ବାବଦରେ ପ୍ରଦାନ କରାଯାଇଛି।

## ମହେନ୍ଦ୍ରଗଡ଼ ଅଞ୍ଚଳରେ ମହା ଶିବରାତ୍ରି ଉତ୍ସବ ମହା ଆଡ଼ମ୍ବରରେ ପାଳିତ

ଆର-ଉଦୟଗିରି (ମହାଭାରତ) ବୁଧବାର ଦିନ ଆର -ଉଦୟଗିରି ଅଞ୍ଚଳର ବିଭିନ୍ନ ଶୈବପୀଠ ମାନଙ୍କରେ ମହାଆଡ଼ମ୍ବର ସହ ମହାଶିବରାତ୍ରି ପାଳନ ହେଉଛି ସକାଳୁ ସକାଳୁ ବିଭିନ୍ନ ଶିବ ମନ୍ଦିର ମାନଙ୍କରେ ମହାଦେବଙ୍କର ପହଡ଼ଭାଙ୍ଗିବା ପରେ ତତପ ମୈଲମ ମଙ୍ଗଳ ଆଳତି ପରେ ଭକ୍ତ ମାନେ ଶିବ ଦର୍ଶନ କରିଥିଲେ ଛେଲଗଡ଼, ଗଡ଼ର, ଛେଳିଗଡ଼, ମହେନ୍ଦ୍ରଗଡ଼, ଲୁହାଖମ୍ଭେଶ୍ୱର ଶୈବ ପୀଠ ମାନଙ୍କରେ ଭକ୍ତଙ୍କର ଭିଡ଼ ଲାଗିରହିଥିଲା ଚଳିତ ବର୍ଷ ରାସ୍ତା ଖରାପ ଥିଲେ ମଧ ଲୁହାଖମ୍ଭେଶ୍ୱର ଠାରେ ପ୍ରବଳ ଜନ ସମାଗମ ହୋଇଥିଲା । ଆଜି ସନ୍ଧ୍ୟା ୬ ଘ ଠାରୁ ହୋମ ଯଜ୍ଞଆଦି କର୍ମ ପରେ ସମସ୍ତ ଶିବ ମନ୍ଦିରରେ ମହାଦୀପ ମନ୍ଦିର ଚୁଡାରେ ଚିବ ଜାଗର



ପାଳନ କରିବା ପାଇଁ ବିଭିନ୍ନ ମନ୍ଦିରରେ ଭକ୍ତ ମାନଙ୍କର ଭିଡ଼ ଲାଗିରହିଛି । ଛେଲାଗଡ଼ ଠାରେ ଗ୍ରାମବାସୀଙ୍କ ଦ୍ୱାରା ରାମାୟଣ ନାଟକ ପରିବେଷଣ ହେବାକୁ ଥିବା ବେଳେ ମହେନ୍ଦ୍ରଗଡ଼ ଠାରେ ଜରଡ ମହାଭାରତ ମଞ୍ଚସ୍ଥ ହେବ ବୋଲି ମହେନ୍ଦ୍ରଗଡ଼ ଗ୍ରାମ କମିଟି ସଭାପତି ଶ୍ରୀ ଲୁଲୁ ପଣ୍ଡା ପ୍ରକାଶ କରିଥିଲେ। ଜନ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର ଯଥା ଶୃଙ୍ଖଳା, ପାନୀୟ ଜଳ ଭଳି ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି କମିଟି ପ୍ରକାଶ କରିଥିଲେ ଏହି ଅଞ୍ଚଳରେ ଲୁହା ଖମ୍ଭେଶ୍ୱର ପ୍ରତକ୍ଷ ହୋଇଥିବାରୁ ଏଠାରେ ଜନସମାଗମ ହେଲେ ମଧ ରାସ୍ତା ଘାଟ, ପାନୀୟ ଜଳ ରାତ୍ରିଯାପନ ନିମନ୍ତେ ଆବାସସ୍ଥଳ ଭଳି ଆନୁସଙ୍ଗିକ ଅଭାବ ଥିବା ଯୋଗୁଁ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଶ୍ରୀ ଦିବାକର ନାୟକ କ୍ଷୋଭ ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଏହାର ଉନ୍ନତି କରିବା ଅନୁରୋଧ କରିଛନ୍ତି ଏହା ଏକ ପର୍ଯ୍ୟଟନ ସ୍ଥଳ ରୂପେ ମାନ୍ୟତା ପାଇବାକୁ ଯୋଗ୍ୟ ବୋଲି ପ୍ରକାଶ କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## କାର ସହ ୩୦କିଲୋ ଗଞ୍ଜେଇ ଜବତ: ମାଫିଆ ଗିରଫ



ଫିରିଙ୍ଗିଆ,(ମହାଭାରତ):କନ୍ଧମାଳ ଜିଲ୍ଲା ରେ କିଛିଦିନ ହେଲା କନ୍ଧମାଳ ଜିଲ୍ଲା ରେ ଗଞ୍ଜେଇ କାରବାର ଉପରେ ରୋକ ଲଗେଇବା ପାଇଁ ଜିଲ୍ଲା ପୋଲିସ ମୁଖିଆ ଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ ଜାରିରହିଥିବା ବେଳେ ଅନୁରୂପ ଭାବରେ ଗଞ୍ଜେଇ କାରବାର କୁ ନେଇ ସବୁ ବେଳେ ଚର୍ଚ୍ଚା ରେ ରହିଆସୁଥିବା ଫିରିଙ୍ଗିଆ ଥାନା ପକ୍ଷରୁ ମଧ୍ୟ ବିଭିନ୍ନ ଜାଗାରେ ଚଢ଼ାଉ ଜାରିରହିଛି । ଏହି ପରିପେକ୍ଷୀରେ ଫିରିଙ୍ଗିଆ ପୋଲିସ ଏକ କାର ସହ ଜଣେ ଆନ୍ତରାଜ୍ୟ ପେସଦାର ଗଞ୍ଜେଇ ମାଫିଆ କୁ ଗିରଫ କରିବାରେ ସଫଳ ହୋଇଥିବା ଉକ୍ତ କାର ରୁ ୩୦ କିଲୋ ଗଞ୍ଜେଇ କୁ ମଧ୍ୟ ଜବତ କରିଛି । ସୂଚନା ଅନୁସାରେ ମଙ୍ଗଳବାର ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଏଇ ଅଜୟ କୁମାର ସାହୁ ଏସଆଇ ପ୍ରମୋଦ କୁମାର ବେହେରା ଙ୍କ ସହ ଏକ ଟିମ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଫିରିଙ୍ଗିଆ ଫୁଲବାଣୀ ମୁଖ୍ୟ ରାସ୍ତାର ଡିଣ୍ଡିରାଗାଁ ଆଦର୍ଶ ବିଦ୍ୟାଳୟ ନିକଟରେ ଫିରିଙ୍ଗିଆ ପଟୁ ଫୁଲବାଣୀ ପଟକୁ ଦ୍ରୁତ ଗତିରେ ଯାଉଥିବା ଏକ କାର କୁ ସନ୍ଦେହ ରେ ଅଟକାଇଥିଲେ । ପୋଲିସ କୁ ଦେଖି କାର ରୁ କିଛି ଲୋକ ଫେରାର ହୋଇଯାଇଥିବା ବେଳେ ଜଣେ ବ୍ୟକ୍ତି ଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଥିଲେ। ପରେ କାର କୁ ଯାଞ୍ଚ କରିବା ସମୟରେ କାର ଡ଼ିକିରୁ ୩୦ କିଲୋ ଗଞ୍ଜେଇ ଜବତ ହୋଇଥିଲା । ତେବେ ଏହି ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତି ଜଣକ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବଡ଼ସାହି ବାଇଗଣିଆ ଗାଁ ର ଶଶୀଧର ଦାସ ବୋଲି ଜଣାପଡିଥିବା ବେଳେ ସେ ଜଣେ ପେସାଦାର ଗଞ୍ଜେଇ ମାଫିଆ ବୋଲି ପ୍ରାଥମିକ ତଦନ୍ତ ରୁ ଜଣାପଡିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ସେପଟେ ଏହି ଘଟଣାରେ ଫିରିଙ୍ଗିଆ ଥାନାରେ ୪୬/୨୦୨୫ ରେ ଏକ ମାମଲା ରୁଜୁ କରି ଗଞ୍ଜେଇ ସହ ଗିରଫ ଗଞ୍ଜେଇ ମାଫିଆ କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଗୋପୀନାଥ ପ୍ରଧାନ।

## ପ୍ରଶାସନର ଦୃଷ୍ଟି ଆଢୁଆଳରେ କପିଳାସ ମୁଖଶାଳାରେ ନିର୍ମାଣ ହୋଇଥିବା ମହାଦେବଙ୍କ ପ୍ରତିମୂର୍ତ୍ତି ଓ ଜଳଫୁଆର



ଗଁଦିଆ,(ମହାଭାରତ) : ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ କପିଳାସର ପାଦଦେଶରେ ନିର୍ମାଣ ହୋଇଛି ମହାଦେବଙ୍କ ପ୍ରତିମୂର୍ତ୍ତି ଥାଇ ଜଳ ଫୁଆର । ପ୍ରସିଦ୍ଧ ଶୈବପୀଠ କପିଳାସର ସୌନ୍ଦର୍ଯ୍ୟକୁ ବଢାଇବା ପାଇଁ ମୁଖଶାଳା ଠାରେ ଟାଟା କମ୍ପାନୀର ସହଯୋଗରେ ମହଦେବଙ୍କ ପ୍ରତି ମୂର୍ତ୍ତି ଥାଇ ନିର୍ମାଣ ହୋଇଛି। ଦେବୋତ୍ତର ବିଭାଗର ଅବହେଳା ଯୋଗୁଁ ବୁଲା କୁକୁରଙ୍କ ବାସସ୍ଥଳୀ ପାଲଟିଛି । ଦେବୋ□ର ବିଭାଗ ପକ୍ଷରୁ ବିଭିନ୍ନ ପୀଠର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସ ପୀଠର ମୁଖଶାଳା ରେ ନିର୍ମାଣ ହୋଇଥିବା ଜଳଫୁଆର ରକ୍ଷଣାବେକ୍ଷଣ କରାଯାଉନାହିଁ । ଏ ସଂପର୍କରେ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କପିଳାସ ର ଚଳନ୍ତି ଠାକୁର ଜନୈକ ଅଧିକାରୀଙ୍କ ମନମାନିରେ ଚଳିଛି ସବୁକିଛି ।ପ୍ରସିଦ୍ଧ ଶୈବପୀଠ କପିଳାସ ରେ ମହା ଧୁମ ଧାମରେ ପାଳିତ ହେଉଛି ମହାଶିବରାତ୍ରି । ମହାଶିବରାତ୍ରି ଅବସରରେ ଆଜି କପିଳାସ ପୀଠ ଚଳଚଂଚଳ । ଗାଁ ପରିମଳ ଆରମ୍ଭ ହୋଇଥାଏ ଧୋବା ତୁଠରୁ । ତେବେ କପିଳାସ ପୀଠର ସୌନ୍ଦର୍ଯ୍ୟକୁ ବଢାଇବା ପାଇଁ ମୁଖଶାଳାରେ ନିର୍ମାଣ ହୋଇଛି ମହାଦେବଙ୍କ ପ୍ରତିମୂର୍ତ୍ତି ସହ ଜଳଫୁଆର ।ଏହା ନିର୍ମାଣ ହୋଇଛି ସତ। କିନ୍ତୁ ଏହାର ଯତ୍ନ ନିଆଯାଉ ନଥିବାରୁ ଏହି ସ୍ଥାନ ଏବେ ଅପରିଷ୍କାର ହୋଇ ରହୁଛି । କପିଳାସ ପୀଠରେ ବିଭିନ୍ନ ସମୟରେ ହେଉଥିବା କାର୍ଯ୍ୟକ୍ରମ ରେ ମଧ ରଙ୍ଗ ଲେପ ଦିଆଯାଉନାହିଁ । ଯାହା କୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ଦେଖା ଦେଇଛି । ତେବେ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବଅଁରପାଳ ପଞ୍ଚାୟତ ସମିତିର ସାଧାରଣ ବୈଠକ, ଗଣମାଧମ କୁ ବସିବାପାଇଁ ମନା



ଅନୁଗୋଳ(ମହାଭାରତ) :ଆଜି ପୂର୍ବାହ୍ନରେ ବଅଁରପାଳ ପ□ାୟତ ସଭାଘରେ ବ୍ଲକ ଅଧକ୍ଷଙ୍କ ଅଧକ୍ଷତାରେ ୭ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା ଯ ବୈଠକରେ ନୂତନ ଭାବେ ସର୍ବ ପ୍ରଥମେ ସାସଂଦ ରୁଦ୍ରନାରାୟଣ ପାଣି ଯୋଗ ଦେଇଥିବା ବେଳେ ସମ୍ବଲପୁର ସାସଂଦଙ୍କ ପ୍ରତିନିଧି ଅମୀୟ କୁମାର ତ୍ରିପାଠୀ,ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ଙ୍କ ପ୍ରତିନିଧି ଛବିମୋହନ ସାହୁ , ବିଡିଓ ଲୋଚନ ଦାସ ଏବଂ ଉପାଧକ୍ଷ ବନିତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଆରମ୍ଭ ରେ ଗଣମାଧମ ପ୍ରତିନିଧିମାନେ ସଭାର ଫୋଟ ଉଠାଇବା ସହ ଖବର ସଂଗ୍ରହ କରିବାକୁ ବୈଠକ ସ୍ଥଳକୁ ଯାଇଥିବା ବେଳେ ବ୍ଲକ ଚେୟାର ମ୍ୟାନ ସମସ୍ତ ଗଣମାଧମ ପ୍ରତିନିଧି ମାନଙ୍କୁ ଦୁର୍ବ୍ୟବହାର କରିବା ସହ ସମସ୍ତେ ବାହାରକୁ ପଳାଇଯାଆନ୍ତୁ ବୋଲି କହିବାରୁ କିଛି ସମୟ ବୈଠକ ସ୍ଥାନରେ ଉ□ଜନା ପରିସ୍ଥିତି ସୃଷ୍ଟି ହୋଇଥିଲା, ତେବେ ଅଧକ୍ଷ ପରବର୍ତ୍ତୀ ସମୟରେ ଭୁଲ ମାଗିବା ସହ ପୁନରାବୃତ୍ତି ହେବ ନାହିଁ ବୋଲି କହିଥିଲେ । ବୈଠକରେ ସେପ୍ଟେମ୍ବର ଡିସେମ୍ବର ୨୩ ତାରିଖରେ ଅନୁଷ୍ଠିତ ସାଧାରଣ ସଭାର କାର୍ଯ୍ୟକ୍ରମକୁ ଦୃଢୀଭୂତ କରାଯାଇଥିଲା । ପରେ ବୈଠକରେ ଗ୍ରୀଷ୍ମକୁ ଆଗରେ ରଖି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ସମ୍ପର୍କରେ ସ୍ୱତନ୍ତ୍ର ଭାବରେ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟ,ପଶୁ ସମ୍ପଦ, ମହିଳା ଏବଂ ଶିଶୁ ବିକାଶ, ଶିକ୍ଷା, ଉତ୍ତୟନ ଉପରେ ଆଲୋଚନା ହୋଇଥିଲା । ସାଂସଦ ଶ୍ରୀ ପାଣି ଙ୍କୁ ଉକ୍ତ ଅଘଟଣ ଦିଗରେ ପଚ୍ଚରିବାରୁ କହିଥିଲେ ଯେ ଓଡିଶାରେ ଦୀର୍ଘଦିନର ସରକାରର ଆଭିମୁଖ୍ୟ ପରିବର୍ତ୍ତନର ନିରାକରଣ ହେବ । ଏହା ମୋର ଏଠାରେ ପ୍ରଥମ ବୈଠକ । ବିଗତ ଦିନର ତ୍ରୁଟି ଦେଖିଲି, ବିଚ୍ୟୁତ ନ ହେବାପାଇଁ ଅନୁରୋଧ କଲି । ଆଉ ଦୁଇବର୍ଷ ପରେ ଅତି ଉତ୍ତମ କାମ ହେବ ବୋଲି କହିବା ସହ ପାନୀୟଜଳ ଯୋଗାଣ କିଭଳି ସୁରୁଖୁରୁରେ ହେବ ତା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ତହସିଲଦାର ରବିନାରାୟଣ ଆଚାର୍ଯ୍ୟ ଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଏବଂ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ସଭ୍ୟ, ଯନ୍ତ୍ରୀ ଗୌତମ ନାୟକ ଉପସ୍ଥିତ ଥିଲେ ।

## ଜାଗର ପାଇଁ ଝିଙ୍କେଶ୍ୱର ପୀଠରେ ସୁରକ୍ଷା କଡାକଡ଼ି

କପ୍ତିପଦା -(ମହାଭାରତ ): କପ୍ତିପଦା -ଆଜି ହେଉଛି ପବିତ୍ର ମହାଶିବରାତ୍ରି ଜାଗର । ମହାଦେବ ଙ୍କ ପାଖରେ ଦୀପ ଟିଏ ଜାଳି ନିଜର ତଥା ପରିବାର ର ସୁଖ ଶାନ୍ତି ପାଇଁ ପୂଜାର୍ଚ୍ଚନା କରିବା ।ବିଭିନ୍ନ ଶୈବ ପୀଠ ରେ ଶ୍ରଦ୍ଧାଳୁ ଙ୍କ ଭିଡ଼ ବେଶ ପରିଲକ୍ଷିତ ହୋଇଛି । ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ବାବା ଝିଙ୍କେଶ୍ୱର ଙ୍କ ପୀଠ ରେ ମହା ଶିବରାତ୍ରି ପାଇଁ ବେଶ ଉତ୍ସବ ମୁଖର ହୋଇଛି । ହାତରେ ପୂଜା ଡାଲା ଧରି ମନରେ ଭକ୍ତି ସହ ମନ୍ଦିର ଦର୍ଶନ କରିବା ସହ ପୂଜାର୍ଚ୍ଚନା କରୁଛନ୍ତି ଶ୍ରଦ୍ଧାଳୁ । ତେବେ ପୁରାତନ ଏହି ଝିଙ୍କେଶ୍ୱର ପୀଠ ହୋଇଥିବା ବେଳେ ବହୁ ଦୂର ଦୁରାନ୍ତରୁ ଶ୍ରଦ୍ଧାଳୁ ମାନଙ୍କର ଭିଡ ଦେଖିବାକୁ ମିଳିଛି । ସତେ ଯେମିତି ଭକ୍ତ ଓ ଭଗବାନ ଙ୍କ ର ଇଏ ହେଉଛି ଅପୂର୍ବ ମିଳନ । ମନରେ ଅନେକ ଆଶା ଓ ଭରସା ରଖି ଶ୍ରଦ୍ଧାଳୁ ଧାଇଁ ଆସିଛି ଏହି ଶୈବ ପୀଠ କୁ । ବାବା ଝିଙ୍କେଶ୍ୱର ଙ୍କ ଅପାର କରୁଣା ଓ ଲୋକ ମାନଙ୍କର ମନସ୍କାମନା ପୁରଣ ହୁଅ ବୋଲି ବିଶ୍ୱାସ ରହିଛି । ସ୍ଥାନୀୟ ପୋଲିସ ଓ ପ୍ରଶାସନ ପକ୍ଷରୁ ମଧ ବ୍ୟାପକ ପ୍ରସ୍ତୁତି କରାଯାଇଛି । କପ୍ତିପଦା ଆଇଆଇସି ଙ୍କ ସୂଚନା ଅନୁଯାଇ ଭକ୍ତ ଙ୍କ ସୁରକ୍ଷା ଦୃଷ୍ଟି ରୁ ଏବଂ ଭିଡ଼ କୁ ନଜର ରେ ରଖି ସମସ୍ତ ପ୍ରକାର ବେବସ୍ଥା କରାଯାଇଛି । ଅନ୍ୟ ପଟେ ମନ୍ଦିର ପରିଚ୍ଚଳନା କମିଟି ପକ୍ଷରୁ ମଧ ସଠିକ ସମୟ ରେ ଠାକୁର ଙ୍କ ନୀତିକ୍ରାନ୍ତି ସମ୍ପର୍ନ କରାଯିବ ସହ ଭକ୍ତ ମାନେ କେମିତି ଦର୍ଶନ କରିପାରିବେ ସେଥିନେଇ ସମସ୍ତ ବନ୍ଦୋବସ୍ତ କରାଯାଇଛି।

## ମଗଡ଼ିଙ୍ଗିଆ ଗ୍ରାମରେ ଖେଳ ପଡ଼ିଆର ଉନ୍ନତିକରଣ କେବେ ନଳକୂପ ଡ୍ରେସିଂ ରୁମ୍ ଓ ଗାର୍ଡୱାଲ୍

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମର ଖେଳ ପଡ଼ିଆ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ଦ୍ୱାରା ନିର୍ମାଣ କରାଗଲା କିନ୍ତୁ ବର୍ତ୍ତମାନ ଖେଳ ପଡ଼ିଆର ଅବସ୍ଥା କହିଲେ ନ ସରେ ଲଗାଣ ବର୍ଷାରେ ଧୋଇ ହୋଇ ଯାଉଛି ଯାହା ଫଳରେ ଯୁବ ଗୋଷ୍ଠୀ ବର୍ତ୍ତମାନ ସେହି ଖେଳ ପଡ଼ିଆରେ ଖେଳିବା ପାଇଁ ମଧ ସୁରକ୍ଷିତ ମନେ କରୁନାହାଁନ୍ତି କାରଣ ପ୍ରାୟ ଦଶ ଫୁଟ ପାଖାପାଖି ରାସ୍ତାରୁ ଉପରେ ରହୁଥିବାରୁ ଖେଳ ପଡ଼ିଆର ମାଟି ଖସି ଖସି ଆସୁଛି ଖେଳ ପଡ଼ିଆ ପାଇଁ ମୁଖ୍ୟ ଦାବି ଗୁଡ଼ିକ ହେଉଛି ଖେଳ ପଡ଼ିଆ ପାର୍ଶ୍ୱରେ ଗାଡ଼ୱାଲ୍ ପାନୀୟଜଳ ର ବ୍ୟବସ୍ଥା ଦର୍ଶକଙ୍କ ପାଇଁ ଗାଡ଼ୱାଲ୍ ଡ୍ରେସିଂ ରୁମ୍ ଓ ପାନୀୟଜଳ ଆଦି ନିର୍ମାଣ ପୂର୍ବରୁ ଏହି ବିଷୟ ସରପ□ଙ୍କ ଠାରୁ ଆରମ୍ଭ କରି ବ୍ଲକ ଏବଂ ଜିଲ୍ଲାପାଳ ସମସ୍ତଙ୍କୁ ଦାବି ଦିଆଯାଇଥିଲା ବର୍ତ୍ତମାନ ବାଲିଗୁଡ଼ା ବିଧାୟକ ଶ୍ରୀଯୁକ୍ତ ଚକ୍ରମଣି କହଁର ଦାବି ଜଣାଇଛନ୍ତି ମଗଡ଼ିଙ୍ଗିଆ ଗ୍ରାମର କିଛି ଯୁବ ଗୋଷ୍ଠୀ ଆଜିକା ସମୟରେ ଛଟ ଛଟ ଗ୍ରାମ ଗୁଡ଼ିକରେ ମଧ୍ୟ ଖେଳ ପଡ଼ିଆ ନିର୍ମାଣ ହୋଇଯାଇଛି ମଗଡ଼ିଙ୍ଗିଆ ଏକ ବଡ଼ ଗ୍ରାମ ହୋଇଥିବା ବେଳେ ବାଲିଗୁଡ଼ା ବିଧାୟକ ଶ୍ରୀଯୁକ୍ତ ଚକ୍ରମଣି କହଁର ଛଡ଼ା ଅନ୍ୟ ପ୍ରଶାସନ ଏହି ଖେଳ ପଡ଼ିଆକୁ କାହିଁକି ସମସ୍ତେ ଅଣଦେଖା କରୁଛନ୍ତି ତାହା ଉପରେ ବିଚ୍ଚର ବିମର୍ଶ କରିବା ଆବଶ୍ୟକ ।

## ରାଇରଙ୍ଗପୁରରେ ଓଁ ଶ୍ରୀ ଶ୍ରୀ ଐଶ୍ୱାନେଶ୍ୱୟ ମହାଦେବ ମନ୍ଦିର ପୁନଃ ନିର୍ମାଣ,

ରାଇରଙ୍ଗପୁର- (ମହାଭାରତ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହରର ଗଢ ଗ୍ରାମର ବହୁ ପୁରାତନ ରାଜା ରୁଜୁଡା ଅମଳର ୩୦୦ ବର୍ଷରୁ ଉର୍ଦ୍ଧ ଐଶ୍ୱାନେଶ୍ୱର ଶୈବ ପୀଠରେ ଶ୍ରୀ ଶ୍ରୀ ଐଶ୍ୱାନେଶ୍ୱୟ ମହାଦେବ ପୁନଃ ନିର୍ମାଣ ଏବଂ ମା' କୀଚକେଶ୍ୱରୀ ଦେବୀଙ୍କ ବିଗ୍ରହ ପ୍ରତିଷ୍ଠାଏଂ ପାର୍ଶ୍ୱ ଦେବାଦେବୀ ବିଗ୍ରହ ପ୍ରତିଷ୍ଠା ୫ ଦୀବସୀୟ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ମନ୍ଦିରରେ ଶିବ ମନ୍ଦିର, ଭଗବତୀ ମା' କୀଚକେଶ୍ୱର ବିଗ୍ରହ ପ୍ରତିଷ୍ଠା ,ପାର୍ଶ୍ୱ ଦେବାଦେବୀ, ପାର୍ଶ୍ୱ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମାହିତ ହେବ । ଅପରାହ୍ନ ୪ ଘଟିକା ରେ ଅଙ୍କୁରୋପଣ,ଅଧିବସ କର୍ମ,,ବିଗ୍ରହ ସମୂହଙ୍କ ଧ୍ୟାନାଧିବାସ,,ଫଳ ପୁଷ୍ପାଳଧିବାସ,କୁଣ୍ଡମଣ୍ଡଳାଦି ନିର୍ମାଣ କାର୍ଯ୍ୟକ୍ରମ,ଦ୍ୱିତୀୟ ଦିନ ପ୍ରାତଃ କାଳୀନ ଗୁରୁ ସୂର୍ଯ୍ୟ ପୂଜା,ଘୋ ପୂଜି, ଜଳଯାତ୍ରା,, ମନ୍ଦିର ପ୍ରବେଶ,। ପରେ ଯଜ୍ଞକର୍ମ ପ୍ରାରମ୍ଭ,ଶାଳା ପ୍ରଶେ ମଣ୍ଡପ,,ସ୍ତମ୍ଭ ତୋରଣ କୁଣ୍ଡ ମଣ୍ଡଳ ପୂଜନ, ଅଗ୍ନି ସ୍ଥାପନ, ବିଗ୍ରହ ସ୍ନାନ କର୍ମ,ଶୟନ କାର୍ଯ୍ୟକ୍ରମ,୨୪ ପ୍ରହର ହରି ନାମ ସଂକୀର୍ତ୍ତନ;ତୃତୀୟ ଦିନ ଦିନ ଧ୍ୱଜ କଳଶ ସ୍ଥାପନ ,କର୍ମ ବାୟୁ ପୂଜନ, ବିଗ୍ରହ ପ୍ରାଣ ପ୍ରତିଷ୍ଠା ;ଚତୁର୍ଥଦିନ ସୂର୍ଯ୍ୟ ପୂଜା ,ଗୋ ପୂଜା,ଦେବ ପୂଜା, ଚଣ୍ଡୀ ପାଠ,ସ୍ତବ ସ୍ତୋତ୍ର ପାଠ, ଦି ପଠନ,ଜପକର୍ମ,ମହାରୁଦ୍ରାଭିଶେକ,; ପଞ୍ଚମ ତଥା ଶେଷ ଦିନ ଗୁରୁ ପୂଜ,ଗୋ ପୂଜା, ସୂର୍ଯ୍ୟ ପୂଜା,ଗୀତା ଯଜ୍ଞ, ପୂର୍ଣ୍ଣାହୁତି ପୂର୍ବକ ଦଶଦାନ ବିଧାନ,୨୪ ପ୍ରହର ହରି ନାମ ସଂକୀ□ନ, ପ୍ରସାଦ ସେବନ କାର୍ଯ୍ୟକ୍ରମ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ୭୦୦ ରୁ ଉର୍ଦ୍ଧ ମହିଳା ଶ୍ରଦ୍ଧାଳୁ ପବିତ୍ର ଖଡଖାଇ ନଦୀକୂଳରେ ଶୌଚ ସାରି ନବ ପିତସ୍ତ୍ର ପରିଧାନ କରି ମଥାରେ ଜଳ କୁମ୍ଭ ଧରି ରାଇରଙ୍ଗପୁର ସହର ପରିକ୍ରମା କରି ମନ୍ଦିରରେ ପ୍ରବେଶ କରିଥିଲେ । ଆକର୍ଷଣୀୟ ନୃତ୍ୟ ଓ ଡିଜେଲ ଜାଇବାସହ ହରହର ମହାଦେବ,ଦେବ ଦେବ ମହାଦେବ ,ଓମ୍ ନମଃ ଶିବାୟ ଧାରାରେ ପ୍ରକମ୍ପିତ ହୋଇଥିଲା ସମଗ୍ର ରାଇରଙ୍ଗପୁର ସହର । ସମସ୍ତ ପୂଜାବିଧି ରୀତିନୀତି ଅନୁସାରେ ପୁରୀର ର ମହାନ ବିଦ୍ୱାନ ଶାସ୍ତ୍ରୀୟ ପଣ୍ଡିତ ସତ୍ୟନାରାୟଣ ତ୍ରୀପାଠୀ, ଶ୍ରୀକାନ୍ତ ନନ୍ଦ,ରୂପକ ହୋତା, ରାଧାକାନ୍ତ ଷଡ଼ଙ୍ଗୀ,ପ୍ରତାପ ମିଶ୍ର, ରଶ୍ମିରଞ୍ଜନ ରଥ, ରାଇରଙ୍ଗପୁର ର ଦେବବ୍ରତ ରଥ ମହାପାତ୍ର, ପ୍ରସନ୍ତ ଷଡଙ୍ଗୀ ଏବଂ ଅନ୍ୟ ସହଯୋଗୀ ସମସ୍ତ ପୂଜାବିଧି ରୀତିନୀତି ଅନୁସାରେ ଆଗେଇ ନେଇଥିଲେ ।କର୍ତା ହିସାବରେ କାଳୀଚରଣ ସାହୁ,ରାଜୁ ହେରା , ବୁଦ୍ଧିଆ ସାହୁ ଏବଂ ତାଙ୍କ ସହଧର୍ମିଣୀ ଦାୟିତ୍ୱ ର ସହ ଉପଶେନରେ ବସି ପୂଜା ଦାୟିତ୍ୱ ନିଭାଇଥିଲେ । ମନ୍ଦିରକୁ ଆକର୍ଷଣୀୟ ଫୁଲମାଳ ଓ ଆଲୋକସଜ୍ଜା ରେ ସଜା ଯାଇଥିଲା ।ମନ୍ଦିର ସମ୍ମୁଖରେ ୨୪ ପ୍ରହର ହରିରାମ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା। ଝାଡ଼ଖଣ୍ଡ ରାଜ୍ୟର ୩ ଟି , ପଶ୍ଚିମବଙ୍ଗର ୨ ଟି ଏବଂ ଓଡ଼ିଶାର ୧ ଏକ ଖ୍ୟାତନାମା ମହିଳା ସଂକୀର୍ତ୍ତନ ଦଳ ସେମାନଙ୍କ ନାମ ସଂକୀର୍ତ୍ତନ ଉଚ୍ଚାରଣ, ନୃତ୍ୟ ଓ ଭଜନରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ । ପ୍ରତିଦିନ ୫ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ଦୁଇ ଓଳି ବଣ୍ଟନ କରା ଯାଉଥିଲା । ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ମୟୂରଭଞ୍ଜ,କେନ୍ଦୁଝର,ରାଉରକେଲା ପ୍ରମୁଖ ଅଂଚଳରୁ ହଜାର ହଜାର ଶୈବ ଭକ୍ତ,ଶ୍ରଦ୍ଧାଳୁ ଏବଂ ମାନସିକଧାରୀ ଆସି ପୂଜାର୍ଚ୍ଚନା କରିବା ସହ ବାବା,ମା' ଙ୍କ ଆଶୀର୍ବାଦ ନେଉଥିବାର ଦୃଶ୍ୟ ପରିଲକ୍ଷିତ ହୋଇଥିଲା । ବିଶ୍ୱାସ ଅଛି ଏଠାକୁ ଯିଏ ଆସି ପୂଜାର୍ଚ୍ଚନା କରନ୍ତି ସେମାନେ ନିରାଶ ହୁଅନ୍ତି ନାହିଁ । ମନ୍ଦିର କମିଟି ଏବଂ ଗ୍ରାମବାସୀ ଦିନରାତି ଏକ କରି ମନ,ପ୍ରାଣ ଓ ଧନ ଏକାଠି କରି ଏହି ଭବ୍ୟ କାର୍ଯ୍ୟକ୍ରମକୁ ଶୃଙ୍ଖଳା ର ସହିତ ସଂପନ୍ନ କରିଛନ୍ତି ।ସାଧାରଣରେ ଶ୍ରଦ୍ଧାଳୁଙ୍କ ତରଫରୁ ସାଧୁବାଦ ଜଣାଯାଇଛି ।

## ଶିବରାତ୍ରି ପାଇଁ ଚଳଚଞ୍ଚଳ ଶୈବପୀଠ

ଗୋଲାମୁଣ୍ଡା (ମହାଭାରତ): ଫାଲ୍ଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଦିନ ପାଳନ ହୁଏ ମହାଶିବରାତ୍ରି । ଭଗବାନ ଶିବଙ୍କୁ ବ୍ରତ ମଧରେ ଶିବରାତ୍ରି ବ୍ରତ ଅତ୍ୟନ୍ତ ସିଦ୍ଧିଦାୟକ । ଦେବଦେବ ମହାଦେବଙ୍କ ଦ୍ୱାରା ବିଶ୍ୱ ସୃଷ୍ଟି ବୋଲି ବିଶ୍ୱାସ ରହିଛି । ପୌରାଣିକ କଥାବସ୍ତୁ ଅନୁଯାୟୀ, ଯେତେବେଳେ ଦେବ ଓ ଅସୁରମାନଙ୍କ ଦ୍ୱାରା ସମୁଦ୍ର ମ୍ୟନ ହୋଇଥିଲା ସେତେବେଳେ ବାହାରିଥିବା ସମସ୍ତ ବିଷକୁ ଶିବ ପାନକରି ଦେଇଥିଲେ । ଏହାପରେ ବିଷର ଜ୍ୱାଳାରେ ସେ ମୂର୍ଚ୍ଛା ହୋଇଯାଇଥିଲେ । ତେଣୁ ଦେବଗଣ ଓ ଶୈବବୃନ୍ଦ ଅଖଣ୍ଡ ପ୍ରଦୀପ ଜାଳି ଉଜାଗରରେ ବସିଥିଲେ । ସେହିଦିନକୁ ମନେପକାଇ ଶ୍ରଦ୍ଧାଳୁମାନେ ମହାଶିବରାତ୍ରି ପାଳନ କରିଥାନ୍ତି ।ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଶିବ ଲିଙ୍ଗ ଭାବରେ ଆର୍ବିଭୂତ ହୋଇଥିବାରୁ ପ୍ରତିବର୍ଷ ଏହି ଦିନକୁ ମହାଶିବରାତ୍ରି ଭାବରେ ମଧ ପାଳନ କରାଯାଏ ଯମହା ଶିବରାତ୍ରୀ/ ଜାଗର ପାଇଁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ଶୈବପୀଠ ରେ ସକାଳୁ ଭିଡ଼ ଜମିବାରେ ଲାଗିଛି । ଗୋଲାମୁଣ୍ଡା ବ୍ଲକ ରେ ଅନେକ ଶୈବପୀଠ ମଧରୁ ଫରଙ୍ଗ ଗ୍ରାମ ପଞ୍ଚାୟତ ଅଧିନରେ ଚୋରା ପାହାଡ ପାଦଦେଶରେ ଅବସ୍ଥିତ ଗଦଲାଝରନ ଶୈବପୀଠ ରେ ଲକ୍ଷାଧିକ ଶୈବ ଭକ୍ତଙ୍କ ସମାଗମ ହୋଇଥାଏ। ପଡୋଶୀ ରାଜ୍ୟ ଛତିଶଗଡ ତଥା ପଡୋଶୀ ଜିଲ୍ଲା ରୁ ହଜାର ହଜାର ଭକ୍ତମାନଙ୍କର ସମାଗମ ହୋଇଥାଏ । ନୂଆଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ କରଞ୍ଜିକୋଟ ଶୈବପୀଠ ରେ ମଧ ହଜାର ହଜାର ଭକ୍ତମାନଙ୍କର ସମାଗମ ହୋଉଛି ।ସେହିଭଳି ମହାଲିଙ୍ଗ,ଉଦେଶ୍ୱଙ୍ଗ, ଚପୁରିଆ, ଗୋଲାମୁଣ୍ଡା,ମାନଝରୀ ର ଶୈବପୀଠ ରେ ସକାଳ ୫:୩୦ ରୁ ଅପରାହ୍ନ ଯାଏଁ ଭିଡ଼ ଦେଖିବାକୁ ମିଳିଥିଲା। ଗୋଲାମୁଣ୍ଡା ବ୍ଲକ ରେ ବିଭିନ୍ନ ଶୈବପୀଠ ମାନଙ୍କରେ ଅଖଣ୍ଡ ନାମ ଯଜ୍ଞ ମଧ ହେଉଅଛି । ସେଥିପାଇଁ ସମସ୍ତ ଶୈବପୀଠ ମାନଙ୍କରେ ଶୈବ ଭକ୍ତ ନିଜ ମନସ୍କାମନା ପୂରଣ ପାଇଁ ଶିବ ଉପାସନା ସହିତ ହରେକୃଷ୍ଣ ହରେରାମ ମହା ମନ୍ତ୍ର ପାନ କରୁଛନ୍ତି । ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଶୈବପୀଠ ର ପୁନଃରୁଦ୍ଧାର କରାଗଲେ ଆଗାମୀ ଦିନରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନଙ୍କ ଆଗମନ ବଢ଼ିବ ବୋଲି ବିଭିନ୍ନ ମହଲାରେ ଚର୍ଚ୍ଚା ଜୋର ଧରିଛି ।

## ଦେବଗିରି ପଞ୍ଚ ମୁଖେଶ୍ୱର ଶୈବ ପୀଠ ରେ ଲକ୍ଷାଧିକ ଭକ୍ତଙ୍କ ସମାଗମ



କଲ୍ୟାଣସିଂହପୁର(ମହାଭାରତ):ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଥିବା ଦେବଗିର ପଞ୍ଚମୁଖେଶ୍ୱର ଶୈବ ପୀଠରେ ପବିତ୍ର ମହାଶିବରାତ୍ର ଜାଗର ପାଇଁ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି, ଭୋର ସକାଳୁ ଭକ୍ତ ମାନେ ନିଜର ପୂଜା ସାମଗ୍ରୀ ଧରି ଲମ୍ବା ଲାଇନ ରେ ଛିଡା ହୋଇ ସ୍ୱଟିକ ଲିଙ୍ଗ ଙ୍କୁ ଦର୍ଶନ କରିଥାନ୍ତି,ଏହା ଏକ ବହୁ ପୁରାତନ ପ୍ରସିଦ୍ଧ ଶୈବ ପୀଠ ହୋଇଥିବାରୁ ଓଡିଶା ର ଅନେକ ଅଞ୍ଚଳରୁ ଏବଂସୀମାନ୍ତ ରେ ଥିବା ଆନ୍ଧ୍ର ପ୍ରଦେଶ, ଛତିଶଗଡ,ପଶ୍ଚିମବଙ୍ଗ ରୁ ମାନସୀକଧାରି ମନସ୍କାମନା ପୂରଣ ପାଇଁ ୫୪୫ ଟି ପାହାଚ ଅତିକ୍ରମ କରି ନିଜର ବିଶ୍ୱାସ ଅନୁଯାଇ ଏହି ପୀଠ କୁ ଭକ୍ତ ମାନେ ଆସି ସ୍ୱଟିକ ଲିଙ୍ଗ କୁ ଦର୍ଶନ କରନ୍ତି , ପ୍ରଶାସନ ଏବଂ କମିଟି ପକ୍ଷରୁ ଭକ୍ତ ମାନଙ୍କ ପାଇଁ ପାହାଡ଼ ତଳେ ପାନୀୟ ଜଳ ର ବ୍ୟବସ୍ଥା, ଅର୍ଣ୍ଣ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଛି,ଏହି ମେଳି ରେ ଅନେକ ଦୋକାନ ବଜାର ଆସିବା ସହିତ ରାଜ୍ୟ ବାହାରୁ ମଧ୍ ଦୋକାନ ବଜାର ମଧ୍ ଆସି ଥାଏ , ,ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ପ୍ଲାଟୁନ ପୋଲିସ ଫର୍ସ ମୁତୟନ କରିବା ସହିତ, ଅଗ୍ନିଶମ ବାହୀନି, ସ୍ୱାସ୍ଥ୍ୟ ବିଭାଗ ପୁରା ସଜାଗ ରହିଛନ୍ତି ।

## ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ପାଇଁ ମଗଡିଙ୍ଗିଆ କଦାକାମ୍ବା ଗୁଞ୍ଜିଗାଁ ରୁଗୁଡ଼ି ସାହି ପାଙ୍ଗାନାଜୁ ଗ୍ରାମବାସୀଙ୍କ ଦାବି



କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଅନ୍ତର୍ଗତ କ ନୂଆଗାଁ ବ୍ଲକର ଗାଁକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ମଗଡ଼ିଙ୍ଗିଆ,କଦାକାମ୍ବା,ଗୁଞ୍ଜିଗାଁ,ବ ରୁଗୁଡ଼ି ସାହି , ପାଙ୍ଗାନାଜୁ , ଗ୍ରାମବାସୀ ଦାବି। ଏହି କ୍ଷେତ୍ରରେ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଛକ ଠାରୁ ଗାଁ ଭିତରକୁ ଯାଇଥିବା ରାସ୍ତା ସାଜିଛି ମରଣଯନ୍ତା ଖାଲଖମା ହେଇ ଏତେ କଦର୍ଯ୍ୟ ହେଇଛି କହିବା ନ ଭଲୟ ଗାଁକୁ ଯିବା ପାଇଁ ସ୍ଥାୟୀ ରାସ୍ତା ଟିଏ ନାହିଁ । ମଗଡ଼ିଙ୍ଗିଆ ଛକ ଠାରୁ ସାହି ରାସ୍ତା ଯିବାକୁ ହେଲେ ଗଣ୍ଡା ଗଣ୍ଡା ପର୍ବତ ପାହାଡ଼ ଦେଇ ବଲମରପଦା ପର୍ଯ୍ୟନ୍ତ ମାତ୍ର ତିନି କିମ୍ବା ଚ୍ଚରି କିଲୋମିଟର ରାସ୍ତା ସାଜିଛି ମରଣଯନ୍ତା । ଅଞ୍ଚଳ ବାସୀ ଯିବାକୁ ହେଲେ ମାଟି ଖାଲଖମା ରାସ୍ତା ଦେଇ ଯିବାକୁ ପଡୁଥିବା ଗ୍ରାମ ବାସୀ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ଅଭିଯୋଗ କରିଥିବା ୧୨୦ ପରିବାର ରୁ ଉର୍ଦ୍ଧ ଥିବା ବେଳେ ଜନସଂଖ୍ୟା ୭୫୦ ରୁ ଉର୍ଦ୍ଧ ରହିଥିବା ଜଣାପଡିଛି। ଏହି ଗାଁ ସାହିକୁ ଯିବାକୁ ହେଲେ ପାଦରେ ଚ୍ଚଲିକି ଯିବାକୁ ପଡୁଥାଏ । ଖରା ଦିନେ ଯିବା କିଛି ମାତ୍ରା ଠିକ୍ ଥିବା ବେଳେ ବର୍ଷା ଦିନେ ଖାଲଖମା କାଦୁଆ ରାସ୍ତା ଦେଇ ଯାଉଥିବା ଅଭିଯୋଗ କରିଛନ୍ତି । ଅନ୍ୟ ପଟେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଥିଲ ମଧ କେହି ଏଥିପ୍ରତି ଗୁରୁ ଦେଉନାହାନ୍ତି ବୋଲି କହିଛନ୍ତି ଗ୍ରାମ ବାସୀ। ଏଣୁ ୪ ଖଣ୍ଡ ଗ୍ରାମ କ ନୂଆଗାଁ ପ୍ରଶାସନର ସାବତ ଗାଁ ବୋଲି ଜିଲ୍ଲା ମହଲରେ ଚର୍ଚ୍ଚାର ବିଷୟ ଆଲୋଚନା ହେଉଥିବା ବେଳେ ସରକାରୀ ଦରମା ଶ୍ରେଣୀ ଜିଲ୍ଲା ପାଳ ହେଉ କିମ୍ବା ବ୍ଲକ ବିଡ଼ିଓ ହେଉ ଏମାନଙ୍କର ଖାମଖିଆଲି ଅଖିଆଲି ଇଛା ଶକ୍ତି ମନୋଭାବ ଓ ଅପରାଗତା କୁ ଜିଲ୍ଲା ମହଲରେ ନିନ୍ଦା କରାଯାଇ ଏକ ପ୍ରଶ୍ନବାଚି ସୃଷ୍ଟି ହେଇଛି। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମଗଡ଼ିଙ୍ଗିଆ ଛକ ଠାରୁ ଗାଁ ଭିତରକୁ ଯାଇଥିବା ରାସ୍ତା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ ୱାର୍ଡ଼ମେମ୍ବର ଲିପା ମଲ୍ଲିକ କୃଷିକ ମଲ୍ଲିକ ରାଜକିଶୋର ମଲ୍ଲିକ, ବିଜୟ ପ୍ରଧାନ, ବିଶ୍ୱାମିତ୍ର ମଲ୍ଲିକ ଗାଁ ସାଥୀ ଲୋହିତ କୁମାର ମଲିକ,ଗୋବର୍ଦ୍ଧନ ପ୍ରଧାନ,ବିମଳ ବଗର୍ତ୍ତୀ ପ୍ରଧାନ ବଶିଷ୍ଠ ବିନ୍ଧାଣୀ, ଦିଲ୍ଲୀପ ଦିଗାଲ ଶ୍ରମିକ ବେହେରା ଗ୍ରାମ ବାସୀ ଦାବି କରିବା ସହିତ ଦାବି ପୂରଣ ନହେଲେ ଆଗାମୀ କିଛି ଦିନ ଭିତରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ୪ ଖଣ୍ଡ ଗ୍ରାମ ବାସୀ। ଏଣୁ କ ନୂଆଗାଁ ବ୍ଲକ ପ୍ରଶାସନ ଏହି ୪ ଖଣ୍ଡ ଗ୍ରାମ କୁ ରାସ୍ତା ନିର୍ମାଣ କାର୍ଯ୍ୟ କରିଦେବେ ବୋଲି ଆମେ ୪ ଖଣ୍ଡ ଗ୍ରାମ ବାସୀ ଆଶା ଓ ବିଶ୍ୱାସ ରଖିଛୁ ।

# ଭାରତର ପ୍ରଥମ ହାଇପରଲୁପ ଟ୍ରାକର ଟେଷ୍ଟ କଲା ଆଇଆଇଟି ମାଡ୍ରାସ

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ଟ୍ରେନ, ବସ କି ବିମାନରେ ଆଉ ଦୀର୍ଘ ସମୟର ଯାତ୍ରା କରିବାକୁ ପଡିବନାହିଁ । ପବନ ବେଗରେ ଯାତ୍ରା କରିବାର ସ୍ୱପ୍ନ ଖୁବ୍ ଶୀଘ୍ର ସତ ହେବାକୁ ଯାଉଛି । ଜରୁରିକାଳିନ ସମୟରେ ଆପଣଙ୍କୁ ଆଉ ଅଧିକା ଭାବିବାକୁ ପଡିବନାହିଁ । ମାତ୍ର କେଇ ମିନିଟରେ ଆପଣ ଆପଣଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବେ । ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ଘଟଣାଟି ସତୟ ବହୁ ଜଲଦି ଆମ ଭାରତରେ କିଛି ଏମିତି ବ୍ୟବସ୍ଥା ଆସିବାକୁ ଯାଉଛି । ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଚଳିବାକୁ ଥିବା ପରିକଳ୍ପିତ ପ୍ରୋଜେକ୍ଟ ହାଇପରଲୁପ ପାଇଁ ଟ୍ରାକ୍ ତିଆରି କରିଛି ଆଇଆଇଟି ମାଡ୍ରାସ୍ । ଏହି ହାଇପରଲୁପ ମଡେଲଟି ୪୨୨ ମିଟର ହୋଇଥିବା ବେଳେ ଏହାକୁ ରେଳ ମନ୍ତ୍ରଣାଳୟ ସହାୟତାରେ ବିକାଶ କରାଯାଇଛି । ଯାହା ଭାରତ ଲୋକଙ୍କୁ ବହୁ ଜଲଦି ହାଇ-ସ୍ପିଡ ଗମନାଗମନର ସୁବିଧା ଯୋଗାଇ ଦେବ ବୋଲି ଲକ୍ଷ୍ୟ ରଖାଯାଇଛି । ଏହି ହାଇପରଲୁପ ସିଷ୍ଟମରେ ଏକ ଟ୍ୟୁବ ମାଧ୍ୟମରେ ଲୋ-ପ୍ରେସର ସୃଷ୍ଟି କରି ଯାତ୍ରୀ ମାନଙ୍କୁ ନେଇ ଏକ ଯାନ ୧୦୦୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଯାତ୍ରା କରିପାରିବ । ଯାହାଫଳରେ ଦିଲ୍ଲୀରୁ ଜୟପୁରକୁ ଯାଇ ପହଞ୍ଚିବାକୁ ମାତ୍ର ୩୦ ମିନିଟର ସମୟ ଲାଗିବ । ଏହି ପ୍ରୋଜେକ୍ଟରେ କେବଳ ଯେ ଆଇଆଇଟି ମାଡ୍ରାସ ଓ ରେଳ ମନ୍ତ୍ରଣାଳୟର ହାତ ରହିଛି ତାହା ନୁହେଁ । ଭାରତର ବିଶିଷ୍ଟ ଶିଳ୍ପଦ୍ୟୋଗି ସଂସ୍ଥା ଗୁଡିକ ମଧ ଏଥି ନିମନ୍ତେ ବହୁ ସହାୟତା ପ୍ରଦାନ କରିଛନ୍ତି । ଲାର୍ସେନ ଆଣ୍ଡ ଟୋଉବ୍ରୋ(ଏଲ୍ ଆଣ୍ଡ ଟି) କନଷ୍ଟ୍ରକସନ, ଆର୍ସେଲରମିତ୍ତଲ ଓ ହିଣ୍ଡାଲକୋ ଭଳି ସସ୍ଥା ଏହି ପ୍ରକଳ୍ପରେ ଅନେକ ସହାୟତା ପ୍ରଦାନ କରିଛନ୍ତି । ଖାସକରି ଏହି ଟ୍ରାକର ନିର୍ମାଣ ଓ ବିକାଶ କରିବା ଦିଗରେ ଏହି ସଂସ୍ଥା ଗୁଡିକର ହାତ ରହିଛି । ଏହି ହାଇପରଲୁପ ବୈଷୟିକ କୈଶଳ ଅତ୍ୟନ୍ତ ପ୍ରଭାବଶାଳିୟ ଏହି ଜ୍ଞାନ କୌଶଳରେ ଚେନ୍ନାଇରୁ ବେଙ୍ଗାଲୁରୁ ଯାଏଁ ପ୍ରାୟ ୩୫୦ କିଲୋମିଟରର ରାସ୍ତାକୁ ମାତ୍ର ୧୫ ମିନିଟ ମଧରେ ସଂପୂର୍ଣ୍ଣ କରାଯାଇ ପାରିବ । ଯାହା ଭରତର ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଏହି ସଫଳତା ଯେ କେବଳ ଭାରତ ପାଇଁ ସୀମିତ ତାହା ନୁହେଁ । ଏହା ଦ୍ୱାରା ସମଗ୍ର ବିଶ୍ୱରେ ଗମନାଗମନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ । ଯାହା ଲୋକ ମାନଙ୍କ ପାଇଁ ଏକ ଦକ୍ଷ, ବେଗଯୁକ୍ତ ଓ ସ୍ଥାୟୀ ଗମନାଗମନ କରିବାର ରାସ୍ତା ଖୋଲିଦେବ ।

## ୩ ଦିନ ପାଇଁ ଆପର ୨୧ ବିଧାୟକ ସସପେଣ୍ଡ୍

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନର ଦ୍ୱିତୀୟ ଦିନ ଅର୍ଥାତ ମଙ୍ଗଳବାର ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା । ଉପରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ଆମ ଆଦମୀ ପାର୍ଟି ବିଧାୟକ ମାନେ ଗୃହରେ ନାରାବାଜୀ ଦେଇଥିଲେ । ଏହା ପରେ ବାଚସ୍ପତି ବିଜେନ୍ଦ୍ର ଗୁପ୍ତା ଅମାନତୁଲ୍ଲା ଖାନଙ୍କୁ ଛାଡି ଆମ ଆଦମୀ ପାର୍ଟିର ସମସ୍ତ ବିଧାୟକଙ୍କୁ ନିଲମ୍ବିତ କରିଥିଲେ । ମଙ୍ଗଳବାର ଦିନ ଅମାନତୁଲ୍ଲା ଖାନ ଗୃହରେ ଉପସ୍ଥିତ ନଥିଲେ । କୁହାଯାଉଛି ଯେ, ତାଙ୍କ ଅସୁସ୍ଥତା ଯୋଗୁଁ ସେ ଆଜି ବିଧାନସଭାରେ ଉପସ୍ଥିତ ନଥିଲେ । ତେଣୁ ବାଚସ୍ପତି ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି । ଗୁରୁବାର ଦିନ ଦିଲ୍ଲୀ ବିଧାନସଭାର କାର୍ଯ୍ୟ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ, ଯେଉଁଥିରେ ଉଇଏ ରିପୋର୍ଟ ଉପରେ ଆଲୋଚନା ହେବ । ସୂଚନାଥାଉକି, ମଙ୍ଗଳବାର ଦିଲ୍ଲୀ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଥିଲା । ରିପୋର୍ଟ ଅନୁଯାୟୀ, ୨୦୨୧-୨୦୨୨ ର ଅବକାରୀ ନୀତି ଯୋଗୁଁ ଦିଲ୍ଲୀ ସରକାରଙ୍କୁ ୨୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡିଛି । ଏହାକୁ ନେଇ ବିଜେପି ବିଧାୟକ ମାନେ ଆମ ଆଦମୀ ପାର୍ଟି ଉପରେ ଆକ୍ରମଣ କରୁଛନ୍ତି । ଦିଲ୍ଲୀରେ ମଦ ନୀତି ଦୁର୍ନୀତି ଉପରେ ଉଇଏ ରିପୋର୍ଟ ପ୍ରକାଶ ପାଇବା ପରେ, ଦିଲ୍ଲୀ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଆଶିଷ ସୁଦ ଆମ ଆଦମୀ ପାର୍ଟି ସରକାରଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି ।

# ୧୪୪ ବର୍ଷ ପରେ ବାଲିରେ ହେବ ମହାକୁମ୍ଭ !

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ଆମେରିକା ଗସ୍ତରୁ ଫେରିଥିବା ଜଳବାୟୁ ଓ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଖୋଲା ଚିଠି ଲେଖି କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଭାରତ ଆଗେଇ ଆସିବା ଉଚିତ । ସେ କହିଛନ୍ତି ଯେ ଗଙ୍ଗା ନଦୀ ଶୁଖିଯିବାର ଆଶଙ୍କା ଥିବାରୁ ଆସନ୍ତା ମହାକୁମ୍ଭ ବୋଧହୁଏ ବାଲିରେ କରିବାକୁ ପଡ଼ିପାରେ । ହିମାଳୟର ସ୍ଥିତିର ଗମ୍ଭୀରତା ଉପରେ ଆଲୋକପାତ କରି ୱାଙ୍ଗଚୁକ୍ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଯଦି ଆମର ବାରମ୍ବାର ନଦୀର ଉତ୍ସ ପାଲଟିଥିବା ଏହି ଗ୍ଲେସିୟରଗୁଡ଼ିକର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ୧୪୪ ବର୍ଷ ପରେ ପରବର୍ତ୍ତୀ କୁମ୍ଭମେଳା ବାଲିରେ ଆୟୋଜନ କରିବାକୁ ପଡ଼ିପାରେ କାରଣ ନଦୀଗୁଡ଼ିକ ଶୁଖିଯିବାର ସମ୍ଭାବନା ରହିଛି । ୱାଙ୍ଗଚୁକ୍ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଯଦି ଆମର ବାରମ୍ବାର ନଦୀର ଉତ୍ସ ପାଲଟିଥିବା ଏହି ଗ୍ଲେସିୟରଗୁଡ଼ିକର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ୧୪୪ ବର୍ଷ ପରେ ପରବର୍ତ୍ତୀ କୁମ୍ଭମେଳା ବାଲିରେ ଆୟୋଜନ କରିବାକୁ ପଡ଼ିପାରେ କାରଣ ନଦୀଗୁଡ଼ିକ ଶୁଖିଯିବାର ସମ୍ଭାବନା ରହିଛି । ହିମାଳୟର ଗ୍ଲେସିୟରର ସଂରକ୍ଷଣ ପାଇଁ କାମ କରୁଥିବା ୱାଙ୍ଗଚୁକ୍ ଖାରଡୁଙ୍ଗଲାଠାରେ ଥିବା ଗ୍ଲେସିୟରରୁ ଏକ ବରଫ ଖଣ୍ଡକୁ ଲଦାଖରୁ ଦିଲ୍ଲୀ ଏବଂ ପରେ ଯୁକ୍ତରାଷ୍ଟ୍ର ଆମେରିକାକୁ ନେଇଥିଲେ । ଲଦାଖର ପ୍ରସିଦ୍ଧ ପଶ୍ମିନା ଉଲ୍ ରେ ଘୋଡ଼ାଯାଇଥିବା ଏକ ପାତ୍ରରେ ବରଫକୁ ଇନ୍ସୁଲେସନ୍ ପାଇଁ ରଖାଯାଇଥିଲା । ବରଫକୁ ଦିଲ୍ଲୀସ୍ଥିତ ଜାତିସଂଘ କାର୍ଯ୍ୟାଳୟକୁ ନିଆଯାଇଥିଲା । ଏହାପରେ ସେ ଯୁକ୍ତରାଷ୍ଟ୍ର ଆମେରିକା ଅଭିମୁଖେ ଯାତ୍ରା କରିଥିଲେ, ଯେଉଁଠାରେ ଜଳବାୟୁ କର୍ମୀଙ୍କ ସହ ଏହି ବରଫକୁ ହାର୍ଭାର୍ଡ କେନେଡି ସ୍କୁଲ, ଏମଆଇଟି, ବୋଷ୍ଟନ ଏବଂ ନ୍ୟୁୟର୍କରେ ଥିବା ଜାତିସଂଘ ମୁଖ୍ୟାଳୟକୁ ପଠାଯାଇଥିଲା । ଏହାପରେ ଫେବ୍ରୁଆରି ୨୧ ତାରିଖରେ ଏହାକୁ ହଡସନ ନଦୀ ଓ ଇଷ୍ଟ ରିଭରର ସଙ୍ଗମସ୍ଥଳରେ ବିସର୍ଜନ କରାଯାଇଥିଲା । ମାର୍ଚ୍ଚ ୨୧ ରେ ପାଳନ ହେବାକୁ ଥିବା ବିଶ୍ୱ ଗ୍ଲେସିୟର ଦିବସର ଏକ ମାସ ପୂର୍ବରୁ ଏହା କରାଯାଇଛି ।

# ଆଉ ୮୫୭ ପଏଣ୍ଟ ଖସିଲା ସେନ୍ସେକ୍ସ

**ମୁମ୍ବାଇ,୨୬।୨(ଏଜେନ୍ସି):** ଭାରତୀୟ ଷ୍ଟକ୍ ବଜାର ଏହାର ନିବେଶକମାନଙ୍କୁ ଝଟ୍କା ପରେ ଝଟ୍କା ଦେଇଚାଲିଛି । ଲଗାତାର ଭାବେ ତଳକୁ ଖସୁଥିବା ସେନ୍ସେକ୍ସ ସୋମବାର ଆଉ ୮୫୭ ପଏଣ୍ଟ ହରାଇଛି । ଫଳରେ ଏହା ୭୫ ହଜାର ପଏଣ୍ଟ ତଳକୁ ଖସିଆସିଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୮୫୭ ପଏଣ୍ଟ ହ୍ରାସ ପାଇ ୭୪,୪୫୪ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୪୨ ପଏଣ୍ଟ ହ୍ରାସ ପାଇ ୨୨,୫୫୩ ପଏଣ୍ଟରେ ବନ୍ଦ ହୋଇଛି । ସେନ୍ସେକ୍ସ ଆଠ ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି । ନିଫ୍ଟି ଏହାର ସବୁଠୁ ଲମ୍ବା ହ୍ରାସର ପୁରୁଣା ରେକର୍ଡ ଭାଙ୍ଗିବାକୁ ଯାଉଛି ଯାହା ଶେଷ ଥର ପାଇଁ ୧୯୯୬ରେ ଦେଖିବାକୁ ମିଳିଥିଲା । ସୋମବାର



ସେନ୍ସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନଙ୍କ ୪.୨୨ ଲକ୍ଷ କୋଟି ଟଙ୍କା ବୁଡିଛି । ସୋମବାର ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଡକ୍ଟର ରେଡ୍ଡିସ୍, ଆଇସର୍ ମୋଟର୍ସ, ହିରୋ ମୋଟୋକର୍ପ ଓ କୋଟକ୍ ମହିନ୍ଦ୍ରା ବ୍ୟାଙ୍କର ସେୟାର ମୂଲ୍ୟ ବଢିଛି । ସେହି ସମୟରେ ଏଚ୍ସିଏଲ୍ ଟେକ୍ନୋଲୋଜିସ୍, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍, ଇନ୍ଫୋସିସ୍ ଓ ଓଏନ୍ଜିସି ସେୟାର ମୂଲ୍ୟ ହ୍ରାସ ପାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଉଥିବା ଶୁଳ୍କ ଧମକ, ଆମେରିକା ଅର୍ଥନୀତିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନିରୁତ୍ସାହଜନକ ରହିବା ଏବଂ ବୈଦେଶିକ ପୋର୍ଟଫୋଲିଓ ନିବେଶକ (ଏଫ୍ପିଆଇ)ମାନେ ଲକ୍ଷେ କୋଟି ଟଙ୍କାରୁ ଅଧିକ ପାଣ୍ଠି ପ୍ରତ୍ୟାହାର କରିବା କାରଣରୁ ଷ୍ଟକ୍ ବଜାର ଉପରେ ଚାପ ରହିଛି । ଅନ୍ୟ ପକ୍ଷରେ ବିଦେଶୀ ନିବେଶକମାନେ ଭାରତ ସେୟାର ବିକ୍ରି କରି ଚୀନର ସେୟାର କିଣିବା ଆଭିମୁଖ୍ୟକୁ ଗ୍ରହଣ କରିବା ମଧ ଷ୍ଟକ୍ ବଜାର କାରବାର ଅସ୍ଥିର ରହିବାର ଅନ୍ୟତମ କାରଣ କୁହାଯାଉଛି ।

## ଦିଲ୍ଲୀ ପରେ ବିଜେପିର ବିହାର ଦଖଲ ଯୋଜନା

# ନିର୍ବାଚନ ଆଗରୁ ନଡ୍ଡା-ନୀତିଶ ଭେଟଘାଟ

**ପାଟନା,୨୬।୨(ଏଜେନ୍ସି):** ବିହାର ନିର୍ବାଚନକୁ ନେଇ ଜୋରଦାର ଚର୍ଚ୍ଚା । ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହୋଇନି କି ଏନେଇ କୌଣସି ଦଳ ପକ୍ଷରୁ ପ୍ରଚାର ବି ଆରମ୍ଭ ହୋଇନି । ହେଲେ ଏବେଠୁ ସରଗରମ ହେଲାଣି ରାଜନୀତି । ଗତ ୨ ମାସ ହେଲାଣି ଚର୍ଚ୍ଚା ହେଉଛି କି, ନୀତୀଶ କୁମାର ଏନଡିଏ ମେଣ୍ଟ ଛାଡ଼ି ଇଣ୍ଡି ମେଣ୍ଟରେ ଯୋଗ ଦେବେ । ବିଧାନସଭା ନିର୍ବାଚନ ଲଢିବେ । ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଥିଲା ଯେତେବେଳେ ଦିଲ୍ଲୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ସମୟରେ ନୀତିଶ ଦିଲ୍ଲୀ ଯାଇଥିଲେ ହେଲେ ବିଜେପି ନେତାଙ୍କ ସହ ଆଦୌ କଥା ହୋଇନଥିଲେ କିନ୍ତୁ କଂଗ୍ରେସ ନେତାଙ୍କ ସହ ଆଲୋଚନା କରିଥିଲେ । ଏହାରି ଭିତରେ ଗୃହମନ୍ତ୍ରୀ ଅମିତ୍ ଶାହ ବିହାର ଗସ୍ତରେ ଯାଇଥିଲେ। ଏବେ କିନ୍ତୁ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କୁ ନୀତିଶ ଭେଟିବା ପରେ ଚର୍ଚ୍ଚା ଜୋର ଧରିଛି । ନିର୍ବାଚନ ଯେତିକି ଯେତିକି ପାଖେଇ ଆସୁଛି, ବିହାର ରାଜନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି ।



ଗତକାଲି ଖୋଦ ପିଏମ ମଧ ବିହାର ଗସ୍ତରେ ଯାଇ ସେଠାରୁ ପୁରା ଦେଶକୁ ପିଏମ କିଷାନର ୧୯ ତମ କିସ୍ତି ପଠାଇଥିଲେ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା କି ମୋଦୀଙ୍କ ଫୋକସରେ ବିହାର । ଆଉ ଆଜି ପୁଣି ଥରେ କେନ୍ଦ୍ରମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ବିହାର ଗସ୍ତରେ ଅଛନ୍ତି । ଗସ୍ତ ସମୟରେ ନେତା ଓ କର୍ମୀଙ୍କୁ ଭେଟିଛନ୍ତି । ଖାଲି ଏତିକି ନୁହେଁ ବରଂ କେମିତି ଆଗାମୀ ଦିନରେ ବିହାରରେ ବିଜେପି କ୍ଷମତାକୁ ଆସିବେ ସେନେଇ ପ୍ଲାନ ବି କରିଥିବା କୁହାଯାଉଛି । ନଡ୍ଡାଙ୍କ ବିହାର ଗସ୍ତ ସମୟରେ ହଠାତ୍ ତାଙ୍କୁ ଭେଟିବାକୁ ପହଞ୍ଚିଥିଲେ ନୀତିଶ କୁମାର । କେବଳ ନୀତୀଶ କୁମାର ନୁହେଁ ବରଂ ତାଙ୍କ ସହ ମନ୍ତ୍ରୀମାନେ ମଧ ନଡ୍ଡାଙ୍କ ସହ ସାକ୍ଷାତ କରିଛନ୍ତି । ବନ୍ଦ ଘରେ ହୋଇଥିବା ବୈଠକରେ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଛି । ଆଉ ଏହି ଆଲୋଚନା ବଡ଼ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । କାରଣ ନିର୍ବାଚନକୁ ହାତରେ କମ୍ ସମୟ ଥିବା ବେଳେ ମୋଦୀ ଓ ନଡ୍ଡା ନୀତିଶଙ୍କୁ କି ପ୍ରକାର ରାଜନୈତିକ ଟ୍ୟୁସନ କଲେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ବୈଠକରେ ଗୋଟିଏ ସୋଫା ଉପରେ ଦୁଇ ନେତା ଏକା ସାଙ୍ଗରେ ବସିଥିଲେ । ତେଣୁ କୁହାଯାଇପାରେ ଉଭୟ ଏହା ବାର୍ତ୍ତା ଦେବାକୁ ଚାହୁଁଥିଲେ କି, ଆମ ଭିତରେ ସବୁକିଛି ଠିକ୍ଠାକ୍ ଚାଲିଛି ।

## ଦିଲ୍ଲୀ ଶିଖ୍ ଦଙ୍ଗା ମାମଲା, ସଜ୍ଜନ କୁମାରଙ୍କୁ ଆଜୀବନ କାରାଦଣ୍ଡ

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କୁ ମିଳିଲା ଆଜୀବନ କାରାଦଣ୍ଡ । ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଏଭଳି ଦଣ୍ଡାଦେଶ ଶୁଣାଇଛନ୍ତି ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ । ଫେବୃଆରୀ ୧୨ ତାରଖରେ ସଜ୍ଜନ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ଆଜି ଦଣ୍ଡାଦେଶ ହୋଇଛି ।୧୯୮୪



ଶିଖ ବିରୋଧୀ ଦଙ୍ଗା ସହିତ ଜଡିତ ସରସ୍ୱତୀ ବିହାର ମାମଲାରେ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ନଭେମ୍ବର ୧ ତାରିଖ ୧୯୮୪ ମସିହାରେ ପଶ୍ଚିମ ଦିଲ୍ଲୀର ରାଜନଗର ଅଞ୍ଚଳରେ ପିତା-ପୁତ୍ର ଯୋଡି, ସର୍ଦ୍ଦାର ଜସୱନ୍ତ ସିଂହ ଏବଂ ସର୍ଦ୍ଦାର ତରୁଣଦୀପ ସିଂହଙ୍କୁ ହତ୍ୟା କରାଯାଇଥିଲା । ଅପରାହ୍ନ ପ୍ରାୟ ୪ଟାରୁ ୪ଟା ୩୦ ମଧରେ, ଦଙ୍ଗାକାରୀଙ୍କ ଏକ ଦଳ ଲୁହା ରଡ୍ ଏବଂ ବାଡ଼ି ସାହାଯ୍ୟରେ ପୀଡିତଙ୍କ ଘର ଉପରେ ଆକ୍ରମଣ କରିଥିଲେ । ଅଭିଯୋଗକାରୀଙ୍କ ଅନୁଯାୟୀ, ଏହି ଭିଡ଼ର ନେତୃତ୍ୱ ନେଇଥିଲେ ତତ୍କାଳୀନ କଂଗ୍ରେସ ସାଂସଦ ସଜ୍ଜନ କୁମାର, ଯିଏ ସେତେବେଳେ ବାହାରୀ ଦିଲ୍ଲୀ ଲୋକସଭା ଆସନରୁ ପ୍ରତିନିଧିତ୍ୱ କରୁଥିଲେ। ଅଭିଯୋଗ ହୋଇଛି ଯେ, ସଜ୍ଜନ କୁମାର ଆକ୍ରମଣ ପାଇଁ ଭିଡ଼କୁ ଉସୁକାଇଥିଲେ, ଯାହା ପରେ ଉଭୟ ଶିଖଙ୍କୁ ସେମାନଙ୍କ ଘରେ ଜୀବନ୍ତ ଜାଳି ଦିଆଯାଇଥିଲା। କେବଳ ଏତିକି ନୁହେଁ, ଉତ୍ତ୍ୟକ୍ତ ଲୋକେ ଘର ଭଙ୍ଗାରୁଜା, ଲୁଟପାଟ ଏବଂ ନିଆଁ ଲଗାଇ ଦେଇଥିଲେ ।

# ଆପ୍ ବିଧାୟକ ଅମାନତୁଲ୍ଲା ଖାନଙ୍କୁ ବଡ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ଆମ୍ ଆଦମୀ ପାର୍ଟି ବିଧାୟକ ଅମାନତୁଲ୍ଲା ଖାନଙ୍କୁ ଏକ ବଡ ଆଶ୍ୱସ୍ତି ମିଳିଛି । ଜାମିଆ ନଗରରେ ପୋଲିସ ଟିମ୍ ଉପରେ ଆକ୍ରମଣ ଅଭିଯୋଗରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆର ମାମଲାରେ ତାଙ୍କୁ ଆଶ୍ୱସ୍ତି ମିଳିଛି । ରାଉଜ୍ ଆଭେନ୍ୟୁ କୋର୍ଟରୁ ଆଗୁଆ ଜାମିନ ମଞ୍ଜୁର ହୋଇଛି । ରାଉଜ୍ ଆଭେନ୍ୟୁ କୋର୍ଟ ୨୫,୦୦୦ ଟଙ୍କାର ବ୍ୟକ୍ତିଗତ ବଣ୍ଡରେ ଅମାନତୁଲ୍ଲା ଖାନଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଏହି ମାମଲାରେ, କୋର୍ଟ ଦିଲ୍ଲୀ ପୋଲିସର ତଦନ୍ତରେ ସହଯୋଗ କରିବାକୁ ଅମାନତୁଲ୍ଲା ଖାନଙ୍କୁ କହିଛନ୍ତି । କୋର୍ଟ କହିଛନ୍ତି ଯେ, ଯେତେବେଳେ ମାମଲା ସହିତ ଜଡିତ ତଦନ୍ତକାରୀ ଅଧିକାରୀ ତାଙ୍କୁ ତଦନ୍ତ ପାଇଁ ଡାକିବେ, ତାଙ୍କୁ ଯିବାକୁ ପଡିବ । ଏହା ସହିତ, କୋର୍ଟର ଅନୁମତି ବିନା ଅମାନତୁଲ୍ଲା ଖାନ ଦେଶ ଛାଡିବେ ନାହିଁ । ହେଲେ ଦିଲ୍ଲୀ ପୋଲିସ ଅମାନତୁଲ୍ଲା ଖାନଙ୍କ ଆଗୁଆ ଜାମିନକୁ ବିରୋଧ କରିଥିଲା । ପୂର୍ବରୁ, କୋର୍ଟ ଅମାନତୁଲ୍ଲା ଖାନଙ୍କୁ ଫେବୃଆରୀ ୨୫ ପର୍ଯ୍ୟନ୍ତ ଗିରଫଦାରୀରୁ ଅସ୍ଥାୟୀ ଆଶ୍ୱସ୍ତି ଦେଇଥିଲେ । ପୋଲିସ କହିଛି ଯେ ବିଧାୟକଙ୍କ ସମ୍ପୃକ୍ତି ଆଇନ ଶୃଙ୍ଖଳା ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନରେ ବାଧା ସୃଷ୍ଟି କରିଥିଲା । ପ୍ରକୃତରେ, ଅମାନତୁଲ୍ଲା ଖାନଙ୍କ ବିରୁଦ୍ଧରେ ଜାମିଆ ନଗରରେ ପୋଲିସ ଟିମ୍ ଉପରେ ଆକ୍ରମଣର ନେତୃତ୍ୱ ନେବା ଏବଂ ଜଣେ ଅଭିଯୁକ୍ତଙ୍କୁ ହାଜତରୁ ଖସିଯିବାରେ ସାହାଯ୍ୟ କରିବାର ଅଭିଯୋଗ ଅଛି । ଫେବୃଆରୀ ୧୦ ତାରିଖରେ ଘଟିଥିବା ଏହି ଘଟଣା ସମ୍ପର୍କରେ ଦିଲ୍ଲୀ ପୋଲିସ ଓଖଲା ବିଧାୟକ ଅମାନତୁଲ୍ଲା ଖାନଙ୍କ ବିରୋଧରେ ଏଫଆଇଆର ରୁଜୁ କରିଥିଲା । ପୋଲିସ ଅଭିଯୋଗ କରିଛି ଯେ ସେ ହତ୍ୟା ଉଦ୍ୟମ ଅଭିଯୁକ୍ତ ଶାହବାଜ ଖାନଙ୍କୁ ହାଜତରୁ ମୁକ୍ତ କରିବାରେ ଭିଡ଼ର ନେତୃତ୍ୱ ନେଇଥିଲେ ସେ ।

## ଭାରତର ୪ଟି କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଲା ଆମେରିକା

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ଇରାନ ସହ ଅଶୋଧିତ ତୈଳ ଓ ପେଟ୍ରୋଲିୟମ ଉତ୍ପାଦ ଗୁଡ଼ିକର ଡିଲ୍ କରିବା ନେଇ ଆମେରିକା, ଭାରତର ୪ଟି କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଛି । ଇରାନ ବିରୋଧରେ ଚାପ ବଢାଇବାକୁ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ନୀତି ଅନୁସାରେ , ଏହି ନିଷ୍ପତ୍ତି ନିଆଯାଇଛି । ଆଫରେନ୍ ଆସେଟ୍ସ କଣ୍ଟ୍ରୋଲ ଡିପାର୍ଟମେଣ୍ଟ ଏହି ନିଷ୍ପତ୍ତି ନେଇଛି । ଏହି ଅନୁସାରେ ଆମେରିକୀୟ ବିଦେଶ ମନ୍ତ୍ରଣାଳୟ ଅନେକ ଦେଶର ୩୦ଜଣ ଲୋକ ଓ ୪ ଭାରତୀୟ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଛି । ଆମେରିକୀୟ ବିଦେଶ ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁସାରେ , ଯେଉଁ ୪ଜଣ ଭାରତୀୟ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଯାଇଛି, ଏଥିରୁ ଗୋଟିଏ ନଭି ମୁମ୍ବାଇ ସ୍ଥିତ ଫ୍ଲକ୍ସ ମେରିଟାଇମ୍ ଏଲଏଲପି । ଏହା ବ୍ୟତୀତ ଏନସିଆରରୁ ଚାଲୁଥିବା ବିଏସଏମ ମେରିନ ଓ ଅଷ୍ଟିନସିପ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ସାମିଲ ଅଛି । ତଞ୍ଜାବୁର ସ୍ଥିତ କସମୋସ୍ ଲାଇନ୍ସରେ ମଧ ଆମେରିକା ରୋକ୍ ଲଗାଇ ଦେଇଛି । ପ୍ରଥମ ୩ଟି କମ୍ପାନୀ ଉପରେ ଇରାନର ତୈଳକୁ ବହନ କରୁଥିବା ଜାହାଜର ପ୍ରବନ୍ଧନ ସମ୍ଭାଳିବା ପାଇଁ ପ୍ରତିବନ୍ଧିତ କରାଯାଇଛି । ଏହା ବ୍ୟତୀତ କାସମୋସ୍ ଲାଇନ୍ସକୁ ଇରାନୀ ତୈଳର ଟ୍ରାନ୍ସପୋର୍ଟରେ ସାମିଲ ହେବାରେ ପ୍ରତିବନ୍ଧିତ କରାଯାଇଛି । ଆମେରିକା ପକ୍ଷରୁ ୟୁଏଇ, ହଂକଂର ଅଏଲ ବ୍ରୋକର୍ସ ଉପରେ ମଧ ପ୍ରତିବନ୍ଧକ ଲଗାଯାଇଛି । ଏହା ବ୍ୟତୀତ ଭାରତ ଓ



ଚୀନର ଟ୍ୟାଙ୍କର ଅପରେଟରଙ୍କ ଉପରେ ମଧ ଆମେରିକା ରୋକ୍ ଲଗାଇଛି । ଆମେରିକୀୟ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ବୟାନରେ କୁହାଯାଇଛି ଯେ, ଇରାନକୁ ତୈଳରୁ ହେଉଥିବା ଆୟର ବ୍ୟବହାର ଉଗ୍ରବାଦୀ କାର୍ଯ୍ୟକଳାପରେ ହୋଇ ଥାଏ । ଏଥିପାଇଁ ଏହା ଉପରେ ଆକ୍ସନ ନେବା ଜରୁରୀ । ଯେଉଁ ଜାହାଜ ଓ ଏହାସହ ଜଡ଼ିତ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗା ଯାଇଛି, ତାଙ୍କ ଦ୍ୱାରା ଅନେକ ମିଲିୟନ ବ୍ୟାରେଲ୍ ଇରାନୀ ତୈଳର ଟ୍ରାନ୍ସପୋର୍ଟେସନ କରାଯାଇ ଥିଲା । ଆମେରିକା ଇରାନ ଉପରେ ମଧ ଅଭିଯୋଗର ଲାଇନ୍ ଲଗେଇଛି। ଆମେରିକା କହିଛି ଯେ, ଇରାନକୁ ଯେଉଁ ଆୟ ହୋଇଥାଏ । ଏହାର ବ୍ୟବହାର ସେ ବୈଶ୍ୱିକ ସୁରକ୍ଷାକୁ ବିପଦରେ ପକାଇବା ପାଇଁ କରାଯାଇଛି । ସେ ଏହି ଆୟରୁ ପରମାଣୁ ବିପଦ ସୃଷ୍ଟି କରିଛି । ଏହା ବ୍ୟତୀତ ବାଲିଷ୍ଟିକ୍ ମିସାଇଲ ପ୍ରୋଗ୍ରାମ ମଧ ଆଗକୁ ବଢାଇଛି । ଖାଲି ଏତିକି ନୁହେଁ, ଇରାନ ଆତଙ୍କୀ ଗ୍ରୁପକୁ ମଧ ମଜବୁତ କରିଛି । ଆମେରିକା କହିଛି କି ଆମେ ସେହି ସଂସ୍ଥା ଗୁଡ଼ିକ ଉପରେ ପ୍ରତିବନ୍ଧର ଲଗାଇଛୁ, ଯିଏକି ଇରାନର ତୈଳର ଟ୍ରାନ୍ସପୋର୍ଟେସନ କରିଥିଲା । ଆମେରିକୀୟ ସରକାର ଅନୁସାରେ , ଏସିଆନ୍ ବଜାରରେ ଇରାନର ତୈଳ ବିକ୍ରି ହେଉଛି । କହି ରଖୁଛୁ କି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଇରାନ ଉପରେ ଖୁବ୍ କଠୋରତା ବଢାଇ ଦେଇଛି । ଟ୍ରମ୍ପ ପ୍ରଶାସନର କହିବାନୁସାରେ , ଇରାନର ଆର୍ଥିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବାର ଆବଶ୍ୟକ ରହିଛି , ଯାହାକି ସେ ପାଣ୍ଠି ସଂଗ୍ରହ କରି ଆତଙ୍କବାଦ ଉପରେ ଯେମିତି ଖର୍ଚ୍ଚ କରିପାରିବ ନାହିଁ ।

## କଙ୍ଗୋରେ ଅଜଣା ରୋଗର ଆତଙ୍କ

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** କଙ୍ଗୋର ଉତ୍ତର-ପଶ୍ଚିମ ଅଞ୍ଚଳରେ ଏକ ଅଜଣା ରୋଗର ଆତଙ୍କ । ଏପର୍ଯ୍ୟନ୍ତ ଏହି ରୋଗରେ ୫୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇସାରିଲାଣି । ସେଠାରେ ଉପସ୍ଥିତ ଡାକ୍ତର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅଧିକାରୀ ମାନେ ଏ ବିଷୟରେ ସୂଚନା ଦେଇଛନ୍ତି । ବିକୋରୋ ହସ୍ପିଟାଲର ଚିକିତ୍ସା ନିର୍ଦ୍ଦେଶକ ଏବଂ ଆଞ୍ଚଳିକ ନିରୀକ୍ଷଣ କେନ୍ଦ୍ରର ମୁଖ୍ୟ ସର୍ଜନ ନଗାଲେବେଟୋ କହିଛନ୍ତି ଯେ, ଅଧିକାଂଶ ମାମଲାରେ ଲକ୍ଷଣ ଦେଖାଯିବା ଏବଂ ମୃତ୍ୟୁ ମଧରେ ବ୍ୟବଧାନ ମାତ୍ର ୪୮ ଘଣ୍ଟା, ଯାହା ବାସ୍ତବରେ ଚିନ୍ତାଜନକ । ଏହି ପ୍ରକୋପ ଜାନୁଆରୀ ୨୧ ତାରିଖରେ ଆରମ୍ଭ ହୋଇଥିଲା ଏବଂ ଏପର୍ଯ୍ୟନ୍ତ ୪୧୯ ଟି ମାମଲା ରିପୋର୍ଟ ହୋଇଛି, ଯେଉଁଥିରୁ ୫୩ ଜଣଙ୍କର ମୃତ୍ୟୁ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଫ୍ରିକା କାର୍ଯ୍ୟାଳୟ ଅନୁଯାୟୀ, ବୋଲୋକୋ ସହରରେ ଏହି ରୋଗର ପ୍ରଥମ ପ୍ରକୋପ ଆରମ୍ଭ ହୋଇଥିଲା, ଯେତେବେଳେ ତିନି ଜଣ ପିଲା ବାଦୁଡ଼ି ମାଂସ ଖାଇଥିଲେ । ଆଉ ରକ୍ତସ୍ରାବ ଜ୍ୱରର ଲକ୍ଷଣ ଦେଖାଦେବାର ୪୮ ଘଣ୍ଟା ମଧରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ତେବେ ଯେଉଁ ସ୍ଥାନରେ ବନ୍ୟ ପ୍ରାଣୀମାନଙ୍କୁ ଖାଇବାକୁ ଦିଆଯାଏ, ସେଠାରେ ପଶୁଙ୍କଠାରୁ ମଣିଷକୁ ରୋଗ ବ୍ୟାପିପାରେ ବୋଲି ବହୁ ଦିନ ଧରି ଚିନ୍ତା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୨୨ ମସିହାରେ କହିଥିଲା ଯେ ଗତ ଦଶନ୍ଧି ମଧରେ ଆଫ୍ରିକାରେ ଏପରି ପ୍ରକୋପ ସଂଖ୍ୟା ୬୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ ଫେବୃଆରୀ ୯ ତାରିଖରେ ବୋମେଟ ସହରରେ ଏହି ରହସ୍ୟମୟ ରୋଗର ଦ୍ୱିତୀୟ ପ୍ରକୋପ ଆରମ୍ଭ ହେବା ପରେ, ୧୩ ଟି ମାମଲାରୁ ନମୁନା ପରୀକ୍ଷା ପାଇଁ କଙ୍ଗୋର ରାଜଧାନୀ କିନଶାସାରେ ଥିବା ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର୍ ବାୟୋମେଡିକାଲ୍ ରିସର୍ଚ୍ଚକୁ ପଠାଯାଇଥିଲା । ଇବୋଲା କିମ୍ବା ମାରବର୍ଗ ଭଳି ଅନ୍ୟାନ୍ୟ ସାଧାରଣ ରକ୍ତସ୍ରାବୀ ଜ୍ୱର ରୋଗ ପାଇଁ ନମୁନା ପରୀକ୍ଷଣରେ ନେଗେଟିଭ୍ ଆସିଛି ।

# ‘ବ୍ରହ୍ମପୁର ରେଳ ଷ୍ଟେସନ ହେବ ବିଶ୍ୱସ୍ତରୀୟ’

**ବ୍ରହ୍ମପୁର,(ନିପ୍ର):** ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳବାଇ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ମାନ୍ୟବର ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତାରାୟ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସହିତ ଦକ୍ଷିଣ ଓଡ଼ିଶା ରେଳପଥ ମିଳିତ ଉନ୍ନୟନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନଙ୍କ ସହ ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବହୁପ୍ରତିକ୍ଷିତ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଗଞ୍ଜାମ ଓ ଦକ୍ଷିଣ ଓଡ଼ିଶାର ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥକୁ ନେଇ ବହୁ ଦିନ ଧରି ଦାବି ହୋଇ ଆସୁଥିବା ଯଥା ବ୍ରହ୍ମପୁରକୁ ବିଶ୍ୱ ସ୍ତରୀୟ ଷ୍ଟେସନ୍ କରିବା, ୫ ଓ ୬ ନମ୍ବର ପ୍ଲାଟଫର୍ମ ନିର୍ମାଣ, ବ୍ରହ୍ମପୁରରେ କୋଚିଂ



ଡିପୋ ପ୍ରତିଷ୍ଠା ଓ ଏହାକୁ ବିଶ୍ୱସ୍ତରୀୟ ଷ୍ଟେସନ୍ ଯୋଜନାରେ ସାମିଲ କରିବା, ଅଟକି ରହିଥିବା ବିଭିନ୍ନ ରେଳ ଫ୍ଲାଏ ଓଭର୍ (ଜଗନ୍ନାଥପୁର, ଆମ୍ବପୁଆ ଓ ସୋରଳ) ଓ ଦୈନିକ ଯାଉଥିବା କର୍ମଚାରୀ ଓ ସଧାରଣ ଜନତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓ ଗମନାଗମନକୁ ସୁଗମ କରିବା ପାଇଁ ବ୍ରହ୍ମପୁରରୁ ଭୁବନେଶ୍ୱର, ବିଶାଖାପାଟଣା ଓ ପୁରୀ କୁ ନିୟମିତ ରେଳର ବ୍ୟବସ୍ଥା ଓ ଏହି ରେଳରେ ଏସି ଚେୟାର କାର୍‌ର ବ୍ୟବସ୍ଥା, ବ୍ରହ୍ମପୁରରୁ ନୂଆଁଦିଲ୍ଲୀ, ମୁମ୍ବାଇ ଓ ସୁରତକୁ ଦ୍ରୁତଗାମୀ ଦୈନିକ ଟ୍ରେନର ବ୍ୟବସ୍ଥା, ବ୍ରହ୍ମପୁର ଷ୍ଟେସନରେ ସବୁ ଦ୍ରୁତଗାମୀ ଟ୍ରେନର ରହଣି ବ୍ୟବସ୍ଥା, ଭୁବନେଶ୍ୱରରୁ ବ୍ରହ୍ମପୁରକୁ ଦ୍ରୁତଗାମୀ ଟ୍ରେନ ଗୁଡ଼ିକର ସମ୍ପ୍ରସାରଣ, ଓ ଭୁବନେଶ୍ୱର ରୁ ବ୍ରହ୍ମପୁର ଦିଗରେ ଯାଉଥିବା ସମସ୍ତ ଦ୍ରୁତଗାମୀ ଟ୍ରେନରେ ସ୍ଲିପର ଟିକେଟର ପୁନଃ ପ୍ରଚଳନ କରିବା ପାଇଁ ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଦକ୍ଷିଣ ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବ୍ରହ୍ମପୁର - ସମ୍ବଲପୁର ଭାୟା ଫୁଲବାଣୀ, ଗୋପାଳପୁରରୁ ରାୟଗଡ଼ା ଓ ଗୋପାଳପୁରରୁ ତାଳଚେର ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ରେଳବାଇ ମହାପ୍ରବନ୍ଧକ କହିଥିଲେ ଓ ବିଧାୟକ ମାନେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂପ୍ରତି ବିଧାୟକ ମାନଙ୍କ ମିଳିତ ପ୍ରୟାସକୁ ସର୍ବସମ୍ମତି କ୍ରମେ ଦକ୍ଷିଣ ଓଡ଼ିଶା ରେଳପଥ ମିଳିତ ଉନ୍ନୟନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନଙ୍କ ତରଫରୁ ଭୂୟସୀ ପ୍ରଶଂସା କରାଯାଇଛି।

## ଜାତିର ଉତଥାନ ପାଇଁ ମାତୃଭାଷା ଏକ ଶକ୍ତିଶାଳୀ ଅସ୍ତ୍ର



**କଣ୍ଟାବାଞ୍ଜି,(ନିପ୍ର):** କେ ଭି ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ ସଞ୍ଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଭାଗୀୟ ଆଧାପକ ପ୍ରଦ୍ୟୁମ୍ନ ବାଗ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗର ସମସ୍ତ ଛାତ୍ର ଛାତ୍ରୀ ଏଥିରେ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ମାତୃଭାଷା ଏକ ଜାତିର ଉତଥାନ ପାଇଁ ଏକ ଶକ୍ତିଶାଳୀ ଓ ମହାନ ଅସ୍ତ୍ର ବୋଲି ମତ ପ୍ରକାଶ ପାଇଥିଲା। ଭାଷା, ଭାବ, ସଂସ୍କୃତି ଓ ପରମ୍ପରାକୁ ନେଇ ପ୍ରତିପାଳିତ ହୁଏ ବୋଲି ଛାତ୍ରଛାତ୍ରୀ ମାନେ ମତ ଦେଇଥିଲେ।

# ଜିତିଲା ଆଫଗାନିସ୍ତାନ, ଇଂଲଣ୍ଡ ବିଦା










## ଜର୍ଦ୍ଦାନଙ୍କ ୧୭୭ ରନ୍ ଆଗରେ ଫିକା ପଡ଼ିଲା ରୁଟ୍ଙ୍କ ୧୨୦

### ଆଫଗାନିସ୍ତାନ ୩୨୫/୭, ଇଂଲଣ୍ଡ ୩୧୭

ଲାହୋର, ୨୬।୨ : ଲାହୋର: ଚମ୍ପିଅନ୍ସ ଟ୍ରଫି ୨୦୨୫ରେ ବଡ଼ ବିପର୍ଯ୍ୟୟ ଘଟାଇଛି ଆଫଗାନିସ୍ତାନ। ଆଜି ଗଦାଫି ଷ୍ଟାଡିୟମରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ଅଷ୍ଟମ ମୁକାବିଲାରେ ଆଫଗାନିସ୍ତାନ ଇଂଲଣ୍ଡକୁ ୮ ରନରେ ହରାଇଛି ରୋମାଞ୍ଚକର ବିଜୟ ସହ ଆଫଗାନିସ୍ତାନର ସେମି ଫାଇନାଲ୍ର ଆଶା ଉଜ୍ଜୀବିତ ରହିଥିବା ବେଳେ ପରାଜୟ ସହ ଇଂଲଣ୍ଡ ଚମ୍ପିଅନ୍ସ ଟ୍ରଫିରୁ ବିଦା ହୋଇଛି। ଜୋ ରୁଟ୍ଙ୍କ ଶତକ ଉପରେ ଇବ୍ରାହିମ ଜଦ୍ରାନଙ୍କ ୧୭୭ ରନର ଇନିଂସ ଭାରି ପଡ଼ିଛି। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଜଦ୍ରାନଙ୍କ ୧୭୭ ରନ ଇନିଂସ ବଳରେ ୭ ୱିକେଟ୍ ହରାଇ ୩୨୫ ରନ କରିଥିଲା। ଜବାବରେ ଇଂଲଣ୍ଡ ଜୋ ରୁଟ୍ଙ୍କ ୧୨୦ ରନ ଇନିଂସ ସତ୍ତ୍ୱେ ୩୧୭ ରନରେ ଅଲଆଉଟ୍ ହୋଇଛି।

ବିଶେଷ କରି ଶେଷ ୩ ଓଭରରେ ଆଫଗାନିସ୍ତାନ ମ୍ୟାଚ୍ର ଗତିପଥ ବଦଳାଇ ଇଂଲଣ୍ଡ ହାତରୁ ବିଜୟ ଛଡ଼ାଇ ଆଣିଛି। ଅଜମତୁଲ୍ଲା ଉମରଜାଇ ୫ ୱିକେଟ୍ ନେଇ ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ୪୭ ତମ ଓଭରରେ ଇଂଲଣ୍ଡ ୭ ୱିକେଟ୍ ହରାଇ ୩୦୧ ରନ କରିଥିଲା। ଦଳକୁ ଜିତିବା ପାଇଁ ୧୮ ବଲ୍ରେ ୨୫ ରନ୍ ଦରକାର ଥିଲା । ୪୬ତମ ଓଭରରେ ୧୨୦ ରନ କରି ଜୋ ରୁଟ୍ ଆଉଟ ହୋଇଥିଲେ। ଏପରି ସ୍ଥିତିରେ ଇଂଲଣ୍ଡ ଆଶା କରିଥିଲା ଯେ, ଅଲରାଉଣ୍ଡର ଜେମି ଓଭରଟନ୍ ଦଳକୁ ବିଜୟୀ କରାଇବେ। କିନ୍ତୁ ଶେଷ ୩ ଓଭରରେ, ଆଜମତୁଲ୍ଲା ଉମରଜାଇ ଏବଂ ଫଜଲ ହକ୍ ଫାରୁକିଙ୍କ ଘାତକ ବୋଲିଂ ଯୋଗୁଁ ଇଂଲଣ୍ଡର ନିମ୍ନ କ୍ରମ ଧସି ଯାଇଥିଲା ୪୮ତମ ଓଭରରେ ଉମରଜାଇ ଓଭରଟନଙ୍କ ୱିକେଟ ନେଇଥିଲେ । ପରବର୍ତ୍ତୀ ଓଭରରେ ଫାରୁକି ଜୋଫ୍ରା ଆର୍ଚରଙ୍କୁ ଆଉଟ୍ କରିଥିଲେ। ୫୦ ଓଭର ପୂରଣ ହେବା ପୂର୍ବରୁ ଆଦିଲ ରସିଦ ମଧ୍ୟ ଆଉଟ୍ ହୋଇଥିଲେ। ଏହିପରି ଆଫଗାନିସ୍ତାନ ଦଳ ଶେଷ ୩ ଓଭରରେ ମ୍ୟାଚ୍କୁ ଓଲଟାଇ ଦେଇଥିଲା ଏବଂ ୮ ରନ୍ରେ ମ୍ୟାଚ୍ଜିତି ନେଇଛି। ଆଫିଗାନିସ୍ତାନର ଆଜମତୁଲ୍ଲା ଉମରଜାଇ ୫ ୱିକେଟ ନେଇଛନ୍ତ। ଇଂଲଣ୍ଡ ପକ୍ଷରୁ ଡକେଟ ୩୮, ବଟଲର ୩୮, ଓଭରଟନ୍ ୩୨ ରନ୍ କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନକୁ ପ୍ରାରମ୍ଭିକ ଝଟକା ଲାଗିଥିଲା ୩୭ ରନ ସ୍କୋରରେ ଦଳ ୩ଟି ୱିକେଟ୍ ହରାଇଥିଲା। ରେହମନୁଲ୍ଲା ଗୁରବାଜ(୬), ସେଦିକୁଲ୍ଲା ଅଟଲ(୪) ଓ ରହମତ ଶାହ(୪) ଆଉଟ୍ ହୋଇଥିଲେ। ଏହା ପରେ ଓପନର ଇବ୍ରାହିମ ଜଦ୍ରାନ ଓ ହସମତୁଲ୍ଲା ସାହିଦି ଇନିଂସ ସମ୍ଭାଳିଥିଲେ ।ଉଭୟ କ୍ରିଜରେ ଜମିବା ପରେ ଉଭୟ ସଟ୍ ଖେଳିବା ଆରମ୍ଭ କରିଥିଲେ। ବିଶେଷ କରି ଜଦ୍ରାନ ଦ୍ରୁତ ବ୍ୟାଟିଂ କରିଥିଲେ। ଦୁଇ ବ୍ୟାଟର ଚତୁର୍ଥ ୱିକେଟ୍ ପାଇଁ ୧୦୩ ରନ ଯୋଡ଼ିଦଳୀୟ ସ୍କୋରକୁ ୧୪୦ ରନରେ ପହଞ୍ଚାଇଥିଲେ। ସାହିଦି ୪୦ ରନର ଉପଯୋଗୀ ରନ କରି ଆଉଟ୍ ହୋଇଥିଲେ ।ଏହା ପରେ ଜଦ୍ରାନ ଅଜମତୁଲ୍ଲାଙ୍କ ସହ ରନ ଗତି ବଜାୟ ରଖିଥିଲେ। ଉଭୟ ପଞ୍ଚମ ୱିକେଟରେ ୭୨ ରନ ଯୋଡ଼ିଦଳର ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ୨୧୨ ରନ ସ୍କୋରରେ ଅଜମତୁଲ୍ଲା ଆଉଟ୍ ହୋଇଥିଲେ ଏହା ପୂର୍ବରୁ ସେ ୩୧ ବଲ୍ରୁ ୧ ଚୌକା ଓ ୩ ଛକା ସହ ୪୧ ରନ କରିଥିଲେ। ଅନ୍ୟପଟେ କ୍ରିଜରେ ଜମିଥିବା ଜଦ୍ରାନ ଦମଦାର ବ୍ୟାଟିଂ କରି ଦିନିକିଆରେ ଷଷ୍ଠ ଶତକ ହାସଲ କରିଥିଲେ। ଜଦ୍ରାନ ଓ ମହମ୍ମଦ ନବି ଧୂଆଁଧାର ବ୍ୟାଟିଂ କରି ଷଷ୍ଠ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ କରି ଆଫଗାନିସ୍ତାନର ସ୍କୋରକୁ ୩୧୨ ରନରେ ପହଞ୍ଚାଇଥିଲେ। ଶେଷ ଓଭରରେ ଜଦ୍ରାନଙ୍କ ମାରାଥନ ଇନିଂସର ଅନ୍ତ ଘଟିଥିଲା।ସେ ୧୪୬ ବଲରୁ ୧୨ ଚୌକା ଓ ୬ଛକା ସହ ୧୭୭ ରନ କରିଥିଲେ ଚମ୍ପିଅନ୍ସ ଟ୍ରଫି ଇତିହାସରେ ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ କରିଛନ୍ତି। ଇବ୍ରାହିମ ଜଦ୍ରାନ ନବି ୨୪ ବଲରୁ ୧ ଚୌକା ଓ ୩ ଛକା ଜରିଆରେ ୪୦ ରନ କରିଥିଲେ। ଶେଷରେ ଆଫଗାନିସ୍ତାନ ୭ ୱିକେଟ୍ ହରାଇ ୩୨୫ ରନ କରିଥିଲା। ବୋଲିଂରେ ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର ୬୪ ରନ ଦେଇ ୩ଟି ୱିକେଟ୍ ନେଇଛନ୍ତି।ଲିୟାମ ଲିଭିଙ୍ଗଷ୍ଟୋନଙ୍କୁ ଦୁଇଟି ସଫଳତା ମିଳିଥିବା ବେଳେ ଜେମି ଓଭରଟନେ ଓ ଆଦିଲ ରଶିଦଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

# ସନ୍ନ୍ୟାସ ନେବେ ଫଖର ଜମାନ

ଇସଲାମାବାଦ, ୨୬।୨ : ଘରୋଇ ମଇଦାନରେ ଆୟୋଜିତ ଚମ୍ପିଅନ୍ସ ଟ୍ରଫିରେ ଲଜ୍ଜାଜନକ ପ୍ରଦର୍ଶନ ପରେ ପାକିସ୍ତାନ କ୍ରିକେଟ ଦଳରେ ଅଶାନ୍ତି ଆରମ୍ଭ ହୋଇଛି। ନ୍ୟୁଜିଲ୍ୟାଣ୍ଡ ଏବଂ ଭାରତଠାରୁ ପରାଜୟ ପରେ ଏବେ ପାକିସ୍ତାନ କ୍ରିକେଟ ଦଳର ଜଣେ ବଡ଼ ଖେଳାଳି ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନୀ ଗଣମାଧ୍ୟମରୁ ଆସୁଥିବା ରିପୋର୍ଟ ଅନୁସାରେ, ଦଳର ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏବଂ ଚମ୍ପିଅନ୍ସ ଟ୍ରଫି ୨୦୧୭ ଫାଇନାଲ ହିରୋ ଫଖର ଜମାନ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଛନ୍ତି।ଏହି ବାମହାତୀ ଷ୍ଟାର ବ୍ୟାଟ୍ସମ୍ୟାନ୍ ଖୁବ୍ଶୀଘ୍ର ଏହାକୁ ନେଇ ଆନୁଷ୍ଠାନିକ ଭାବରେ ଘୋଷଣା କରିବେ।



୨୯ ବର୍ଷ ପରେ ପ୍ରଥମ ଥର ପାଇଁ ଆଇସିସି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ପାକିସ୍ତାନକୁ ଦୃଢ଼ ପ୍ରଦର୍ଶନ ଆଶା କରାଯାଉଥିଲା, କିନ୍ତୁ ମହମ୍ମଦ ରିଜାନଙ୍କ ନେତୃତ୍ୱାଧୀନ ଦଳ ପ୍ରଶଂସକମାନଙ୍କୁ ବହୁତ ନିରାଶ କରିଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏବଂ ଦ୍ୱିତୀୟ ମ୍ୟାଚ୍ରେ ଭାରତ ବିପକ୍ଷରେ ପରାଜୟ ସହିତ ଦଳ ପ୍ରଥମ ରାଉଣ୍ଡରୁ ବାଦ ପଡ଼ିଛି। ସେବେଠାରୁ ସମସ୍ତେ ଦଳର ଖେଳାଳିଙ୍କୁ ଟ୍ରୋଲ୍ କରୁଛନ୍ତି ପୂର୍ବତନ କ୍ରିକେଟର ଏବଂ ଗଣମାଧ୍ୟମ ବ୍ୟତୀତ ପ୍ରଶଂସକମାନେ ମଧ୍ୟ ଦଳରେ ପରିବର୍ତ୍ତନ ଦାବି କରୁଛନ୍ତି।

ପ୍ରଶଂସକଙ୍କ ଦାବି ମଧ୍ୟରେ ପାକିସ୍ତାନର କିମ୍ବଦନ୍ତୀ ଓପନର ଫଖର ଜମାନ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନୀ ଗଣମାଧ୍ୟମ ସାମା ଟିଭିର ରିପୋର୍ଟ ଅନୁଯାୟୀ, ୩୪ ବର୍ଷୀୟ ଫଖର ଜମାନ ଏ ବିଷୟରେ ତାଙ୍କର ନିକଟତମ ଲୋକଙ୍କ ସହ କଥା ହୋଇଛନ୍ତି ଏବଂ ସେମାନଙ୍କୁ କହିଛନ୍ତି ଯେ ସେ ଅବସର ନେବାକୁ ଯାଉଛନ୍ତି। ଖୁବ୍ଶୀଘ୍ର ସେ ଏହାକୁ ଆନୁଷ୍ଠାନିକ ଭାବରେ ଘୋଷଣା ମଧ୍ୟ କରିବେ। କେବଳ ଏତିକି ନୁହେଁ, ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ ଫଖର ଖୁବ ଶୀଘ୍ର ପାକିସ୍ତାନ ଛାଡି ତାଙ୍କ ପରିବାର ସହିତ ଅନ୍ୟ ଦେଶରେ ରହିବାକୁ ଯୋଜନା କରୁଛନ୍ତି।ଚମ୍ପିଅନ୍ସ ଟ୍ରଫି ପରାଜୟ ପରେ ପାକିସ୍ତାନୀ ଦଳର ଏହା ବିପର୍ଯ୍ୟୟ ସାବ୍ୟସ୍ତ ହେବ। ଫଖରଙ୍କ କ୍ୟାରିଅର ମଧ୍ୟ ୨୦୧୭ ଚମ୍ପିଅନ୍ସ ଟ୍ରଫି ସହିତ ଆରମ୍ଭ ହୋଇଥିଲା। ଏହି ଟୁର୍ନାମେଣ୍ଟର ଫାଇନାଲରେ ସେ ଭାରତ ବିପକ୍ଷରେ ଏକ ଚମତ୍କାର ଶତକ ହାସଲ କରି ତାଙ୍କ ଦଳକୁ ଚମ୍ପିଅନ କରିଥିଲେ। ଏବେ ୮ ବର୍ଷ ପରେ ଚମ୍ପିଅନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍ରେ ବିଦାୟ ନେବା ସହିତ ତାଙ୍କ କ୍ୟାରିଅରେ ଅନ୍ତ ହେବାକୁ ଯାଉଛି ।ଫଖର ୮୬ଟି ଦିନିକିଆ। ମ୍ୟାଚ୍ରେ ୪୬ ହାରରେ ୩୬୫୧ ରନ କରିଛନ୍ତି, ଯେଉଁଥିରେ ୧୧ ଶତକ ଏବଂ ୧୭ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ସେ ପାକିସ୍ତାନ ପାଇଁ ରେ ଦ୍ୱିଶତକ ହାସଲ କରିଥିବା ଏକମାତ୍ର ବ୍ୟାଟସମ୍ୟାନ।

## ଦିନିକିଆ ର୍ୟାଙ୍କିଂ : କୋହଲି ଓ ଶାମିଙ୍କୁ ଫାଇଦା

ନୂଆଦିଲ୍ଲୀ, ୨୬।୨ : ଆଇସିସି ପକ୍ଷରୁ ବୁଧବାର ଦିନିକିଆ। ରାଙ୍କିଂ ପ୍ରକାଶ କରିଛି। ବିରାଟ କୋହଲି ଏଥିରୁ ଲାଭ ପାଇଛନ୍ତି ୨୦୨୫ ଚମ୍ପିଅନ୍ସ ଟ୍ରଫି ମ୍ୟାଚ୍ରେ କୋହଲି ପାକିସ୍ତାନ ବିପକ୍ଷରେ ଶତକ ହାସଲ କରିଥିଲେ। କୋହଲିଙ୍କୁ ରାଙ୍କିଂ ମାଧ୍ୟମରେ ଏହାର ପୁରସ୍କାର ମିଳିଛି। ଦିନିକିଆ ବ୍ୟାଟିଂ ରାଙ୍କିଂର ଶ୍ରେଷ୍ଠ ପାଞ୍ଚଟି ସ୍ଥାନରେ ତିନି ଜଣ ଭାରତୀୟ ଖେଳାଳି ଅଛନ୍ତି।

ଟିମ ଇଣ୍ଡିଆ। ଦିନିକିଆ। ବ୍ୟାଟିଂ ରାଙ୍କିଂରେ ପ୍ରାଧାନ୍ୟ ବିସ୍ତାର କରୁଛି। ଏଥିରେ ଶୁବମନ ଗିଲ ଶୀର୍ଷରେ ଅଛନ୍ତି ତାଙ୍କୁ ୮୧୭ ରେଟିଂ ମିଳିଛି। ବାବର ଆଜମ ଦ୍ୱିତୀୟ ସ୍ଥାନରେ ଅଛନ୍ତି ତାଙ୍କୁ ୭୭୦ ରେଟିଂ ମିଳିଛି। ଭାରତୀୟ ଅଧିନାୟକ ରୋହିତ ଶର୍ମା ତୃତୀୟ ସ୍ଥାନରେ ଅଛନ୍ତି। ତାଙ୍କୁ ୭୫୭ ରେଟିଂ ମିଳିଛି ଦକ୍ଷିଣ ଆଫ୍ରିକାର ହେନରିଚ କ୍ଲାସେନ ଚତୁର୍ଥ ସ୍ଥାନରେ ଅଛନ୍ତି।ଏହା ପରେ, କୋହଲି ପଞ୍ଚମ ସ୍ଥାନରେ ଅଛନ୍ତି କୋହଲିଙ୍କୁ ୭୪୩ ରେଟିଂ ମିଳିଛି। କୋହଲି ପାକିସ୍ତାନ ବିପକ୍ଷରେ ୧୧୧ଟି ବଲ ଖେଳି ଅପରାଜିତ ୧୦୦ ରନ କରିଥିଲେ। କୋହଲିଙ୍କ ଏହି ଇନିଂସରେ ୭ଟି ଚୌକା ମଧ୍ୟ ସାମିଲ ଥିଲା ।ଆଘାତ ଯୋଗୁ ଶାମି ଦୀର୍ଘ ଦିନ ଧରି ଟିମ ଇଣ୍ଡିଆରୁ ବାହାରେ ରହିଥିଲେ ଦଳକୁ ଫେରି ସେ ଚମତ୍କାର ବୋଲିଂ କରିଥିଲେ। ସେ ଚମ୍ପିଅନ୍ସ ଟ୍ରଫି ୨୦୨୫ର ଦୁଇଟି ମ୍ୟାଚରେ ୫ଟି ଉଇକେଟ ନେଇଛନ୍ତି ଶାମିଙ୍କୁ ଦିନିକିଆ। ରାଙ୍କିଂରେ ଏଥିରୁ ଲାଭ ମିଳିଛି। ପୂର୍ବରୁ ସେ ୧୫ତମ ସ୍ଥାନରେ ଥିଲେ କିନ୍ତୁ ଏବେ ଏହା ୧୪ତମ ସ୍ଥାନରେ ପହଞ୍ଚିଛି।ବୋଲିଂ ରାଙ୍କିଙ୍ଗରେ ଭାରତର କୁଲଦୀପ ଯାଦବ ତୃତୀୟ ସ୍ଥାନରେ ଅଛନ୍ତି। ଶ୍ରୀଲଙ୍କା ଖେଳାଳି ମହୀଶ ତିକ୍ଷଣା ଶୀର୍ଷରେ ଅଛନ୍ତି।

## ୧୫ତମ ଇସ୍ପାତ ସିନର୍ଜି କ୍ରିକେଟ୍ ଚମ୍ପିୟାନସିପ୍

# ଇଲେକ୍ଟ୍ରିକଲ ଓ ପାୱାର ଦଳ ଚମ୍ପିୟାନ

ରାଉରକେଲା, ୨୬।୨ : ସେଲ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀ ଭିତ୍ତିକ ପ୍ରୟାସ ପଞ୍ଚଦଶ ଇସ୍ପାତ ସିନର୍ଜି କ୍ରିକେଟ୍ ଚମ୍ପିଅନସିପ୍- ୨୦୨୫ରେ ଇଲେକ୍ଟ୍ରିକଲ ଓ ପାୱାର ଦଳ ଚମ୍ପିୟାନ୍ ଆଖ୍ୟା ଲାଭ କରିଛି। ୨୫ ତାରିଖରେ ସେକ୍ଟର ୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ଠାରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ପୂର୍ବ ବର୍ଷର ବିଜେତା ଇଲେକ୍ଟ୍ରିକଲ ଓ ପାୱାର ଦଳ ୫ ୱିକେଟରେ ଷ୍ଟିଲ ମେଲ୍ଟିଂ ସପ-୨ ଦଳକୁ ପରାସ୍ତ କରିଥିଲା।



ଚମ୍ପିୟାନସିପର ଉଦଯାପନୀ ସମାରୋହରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ବହୁ ସିଜିଏମ ଏବଂ କାରଖାନାର ଅନ୍ୟ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ।

ଶ୍ରୀ ବର୍ମା ଶ୍ରେଷ୍ଠ କ୍ରୀଡ଼ା ମନୋଭାବ ତଥା ଦଳଗତ ଭାବନା ପ୍ରଦର୍ଶନ ପାଇଁ ବିଜେତା ତଥା ସମସ୍ତ ଅଂଶଗ୍ରହଣକାରୀ ଦଳଙ୍କୁ ଅଭିନନ୍ଦନ ଜଣାଇଥିଲେ ।ସେ ସମସ୍ତ ଖେଳାଳୀ ଓ ଦଳଙ୍କ ଖେଳୁଆଡ଼ ମନୋଭାବ ଏବଂ ଏକତାର ଭାବନାର ଉଚ୍ଚ ପ୍ରଶଂସା କରିଥିଲେ।

ଫାଇନାଲ ମ୍ୟାଚରେ ଏସଏମଏସ-୨ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ଧାର୍ଯ୍ୟ ୧୫ ଓଭରରେ ୬ ୱିକେଟ ହରାଇ ୧୧୧ ରନ ସ୍କୋର କରିଥିବା ବେଳେ ଇଲେକ୍ଟ୍ରିକଲ ଆଣ୍ଡ ପାୱାର ଦଳ ୧୪.୪ ଓଭରରେ ବିଜୟୀ ରନ ସଂଗ୍ରହ କରିଥିଲା। ଇଲେକ୍ଟ୍ରିକଲ ଆଣ୍ଡ ପାୱାର ଦଳର ମନୋଜ ସାହୁଙ୍କୁ ୪୪ ରନ ସ୍କୋର କରିବା ପାଇଁ ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ କରାଯାଇଥିଲା। ଶ୍ରୀ ସତ୍ୟ ରଥ ଓ ପ୍ରଶାନ୍ତ ମହାନ୍ତି ଫାଇନାଲ ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିଲେ। ଇ ଆଣ୍ଡ ପି ଦଳର ପ୍ରଫୁଲ୍ଲ ସାହୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ରମାକାନ୍ତ ଦାସ ଶ୍ରେଷ୍ଠ ବୋଲର ପୁରସ୍କାର ଲାଭ କରିଥିଲେ। ବରିଷ୍ଠ ଅତିଥିମାନେ ମ୍ୟାଚ୍ ଅଫିସିଆଲ୍, ସମସ୍ତ ୧୬ଟି ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବ୍ୟାଟ୍ସମ୍ୟାନ୍, ବେଷ୍ଟ ବୋଲର ଏବଂ ବିଜେତା ତଥା ରନର୍ସ ଅପ୍ ଦଳର ସଦସ୍ୟ ଏବଂ ବ୍ୟକ୍ତିଗତ ପୁରସ୍କାର ଗୁଡିକ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚର୍ଜ ଶ୍ରୀ ପି କେ ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

# ଯୁବରାଜଙ୍କ ସହ ହରଭଜନଙ୍କ ଭୟଙ୍କର ଝଗଡ଼ା

ନୂଆଦିଲ୍ଲୀ, ୨୬।୨ : ସୋସିଆଲ ମିଡିଆରେ ଜୋରଦାର ଝଗଡ଼ାକୁ ନେଇ ଟିମ୍ ଇଣ୍ଡିଆର ପୂର୍ବତନ ଖେଳାଳି ହରଭଜନ ସିଂହ ଖବର ଶିରୋନାମାକୁ ଆସିଛନ୍ତି। ସେ ପ୍ରାୟତଃ ସୋସିଆଲ ମିଡିଆରେ କିଛି ନା କିଛି ଲେଖିଥାନ୍ତି। ହେଲେ ଏବେ ସୋସିଆଲ ମିଡିଆରେ କିଛି ପ୍ରଶଂସକଙ୍କ ସହ ଯୁକ୍ତିତର୍କରେ ଫସିଯିବା ପରେ କଥା ଏଫ୍ଆଇଆର୍ ପର୍ଯ୍ୟନ୍ତ ପହଞ୍ଚିଛି।

ପାକିସ୍ତାନ ବିପକ୍ଷରେ ଭାରତର ବିଜୟ ପରେ, ହରଭଜନ ସୋସିଆଲ ମିଡିଆରେ ଲେଖିଥିଲେ, ଭାରତର ବିଜୟର ଉତ୍ସବ। ଏହା ଉପରେ ମନ୍ତବ୍ୟ ଦେଇ ଜଣେ ପ୍ରଶଂସକ ତାଙ୍କ ହିନ୍ଦୀ କମେଣ୍ଟ୍ରିକୁ ଟାର୍ଗେଟ କରିଥିଲେ। ଏହି ବ୍ୟବହାରକାରୀ ଲେଖିଥିଲେ, ଏହି ସୁନ୍ଦର ନୀଳ ଗ୍ରହରେ ହିନ୍ଦୀ କମେଣ୍ଟ୍ରି ସବୁଠାରୁ ଖରାପ ଜିନିଷ ମଧ୍ୟରୁ ଗୋଟିଏ ହୋଇପାରେ। କ୍ରିକେଟର ଉକ୍ତ ବ୍ୟବହାରକାରୀଙ୍କୁ ଜବାବ ଦେବା ପରେ ଏହି ବିତର୍କ ଆହୁରି ବୃଦ୍ଧି ପାଇଥିଲା।

ହରଭଜନ ଏହି ବ୍ୟବହାରକାରୀଙ୍କୁ ଉତ୍ତର ଦେଇ ଲେଖିଥିଲେ, ବାଃରେ, ଇଂରେଜଙ୍କ ପୁଅ। ତୁମ ଉପରେ ଲଜ୍ଜା ଲାଗୁଛି ନିଜ ଭାଷା କହିବା ଏବଂ ଶୁଣିବାରେ ଗର୍ବ ଅନୁଭବ କରିବା ଉଚିତ। ଏହା ପରେ ରାଣ୍ଡମ ସେନା ନାମକ ଏକ ଆକାଉଣ୍ଟ ଲେଖିଥିଲା, ତୁମେ ହିନ୍ଦୀରେ କାହିଁକି ଲେଖିଲ ନାହିଁ ? ହଁ, ଗର୍ବିତ ଅନୁଭବ କରିବା କଥା ହେଲେ ଅହଂକାରୀ ନୁହେଁ। କ୍ରିକେଟର ମଧ୍ୟ ଏହାର ଉତ୍ତର ଦେଇ ଲେଖିଥିଲେ, ତୁମେ ପାଗଳ ଭଳି ଲାଗୁନାହଁ, କିନ୍ତୁ ତୁମର ମୁଣ୍ଡ ଚହଲି ଯାଇଥିବା ପରି ମନେ ହେଉଛି, ଏହା ଠିକ ଲେଖିଲି କି ଭାଇ ?ଏହି ପୋଷ୍ଟର ଉତ୍ତର ଦେଇ ଉକ୍ତ ବ୍ୟବହାରକାରୀ ଲେଖିଥିଲେ। ଏହା ଶୁଦ୍ଧ ହିନ୍ଦୀ, ଏବେ ତୁମେ ଏହାକୁ ଅନ୍ୟମାନଙ୍କୁ କହିପାରିବ। ହରଭଜନ ଏଠାରେ ଅଟକି ନ ଥିଲେ ଏବଂ ଏହି ପୋଷ୍ଟର ମଧ୍ୟ ଉତ୍ତର ଦେଇ ଲେଖିଥିଲେ। ଏହା ହୋଇନାହିଁ ମୁଁ ଆପଣଙ୍କ ଚିକିତ୍ସା ଏବଂ ଶୀଘ୍ର ଆରୋଗ୍ୟର କାମନା କରୁଛି। କଥା ଏଇଠି ସରି ନ ଥିଲା ଉକ୍ତ ବ୍ୟବହାରକାରୀ ଇଞ୍ଜାମାମ-ଉଲ-ହକଙ୍କ ଏକ ଭିଡିଓ ଶେୟାର କରିବା ପରେ ବିତର୍କ ଆହୁରି ବଢ଼ିଯାଇଥିଲା। ଯେଉଁଥିରେ ଇଞ୍ଜାମାମ କହୁଥିଲେ ଯେ ଖେଳୁଥିବା ସମୟରେ ଆମେ ଏକ କୋଠରୀ ତିଆରି କରିଥିଲୁ। ଯେଉଁଥିରେ ଆମେ ନମାଜ ପଢୁଥିଲୁ ୧-୨ ଦିନ ପରେ, ଭାରତରୁ ମୁସଲିମ କ୍ରିକେଟରମାନେ ମଧ୍ୟ ସେଠାକୁ ଆସିବା ଆରମ୍ଭ କଲେ ଏବଂ କିଛି ଭାରତୀୟ ଖେଳାଳି ମଧ୍ୟ ନମାଜ ପରେ ମୌଲାନା ଆମ ସହିତ କଥା ହେଉଥିଲେ। ଗୋଟିଏ ଦିନ ହରଭଜନ ମୋତେ କହିଲେ ଯେ ସେ ଭାବୁଛନ୍ତି ଯେ ମୁଁ ତାଙ୍କ ସହିତ ସହମତ ହେବା ଉଚିତ। ମୁଁ କହିଲି ରାଜି, ତାପରେ ସେ କହିଲେ ମୁଁ ତୁମକୁ ଦେଖିବା ପରେ ବନ୍ଦ କରିବି।



ହରଭଜନ ଏହି ପୋଷ୍ଟର ଉତ୍ତର ଦେଇ କହିଥିଲେ, ମାନସିକ ଚିକିତ୍ସା ପାଇଁ ତାଙ୍କୁ ସାଙ୍ଗରେ ହସ୍ପିଟାଲ ନେଇଯାଅ। ତାଙ୍କୁ ମଧ୍ୟ ତୁମ ପରି ଚିକିତ୍ସା ଆବଶ୍ୟକ। ଏହା ପରେ, ଭଜ୍ଜୀ ଏହି ଉପଭୋକ୍ତାଙ୍କ ଏକ ପୁରୁଣା ପୋଷ୍ଟ ଶେୟାର କରିଥିଲେ। ଯେଉଁଥିରେ ସେ ଅଯୋଧ୍ୟାର ହିନ୍ଦୁମାନଙ୍କ ଉପରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଭଜ୍ଜୀ ଲେଖିଥିଲେ, ତୁମେ କେଉଁ ପକ୍ଷରେ ଅଛ ? କିଏ ଅଯୋଧ୍ୟାର ଆମର ହିନ୍ଦୁ ଭାଇମାନଙ୍କ ବିଷୟରେ ଖରାପ କହୁଛି ? ତୁମର ମାନସିକ ଅବସ୍ଥା ଅପେକ୍ଷା ତୁମେ ଜଣେ ଦେଶଦ୍ରୋହୀ ବୋଲି ମୁଁ ସନ୍ଦେହ କରୁଛି। ଭଜ୍ଜୀ ଏହି ବ୍ୟବହାରକାରୀଙ୍କ ଅନ୍ୟ ଏକ ପୋଷ୍ଟର ଉତ୍ତର ଦେଇ ଲେଖିଛନ୍ତି, ତୁମର ଏହି ମଇଳା ଭାଷା ସ୍ପଷ୍ଟ କରୁଛି ଯେ ତୁମେ ଜଣେ ଅନୁପ୍ରବେଶକାରୀ। କାରଣ ଆମେ ଏଠାରେ ସେପରି କଥା ହେଉନାହୁଁ ତୁମେ ମୋ ସାମ୍ନାରେ କୁଲ୍ ଦେଖାଯିବା ପାଇଁ ଯେଉଁ ଗାଳି ଦେଇଥିଲ, ତାହା ରେକର୍ଡ କରାଯାଇଛି ଏବଂ ଏକ ଏଫ୍ଆଇଆର୍ ରୁଜୁ କରାଯାଇଛି ବୋଲି କ୍ରିକେଟର କହିଛନ୍ତି।

## ରାଜ୍ୟ ବରିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ

# ଭୁବନେଶ୍ୱର ଦଳଗତ ବିଜେତା

ଭୁବନେଶ୍ୱର, ୨୬।୨ : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍ଠାରେ ଓଡ଼ିଶା ରାଜ୍ୟ କରାଟେ ସଂଘ (ଓସ୍କା) ଆନୁକୂଲ୍ୟରେ ଆୟୋଜିତ ୩୬ତମ ରାଜ୍ୟ ବରିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ଉଦ୍ଯାପିତ ହୋଇଛି। ୩୧ ବର୍ଗ ମଧ୍ୟରୁ ୨୨ଟି ସ୍ୱର୍ଣ୍ଣ ପଦକ ଜିତି ଭୁବନେଶ୍ୱର ଦଳଗତ ବିଜେତା ହୋଇଛି।

ବରିଷ୍ଠ ପୁରୁଷ ଦଳଗତ କାଟେରେ କ୍ରିଷ୍ଣା ଶିକାରୀ, ଯୋଗେଶ ବରିହା ଓ ମହେଶ ଦୋରାଙ୍କୁ ନେଇ ଗଠିତ ଭୁବନେଶ୍ୱର ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା। ପୁରୀକୁ ରୌପ୍ୟ ଓ କଟକକୁ କାଂସ୍ୟ ମିଳିଛି। ବିଭିନ୍ନ ଓଜନ ବର୍ଗରେ ପ୍ରିୟଦର୍ଶିନୀ ଦାସ ୩ଟି, ନ୍ୟାସା କୁମାରୀ, ଜ୍ୟୋତିରଂଜନ ରାଉତ, ତ୍ରିଲୋଚନ ରଣା, ରିତେଶ ମହାନ୍ତି ୨ ଲେଖାଏଁ ଏବଂ ଦୀପଶିଖା ସାମନ୍ତରାୟ, ସୁହାନୀ ପାତ୍ର, ରୋଜାଲିନ ଜେନା, ଶ୍ରୀଜିତା ବରାଳ, ସିନ୍ଧୁ ତନୟା ଖୁଣ୍ଟିଆ, ଲୋମା ସ୍ୱାଇଁ, ଅନୁପମା ସ୍ୱାଇଁ, ସୋନାଲି ପାଣିଗ୍ରାହୀ, ବି ଶ୍ରୀତମ, ତ୍ରିନାଥ ରଣା, ପ୍ରତ୍ୟୁଷ ମହାପାତ୍ର, ଓମ୍ ଶୁଭମ୍ ମହାନ୍ତି, ଅଭିଜିତ ମିଶ୍ର, ଡି ଭଗବାନ ରେଡ୍ଡୀ, କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ସୁମନ ଶେଖର ଦାସ, ରିତେଶ ରାୟ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ହାଇଦ୍ରାବାଦରେ ହେବାକୁ ଥିବା ଜାତୀୟ ବରିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ଲାଗି ଚୟନ କରାଯିବ ବୋଲି ଓସ୍କାର ସମ୍ପାଦକ ଗୌରୀ ମହାନ୍ତି ଜଣାଇଛନ୍ତି ।

ଏହି ପ୍ରତିଯୋଗିତାରେ ୧୮ ଜିଲ୍ଲା କରାଟେ ସଂଘରୁ ୧୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ରାଜ୍ୟ କରାଟେ ସଂଘର ପ୍ରତିଷ୍ଠାତା ସଦସ୍ୟ ସଞ୍ଜୟ ଦାସ, ସନତ କୁମାର ନାୟକ, ପ୍ରଦୀପ କୁମାର ସରକାର, ପ୍ରକାଶ କୁମାର ପଟ୍ଟନାୟକ, ଆଇନଜୀବୀ କାଳୀପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ରାଜୀବ କୁମାର ସିଂହ, ସୁରେଶ ଚନ୍ଦ୍ର ଜାଲ୍, ସୁବାଶିଷ ମହାପାତ୍ର, ରାଜେନ୍ଦ୍ର କେଶରୀ ସାମଲ, କେଜିକେ ପ୍ରତିହାରୀ, ଗୋପାଳ ଦାସ, ଦେବବ୍ରତ ସମାଦାର, ଗୋପାଳ ଦୀପ, ଗୋପାଳ ଚନ୍ଦ୍ର କହଁର, ହୃଦୟ ଶବର, ପ୍ରଦୀପ ଦେ, ରେନକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାରଣା, ଚନ୍ଦ୍ରଶେଖର ସେଠ୍, ଉମାକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ